

ଆଇପିଏଲ୍ ନିଲାମୀ: ଗ୍ରୀନ୍ ସବୁଠୁ ଦାମୀ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-171 ♦WEDNESDAY ♦17 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୭୧ ♦ବୁଧବାର ♦୧୭ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ‘ମନରେଗା’ର ନାମ ପରିବର୍ତ୍ତନ

# ସଂସଦରେ ହଙ୍ଗାମା

■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ହ୍ରାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା ସ୍କିମର ନାମ ବଦଳାଇବାକୁ ନେଇ ବିରୋଧୀ ଦଳ ଆଜି ସଂସଦ ଭିତରେ ଓ ବାହାରେ ପ୍ରବଳ ହଙ୍ଗାମା କରିଛନ୍ତି। ଏହା ବଦଳରେ ଆସିବାକୁ ଥିବା ନୂଆ ସ୍କିମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇଥିବାରୁ ସେମାନେ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ଜାତିର ପିତାଙ୍କ ପ୍ରତି ଅପମାନ ବୋଲି କହିଛନ୍ତି। ଆଜି

### ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନକୁ ସହିବୁ ନାହିଁ: ବିରୋଧୀ

### ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛନ୍ତି ମୋଦୀ ସରକାର: ମନ୍ତ୍ରୀ

### ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ ବିରୋଧୀ

ଲୋକସଭାରେ ସରକାର ଏସଂକ୍ରାନ୍ତ ବିଲ୍ ଆଗତ କରିବା ମାତ୍ରେ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହ୍ାନ ଏହି ବିଲ୍ ଆଗତ କରିବା ସହିତ ଏହା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ। ସେ କହିଥିଲେ ଯେ ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ବିଶ୍ୱାସ କରିବା ସହିତ ଏହାର ଅନୁକରଣ ମଧ୍ୟ କରୁଛନ୍ତି। ଗ୍ରାମାଞ୍ଚଳ ବିକାଶ ପାଇଁ ପୂର୍ବ ସରକାର ଯାହା କରିଥିଲେ ତାଠାରୁ ଅଧିକ ବିକାଶ କରିଛନ୍ତି ମୋଦୀ ସରକାର। କିନ୍ତୁ ବିରୋଧୀ ଦଳର ସଭ୍ୟମାନେ କିଛି ଶୁଣିନଥିଲେ। ସେମାନେ ଏହାର ଦୃଢ଼ ବିରୋଧ କରିବା ସହିତ ଅଧିକ ତର୍ଜମା ପାଇଁ ସଂସଦୀୟ କମିଟିକୁ ପଠାଇବା ଲାଗି ଦାବି କରିଥିଲେ। ସେମାନେ ହାତରେ ଗାନ୍ଧୀଙ୍କ ଫଟୋ ଧରି ସରକାରଙ୍କ ନୂଆ ଉଦ୍ୟମର ପ୍ରତିବାଦ କରିଥିଲେ।

ଏହାପରେ ବିରୋଧୀ ଦଳର ସଭ୍ୟମାନେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସି ଧାରଣା ଦେଇଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଡିଏମକେର ଟିଆର ବାଲୁ, ଆର୍ଏସପିର ଏନକେ ପ୍ରେମଚନ୍ଦ୍ରନ ସମେତ ବିଭିନ୍ନ ଦଳର ନେତା ସାମିଲ ହୋଇଥିଲେ। ‘ଗାନ୍ଧୀଜୀ କୋ ଅପମାନ, ନହିଁ ସହେଗା ହିନ୍ଦୁସ୍ତାନ’ ଭଳି ସେମାନେ ସ୍ଲୋଗାନ ଦେଇଥିଲେ। ସରକାରଙ୍କର ନାମ ବଦଳା ନୀତିର ତୀବ୍ର ସମାଲୋଚନା କରି ପ୍ରିୟଙ୍କା କହିଲେ ଯେ ବିଭିନ୍ନ ସ୍କିମର ନାମ ବଦଳାଇବା ସରକାରଙ୍କର ନିଶା ହୋଇଗଲାଣି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଏତେ ଅସହିଷ୍ଣୁତା କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। କୌଣସି ସ୍କିମର ନାମ ପରିବର୍ତ୍ତନ କଲେ, ଏଥିରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସରକାର କାହିଁକି ଏମିତି କରୁଛନ୍ତି, ତାହା ସେ ବୁଝିପାରୁ ନାହାନ୍ତି। ସେ କହିଲେ ଯେ ମନରେଗାରେ ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ବର୍ଷକୁ ଶହେ ଦିନର ନିଯୁକ୍ତି ପାଇଁ ଗ୍ୟାରେଣ୍ଟି ଦିଆଯାଇଛି। କିନ୍ତୁ ନୂଆ ସ୍କିମରେ ଏହି ଅଧିକାରକୁ ଦୁର୍ବଳ କରି ଦିଆଯାଇଛି। ସେ କହିଲେ ଯେ ନୂଆ ସ୍କିମରେ କାର୍ଯ୍ୟଦିବସକୁ ବୃଦ୍ଧି କରାଯାଇଛି। ତେବେ ମଜୁରି କାହିଁକି ବଢ଼ାଇଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ମନରେଗାରେ କାର୍ଯ୍ୟ ସଂପର୍କରେ ପଞ୍ଚାୟତ ନିଷ୍ପତ୍ତିନେଉଥିଲା, କିନ୍ତୁ ଏବେ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ।

ସେହିଭଳି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏସଂକ୍ରାନ୍ତ ବିଲର ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଆରମ୍ଭରୁ ପ୍ରଧାନମନ୍ତ୍ରୀ ମୋଦୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ବିରୋଧ କରି ଆସୁଛନ୍ତି। ଗାନ୍ଧୀଙ୍କ ନାମରେ ଥିବା ସ୍କିମଗୁଡ଼ିକୁ ଦୁର୍ବଳ କରିବା ଲାଗି ସେ ୨୦୧୪ରୁ ଚକ୍ରାନ୍ତ ଚଳାଇଛନ୍ତି। ▶ପୃଷ୍ଠା-୭

# ଅଲୋଡ଼ା ରେକର୍ଡ: ‘ଟଙ୍କା’ର ଅବମୂଲ୍ୟାୟନ ସର୍ବାଧିକ

## ୧ ଡଲାର୍ = ୯୧.୦୭ ଟଙ୍କା



### ବର୍ଷକରେ ଟଙ୍କା ମୂଲ୍ୟ ୬%ରୁ ଅଧିକ ଖସିଛି

■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଦୁର୍ବଳ ହେଉଛି ଭାରତୀୟ ମୁଦ୍ରା ‘ଟଙ୍କା’। କାରଣ ‘ଟଙ୍କା’ ମୂଲ୍ୟରେ ଅବମୂଲ୍ୟାୟନ ଧାରା ଜାରି ରହିଛି। ଫଳରେ ଏହି ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ପ୍ରଥମ ଥର ପାଇଁ ୯୧ ଟଙ୍କା ସ୍ତର ଟପିଛି। ଏମିତିକି ଭାରତୀୟ ଟଙ୍କା ଚଳିତ ବର୍ଷ ଏସିଆରେ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଜାନୁଆରୀରୁ ଡିସେମ୍ବର ୧୫ ମଧ୍ୟରେ ଟଙ୍କା ମୂଲ୍ୟରେ ସର୍ବାଧିକ ୬ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ତେବେ ଏଥିରେ କୌତୂହଳର ବିଷୟ ହେଉଛି ଯେ, ପଡୋଶୀ ପାକିସ୍ତାନ, ବାଙ୍ଗଲାଦେଶ ଏବଂ ଶ୍ରୀଲଙ୍କା ମୁଦ୍ରା ତୁଳନାରେ ମଧ୍ୟ ଟଙ୍କା ୨୦୨୫ରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ଅର୍ଥାତ୍ ୨୦୨୫ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ଘଟିଛି।

ଭାରତର ରପ୍ତାନି ସହ ପ୍ରତିଯୋଗିତା କରୁଥିବା ପ୍ରମୁଖ ଏସୀୟ ଦେଶଗୁଡ଼ିକର ମୁଦ୍ରା ଉପରେ ନଜର ପକାଇଲେ ଜଣାପଡ଼େ ଯେ, ଭାରତୀୟ ଟଙ୍କା, ଭିଏତନାମ୍‌ର ଡଙ୍ଗ ଏବଂ ଇଣ୍ଡୋନେସିଆନ୍ ରୂପିୟା ଚଳିତ ବର୍ଷ ଡଲାର ତୁଳନାରେ ଅଧିକ ହ୍ରାସ ଘଟିଛି। ଅପରପକ୍ଷେ ଦକ୍ଷିଣ କୋରିଆର ମୁଦ୍ରା ୱାନ୍ ମୂଲ୍ୟ ତୁଳନାତ୍ମକ ଭାବରେ ସ୍ଥିର ରହିଥିବାବେଳେ, ଚୀନ୍‌ର ୟୁଆନ୍, ସିଙ୍ଗାପୁର ଡଲାର, ଥାଇ ବାଟ ଏବଂ ମାଲେସିଆର ରିଙ୍ଗିଟ୍‌ର ସ୍ଥିତି ସୁଦୃଢ଼ ହୋଇଛି। ତେବେ ଯଦି ଆମେ ▶ପୃଷ୍ଠା-୭

### କୁହୁଡ଼ି ହେଲା କାଳ; ୮ ବସ-୩ କାର୍ ଧକ୍କା

# ୧୩ ଜୀବନ୍ତ ଦଗ୍ଧ; ୭୦ ଆହତ



■ ମଥୁରା, ୧୬।୧୨ (ଏଜେନ୍ସି): ଘନ କୁହୁଡ଼ି ଯୋଗୁଁ ଉତ୍ତର ପ୍ରଦେଶ ମଥୁରାର ଯମୁନା ଏକ୍ସପ୍ରେସୱେରେ ମଙ୍ଗଳବାର ବଡ଼ି ଭୋରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବଳଦେବ ଥାନା କ୍ଷେତ୍ରର ୧୨୭ ମାଇଲଷ୍ଟୋନ ନିକଟରେ ୮ ବସ୍ ଏବଂ ୩ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିଯୋଗୁଁ ଗାଡ଼ି ଗୁଡ଼ିକରେ ନିଆଁ ଲାଗି ବିଜେପି ନେତାଙ୍କ ସମେତ ୧୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୭୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ, ଏକ୍ସପ୍ରେସୱେକୁ ଘନ କୁହୁଡ଼ି ▶ପୃଷ୍ଠା-୭

**ଧଉଳି ଗଣଦୁଷ୍କର୍ମ**

# ଧରାଛୁଆଁ ବାହାରେ ଜୋକର ହାପି

### ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ମହିଳା କମିଶନ ସଦସ୍ୟା

■ ଭୁବନେଶ୍ୱର, ୧୬।୧୨ (ସମିସ): ଦିନ ଯେତିକି ଗଡୁଛି ଧଉଳି ଗଣଦୁଷ୍କର୍ମ ଗୁମରର କଳା କାହାଣୀ ଧୀରେଧୀରେ ଖୋଲିବାରେ ଲାଗିଛି। ନାବାଳିକା ଯୁକ୍ତ ଦୁଇ ଛାତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଲୁଟପାଟ କରାଯିବା ସହ ଗଣ ଦୁଷ୍କର୍ମ କରାଗଲା। ଏପରିକି ଗଣଦୁଷ୍କର୍ମର ଭିଡ଼ିଓ ରେକର୍ଡିଂ କରାଗଲା, ପୁଲିସରେ ଅଭିଯୋଗ କଲେ ଭିଡ଼ିଓ ଭାଇରାଲ କରାଯିବାକୁ ଧମକ ଦିଆଗଲା। ଏହି ବୀଭତ୍ସ ଘଟଣାକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି । ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଲୋକମାନେ ଭୟଭୀତ ହୋଇଛନ୍ତି। ଅନୁରୂପ ଭାବରେ ଘଟଣାକୁ ସମସ୍ତେ ନିନ୍ଦା କରୁଥିବାବେଳେ ଜଣେ ମହିଳା ଆଇଏଏସ୍ ଅଧିକାରୀ ମଧ୍ୟ ଏହି ▶ପୃଷ୍ଠା-୭

**ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ପୁଲିସ ନାରାଜ**

### ସୀମା ଟପୁଛି ଅରାଜକତା: ନବୀନ



**ବିଶ୍ୱସନୀୟତା ହରାଉଛନ୍ତି ରାଜ୍ୟର ବିଜେପି ସରକାର**

**ସମ୍ବେଦନହୀନ ଆଚରଣ ସରକାରଙ୍କ ଅପାରଗତା ଦର୍ଶାଉଛି**

■ ଭୁବନେଶ୍ୱର, ୧୬।୧୨ (ସମିସ): ଧଉଳିରେ ଜନୈକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ବିଚଳିତ କରିଦେବା ପରି ବିଷୟ। ରାଜ୍ୟରେ ବର୍ବରତା ଓ ଅରାଜକତା ସୀମା ଟପୁଛି, ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ନବୀନ କହିଛନ୍ତି ଯେ ରାଜ୍ୟରେ ଅପରାଧୀ ଭୟଶୂନ୍ୟ ହେଉଛନ୍ତି, ▶ପୃଷ୍ଠା-୭


KHIMJI TRUST SINCE 1936

KHIMJI® JEWELLERS SINCE 1936

90 YEARS OF KHIMJI LEGACY

ARRIVING @ JAJPUR ROAD

GRAND OPENING

20TH DECEMBER, 12 PM ONWARDS

BESIDE PANKAJ HOTEL, BANK STREET ROAD




11th SHOWROOM IN ODISHA | SPREAD ACROSS 6000 SQFT | JAJPUR ROAD'S ONLY ONE STOP JEWELLERY DESTINATION

90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road
BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JHARSUGUDA: Sarbahal Road, Marwari Para
PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

Follow us on: | 1800 3131 777 | Khimjijewellers.com

## ଭାଇ କହିବାରୁ ଚିକିତ୍ସା କଲେନି ଡାକ୍ତର

ମିରଟ, ୧୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟର ପ୍ୟାରେଲାଲ ଶର୍ମା ଜିଲ୍ଲା ହସ୍ପିଟାଲରେ ଅଜବ ଘଟଣା ଘଟିଛି। ଜଣେ ରୋଗୀ ଭାଇ ବୋଲି ଡାକି ଦେବାରୁ ଡାକ୍ତର ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ଏହାକୁ ନେଇ ପ୍ରବଳ ହଙ୍ଗାମା ହୋଇଛି। ମେଡିକାଲ ଦାୟିତ୍ୱରେ ଥିବା ଅଧିକାରୀ ହାତ ଯୋଡ଼ି କ୍ଷମା ମାଗିବା ପରେ ମାମଲା ଶାନ୍ତ ହୋଇଛି। ଗତ ସୋମବାର ଏହି ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ଭାରତୀୟ କିଷାନ ୟୁନିଅନ (ବିକେୟୁ)ର ଜିଲ୍ଲା ସମ୍ପାଦକ ବିଟ୍ଟୁ ଜଙ୍ଗେଠି ନିଜ ୬ ବର୍ଷୀୟ ଝିଅ ଶିବାଂଶୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ମୁଣ୍ଡବିନ୍ଧ ଥିବାରୁ ଝିଅକୁ ଶିଶୁ ରୋଗ ବିଶେଷଜ୍ଞଙ୍କ ପାଖରେ ଦେଖାଇ ଥିଲେ। ମାତ୍ର ଏତିକି ବେଳେ ଝିଅ ତାଙ୍କୁ ଭାଇ ବୋଲି ଡାକି ଦେଇଥିଲେ। ଏହା ଶୁଣି ଡାକ୍ତର ରାଗିଯାଇ ବିଟ୍ଟୁଙ୍କୁ ଅପମାନିତ କରିଥିଲେ। ଅଶାଳୀନ ବ୍ୟବହାର କରି ଚିକିତ୍ସା କରିବାକୁ ମନା କରିଦେଇଥିଲେ। ପ୍ରେସ୍କ୍ରିପସନ ଫୋପାଡ଼ି ଦେଇଥିଲେ। ହସ୍ପିଟାଲ ଗାର୍ଡଙ୍କୁ ଡାକି ପୁଲିସ ହେଲ୍‌ପଲାଇନକୁ ଫୋନ କରିଥିଲେ। ଏହା ଦେଖି ବିଟ୍ଟୁ ବିକେୟୁର ଜିଲ୍ଲା ସଭାପତି ଅନୁରାଗ ଚୌଧୁରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହା ପରେ ଅନୁରାଗଙ୍କ ନେତୃତ୍ୱରେ ଶହ ଶହ କର୍ମୀ ଆସି ଡାକ୍ତରଙ୍କ ବିରୋଧରେ ଅଧୀକ୍ଷକ ଡ. ଯୋଗେଶ ଅଗ୍ରୱାଲଙ୍କୁ ଅଭିଯୋଗ କରିଥିଲେ।ଏହି ସମୟରେ ଶିବାଂଶୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ବିଗିଡି ଯାଇଥିଲା। ଏହା ଦେଖି ସମସ୍ତେ ଭୟଭୀତ ହୋଇଯାଇଥିଲେ ଏବଂ ଡାକ୍ତର ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। ବିରୋଧ ବଢୁଥିବା ଦେଖି ଯୋଗେଶ ଅଗ୍ରୱାଲ କ୍ଷମା ମାଗିବାରୁ ମାମଲା ଶାନ୍ତ ପଡ଼ିଥିଲା।

## ବିମାନ ଦୁର୍ଘଟଣାଗ୍ରସ୍ତ; ୭ ମୃତ

ମେକ୍ସିକୋ ସିଟି, ୧୬।୧୨ (ଏଜେନ୍ସି): ମେକ୍ସିକୋର ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ଫୁଟବଲ୍ ପଡ଼ିଆରେ ଜରୁରୀକାଳୀନ ଅବତରଣ ପାଇଁ ପ୍ରୟାସ କରୁଥିବା ସମୟରେ ଏକ କ୍ଷୁଦ୍ର ଘରୋଇ ବିମାନ କାରଖାନା ସହ ମାଡ଼ ହୋଇଛି। ଏଥିଯୋଗୁ ବିମାନରେ ନିଆଁ ଲାଗି ୭ଜଣଙ୍କ ମୃତ୍ୟୁ ହୋଇଛି। ୩ ଜଣ ନିଖୋଜ ଅଛନ୍ତି। ସେମାନଙ୍କ ସନ୍ଧାନ ଜାରି ରହିଛି। ସୂଚନା ଅନୁଯାୟୀ, ସାନ ମାତେଓ ଅତେନକୋରେ ସୋମବାରଏହି ଦୁର୍ଘଟଣା ଘଟିଥିଲା। ବିମାନଟି ଅକାପୁଲକୋରୁ ଉଡ଼ାଣ କରୁଥିଲା। କିଛି ସମୟ ପରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣା ପଡ଼ିଥିଲା। ପରେ ପାଇଲଟ ଏକ ଫୁଟବଲ୍ ପଡ଼ିଆରେ ଜରୁରୀକାଳୀନ ଅବତରଣ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ଏହା ଅବତରଣ ସମୟରେ କାରଖାନାର ଲୁହା ଛାତ ସହିତ ଧକ୍କା ହୋଇଥିଲା। ଏହି ବିମାନରେ ୮ଜଣ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ଥିଲେ।

## ମେସି ବିବାଦ; ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା



କୋଲକାତା, ୧୬।୧୨ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ଲିୟୋନେଲ ମେସି ଝଡ଼ ଆସିଥିଲା। ଏହି ଝଡ଼ ପାଇଁ ସଲ୍ଟ ଲେକ୍ ଷ୍ଟାଡିୟମରେ ଲଙ୍କା କାଣ୍ଡ ଘଟିଥିଲା। ଏହି ଲଙ୍କା କାଣ୍ଡରେ ବଳି ପଡ଼ିଛନ୍ତି ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସ। ସେ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏବେ ଏହି ମନ୍ତ୍ରାଳୟକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପାଖରେ ରଖିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୩ ତାରିଖରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ମେସିଙ୍କ କାର୍ଯ୍ୟକ୍ରମ ଥିଲା। ତେବେ ଅଢେଇ ଘଣ୍ଟାର କାର୍ଯ୍ୟକ୍ରମକୁ ମାତ୍ର ୨୦ ମିନିଟରେ ସାରି ଦିଆଯାଇଥିଲା। ଏହାକୁ ନେଇ ଟଙ୍କା ଦେଇ ଟିକଟ କିଣି ଆସିଥିବା ଫ୍ୟାନ୍ସ ଚିଡ଼ିଁକି ଯାଇଥିଲେ। ଅବ୍ୟବସ୍ଥାକୁ ନେଇ ଷ୍ଟାଡିୟମରେ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ମମତା ମଧ୍ୟ କ୍ଷମା ମାଗିଥିଲେ। ଅନ୍ୟପକ୍ଷରେ ଷ୍ଟାଡିୟମ ଘଟଣାକୁ ନେଇ ମମତା ବିଧାନନଗର ପୁଲିସ କମିଶନର, ଡିଜିପି ଏବଂ ଖେଳ ବିଭାଗର ପ୍ରମୁଖ ସଚିବ ରାଜେଶ କୁମାର ସିହ୍ନାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ମାମଲାର ତଦନ୍ତ ପାଇଁ ୪ ଜଣିଆ ଏସଆଇଟି ଗଠନ କରାଯାଇଛି। ସେହିପରି ଷ୍ଟାଡିୟମର ସିଇଓ ଡିକେ.ନନ୍ଦନଙ୍କୁ ତୁରନ୍ତ ପଦରୁ ହଟାଇ ଦିଆଯାଇଛି।

## ଅଷ୍ଟ୍ରେଲିଆ ଆତଙ୍କବାଦୀ ଆକ୍ରମଣ: ଆକ୍ରମଣକାରୀ ସାଜିଦ ଭାରତୀୟ

ସିଡ୍‌ନୀ, ୧୬।୧୨ (ଏଜେନ୍ସି): ଗତ ୧୪ ତାରିଖରେ ଅଷ୍ଟ୍ରେଲିଆର ସିଡନୀର ବଣ୍ଡି ବିଚ୍‌ରେ ଇହୁଦୀ ଲୋକଙ୍କ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀ ସାଜିଦ ଆକ୍ରମ ଭାରତୀୟ ନାଗରିକ ଥିଲେ। ୫୦ ବର୍ଷୀୟ ସାଜିଦ ମୂଳତଃ ତେଲେଙ୍ଗାନା ହାଇଦରାବାଦର ବାସିନ୍ଦା ଥିଲା। ସେ ହାଇଦରାବାଦରୁ ବି.କମ୍ ଡିଗ୍ରୀ ହାସଲ କରିଥିଲା ଏବଂ ଚାକିରି ଖୋଜିବା ପାଇଁ ନଭେମ୍ବର ୧୯୯୮ରେ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଚାଲିଯାଇଥିଲା। ପରେ ସେ ୟୁରୋପୀୟ ବଂଶୋଭବ ମହିଳା ଭେନେରା ଗ୍ରୋସୋଙ୍କୁ ବିବାହ କରିଥିଲା। ସେଠାରେ ସ୍ଥାୟୀ ଭାବରେ ବାସ କରୁଥିଲା। ସାଜିଦ ପାଖର ଏବେ ବି ଭାରତୀୟ ପାସପୋର୍ଟ ଥିଲା। ତାର ପରିବାର ଗଣମାଧ୍ୟମକୁ କହିଥିଲେ ଯେ ସେମାନେ କିଛି ବର୍ଷ ପୂର୍ବରୁ ତାଙ୍କ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିଥିଲେ। କାରଣ ସେ ଜଣେ ଖ୍ରୀଷ୍ଟିଆନ ମହିଳାଙ୍କୁ ବିବାହ କରିଥିଲେ।ସାଜିଦର ପୁଅ ନାଭିଦ ଆକ୍ରମ (୨୪) ଜଣେ ଅଷ୍ଟ୍ରେଲୀୟ ନାଗରିକ। ସାଜିଦର ମଧ୍ୟ ଏକ ଝିଅ ଅଛି। ତେଲେଙ୍ଗାନା ପୁଲିସ ଅନୁଯାୟୀ, ଭାରତରେ ପୂର୍ବରୁ ସାଜିଦର କୌଣସି ଅପରାଧିକ ରେକର୍ଡ ନାହିଁ। ଏହି ଆତଙ୍କବାଦୀ ଆକ୍ରମଣରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଅଧିକ ଆହତ ହୋଇଥିଲେ। ଏଥିରେ ୨ ଭାରତୀୟ ସାମିଲ ଅଛନ୍ତି। ପୁଲିସ ଗୁଳିରେ ସାଜିଦ ପ୍ରାଣ ହରାଇଥିବାବେଳେ ତା ପୁଅ ଆହତ ହୋଇଥିଲା।

### ଋଣ ପ୍ରତିଶୋଧ ପାଇଁ ଋଣଦାତାଙ୍କ ଚାପ

# କାମ୍ବୋଡ଼ିଆ ଯାଇ କିଡ୍‌ନୀ ବିକିଲେ ଚାଷୀ



## ଲକ୍ଷେ ଟଙ୍କାର ଋଣ ହୋଇଗଲା ୭୪ ଲକ୍ଷ

ମୁମ୍ବଇ, ୧୬।୧୨ (ଏଜେନ୍ସି): ଭାରତରେ ବ୍ୟବସାୟୀଙ୍କୁ ସହଜରେ କୋଟି କୋଟି ଟଙ୍କା ଋଣ ମିଳିଯାଉଛି। ଆଉ କିଛି ବ୍ୟବସାୟୀ ଅନେକ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଧରି ବିଦେଶ ପଳାଉ ଥିବା ନଜିର ରହିଛି। ମାତ୍ର ଦେଶରେ ଗରିବ ଚାଷୀଙ୍କୁ ଲକ୍ଷେ ଟଙ୍କା ଋଣ ମିଳିବା ବି କଷ୍ଟ ହେଇଯାଉଛି। ଆଉ ଚାଷ ପାଇଁ ହାତ ଉଧାରି କରି ସାହୁକାରଙ୍କଠୁ ଟଙ୍କା ଆଣିଲେ ତାର ସୁଧ ଦେଇ ଦେଇ ଚାଷୀର ଆର୍ଥିକ ସ୍ଥିତି ବିଗିଡ଼ି ଯାଉଛି। ଶେଷରେ ଚାଷୀ ନିଜ ଭିଟାମାଟି ସହିତ ଅଙ୍ଗପ୍ରତ୍ୟଙ୍ଗ ବିକିଲେ ବି ଏହି ଋଣ ପରିଶୋଧ କରିପାରୁନି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ଚାଷୀ ରୋଶନ ସଦାଶିବ କୁଡେଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। କିଛି ବର୍ଷ ହେଲା ଚାଷରେ କ୍ଷତି ହେବାରୁ ସେ ଗୋପାଳନ କରି ଡାଏରୀ ବେପାର କରିବାକୁ ଚାହୁଁଥିଲେ। ମାତ୍ର ବ୍ୟାଙ୍କ ଋଣ ନ ଦେବାରୁ ସେ ଅନେକ ସାହୁକାରଙ୍କଠାରୁ ଲକ୍ଷେ ଟଙ୍କା ଆଣିଥିଲେ। କିନ୍ତୁ ଏ ବାବଦ ସୁଧ ତାଙ୍କ ଉପରେ ଦାଉ ସାଧିଥିଲା। ଦିନକୁ ୧୦ ହଜାର ଟଙ୍କାର ସୁଧ ପାଇଁ ଋଣ ରାଶି ୭୪ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ଏଥିପାଇଁ ସେ କିଡ୍‌ନୀ ବିକିବାକୁ ବାଧ ହୋଇଥିଲେ। ସଦାଶିବ କୋଲକାତାରୁ କାମ୍ବୋଡିଆ ଯାଇ ନିଜ କିଡନୀ ବିକ୍ରି କରିଥିଲେ।

ସୂଚନା ଅନୁଯାୟୀ, ବର୍ଷା ନ ହେବାରୁ ଡାଏରୀ ବ୍ୟବସାୟୀ ପାଇଁ ସଦାଶିବ ଅଣ୍ଟା ଭିଡ଼ିଥିଲେ। ମାତ୍ର ବ୍ୟବସାୟ ଆରମ୍ଭ ହେଉ ହେଉ ସେ କିଣିଥିବା ଗାଇ ମରି ଯାଇଥିଲା। ଯେଉଁ ଫସଲ କରିଥିଲେ ତାହା ନଷ୍ଟ ହୋଇ ଯାଇଥିଲା। ଋଣ ଭାର ବଢ଼ିବାରେ ଲାଗିଥିଲା ଏବଂ ଋଣଦାତା ଚାପ ପକାଇବାରେ ଲାଗିଥିଲେ। ଜମି, ଟ୍ରାକ୍ଟର ଏବଂ ଘରବାଡ଼ି ବିକିବା ସତ୍ତ୍ୱେ ଟଙ୍କା ସୁଝି ପାରି ନ ଥିଲେ। ଏହି ସମୟରେ ଜଣେ ଋଣଦାତା ତାଙ୍କୁ କିଡନୀ ବିକିବାକୁ ପରାମର୍ଶ ଦେଇଥିଲେ। ପରେ ସେ ଜଣେ ଏଜେଣ୍ଟଙ୍କ ମାଧ୍ୟମରେ କୋଲକାତାରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରି କାମ୍ବୋଡିଆ ଯାଇ କିଡ୍‌ନୀ ଦେଇଥିଲେ। ଏହି କିଡ୍‌ନୀକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ଋଣ ପରିମାଣ ସୁଝିବା ସତ୍ତ୍ୱେ ଚଢ଼ା ସୁଧ ନେବା ପାଇଁ ବ୍ରହ୍ମପୁର ସହରର କିଶୋର ବାୱାନକୁଲେ, ମନୀଷ କଲବାନ୍ଦେ, ଲକ୍ଷ୍ମଣ ଉରୁକୁଡେ, ପ୍ରଦୀପ ବାୱାନକୁଲେ, ସଞ୍ଜୟ ବାଲାପୁରେ ଏବଂ ଲକ୍ଷ୍ମଣ ବୋର୍କାର ତାଙ୍କ ଉପରେ ଚାପ ପକାଇ ଥିଲେ।

■ ଚଢ଼ା ସୁଧ ପାଇଁ ଶୋଷଣ କରୁଛନ୍ତି ଋଣଦାତା
■ ଅଭିଯୋଗ ସତ୍ତ୍ୱେ ପୁଲିସ ନେଉନି କାର୍ଯ୍ୟାନୁଷ୍ଠାନ
■ ପରିବାର ସହ ଆତ୍ମାହୁତି ଧମକ ଦେଲେ ଚାଷୀ

କୁଡେ ଦାବି କରିଛନ୍ତି ଯେ ଅଭିଯୋଗ ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏହା ତାଙ୍କ ମାନସିକ ଏବଂ ଶାରୀରିକ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଛି। ଯଦି ନ୍ୟାୟ ନ ମିଳେ ତେବେ ସେ ଏବଂ ତାଙ୍କ ପରିବାର ରାଜ୍ୟ ସରକାରଙ୍କ ମୁଖ୍ୟାଳୟ ମୁମ୍ବଇର ମନ୍ତ୍ରଣାଳୟ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ସଦାଶିବ ଧମକ ଦେଇଛନ୍ତି।

## ନେସନାଲ ହେରାଲ୍ଡ ମାମଲାରେ ସୋନିଆ-ରାହୁଲଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତ ମିଳିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଏର କରିଥିବା ଆରୋପପତ୍ର ଉପରେ ଶୁଣାଣି କରିବାକୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ମନା କରିଦେଇଛନ୍ତି। ତେବେ ଇଡି ଏହି ରାୟ ବିରୋଧରେ ଆବେଦନ କରିବ ବୋଲି କୁହିଛି। ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ ନିର୍ଦ୍ଦେସ ଦେଇ କହିଛନ୍ତି ଯେ ଏହି ମାମଲାର ଆରୋପପତ୍ର ବ୍ୟକ୍ତିଗତ ଅଭିଯୋଗ ସମ୍ବନ୍ଧିତ। ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ) ଅନୁଯାୟୀ ଏତଲା ରୁଜୁ ହୋଇ ନାହିଁ। ତେଣୁ ଏହା ଉପରେ ଶୁଣାଣି କରିବା ସମ୍ଭବ ନୁହେଁ। ଏହି ମାମଲା ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀଙ୍କ ଅଭିଯୋଗ ସହ ସମ୍ବନ୍ଧିତ। ସେ ସୋନିଆ, ରାହୁଲ ଏବଂ ଅନ୍ୟ କଂଗ୍ରେସ ନେତାଙ୍କ ବିରୋଧରେ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ) କମ୍ପାନୀର ୨ ହଜାର କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ଲଗାଇ ଥିଲେ। ଏହି ମାମଲାରେ ସୁମନ ଦୁବେ, ସାମ୍ ପିତ୍ରୋଦା, ୟଙ୍ଗ ଇଣ୍ଡିଆନ, ଡୋଟେକ୍ସ ମର୍ଚେଣ୍ଡାଇଜ ଏବଂ ସୁନୀଲ ଭଣ୍ଡାରୀ ମଧ୍ୟ ଅଭିଯୁକ୍ତ ଅଛନ୍ତି।



■ ଶୁଣାଣି କରିବାକୁ ମନା କଲେ କୋର୍ଟ
■ ମାମଲାରେ ଏତଲା ନାହିଁ, ଅଭିଯୋଗ ବ୍ୟକ୍ତିଗତ

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଦିଲ୍ଲୀ ପୁଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପ୍ରଥମେ ଏତଲା ରୁଜୁ କରି ସାରିଛି। ତେଣୁ ଇଡି ଆରୋପପତ୍ର ଉପରେ ନିଷ୍ପତ୍ତି ଦେବା ଅନୁଚିତ ହେବ। ଇଡି ଚାହିଁଲେ ତଦନ୍ତ ଜାରି ରଖି ଆଗକୁ ତଥ୍ୟ ଉପସ୍ଥାପନ କରିପାରିବ। ସେହିପରି ଦିଲ୍ଲୀ ପୁଲିସର ଏକ ନିବେଦନକୁ ସ୍ୱୀକାର କରି ରାହୁଲ ଏବଂ ସୋନିଆଙ୍କୁ ଏତଲାର ନକଲ ଦେବା ନିର୍ଦ୍ଦେଶକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏତଲାର ନକଲ ପାଇବା ଅଭିଯୁକ୍ତଙ୍କ ଅଧିକାରୀ ନୁହେଁ ବୋଲି ପୁଲିସ କହିଥିଲା। ଇଡି ଅଭିଯୋଗ ଉପରେ ଶୁଣାଣି ସମୟରେ କଂଗ୍ରେସ ଦଳ ଯୁକ୍ତି ଦେଇଥିଲା ଯେ ଇଡିର ତଦନ୍ତ ରାଜନୈତିକ ପ୍ରତିଶୋଧ ଉପରେ ଆଧାରିତ ଥିଲା। ମାତ୍ର ଏହା ଏକ ଗମ୍ଭୀର ଅର୍ଥନୈତିକ ଅପରାଧ ଥିଲା ଏବଂ ଠକେଇ ଓ ଅର୍ଥ ହେରଫେର ପ୍ରମାଣ ମିଳିଥିବା ଇଡି ପକ୍ଷରୁ କୁହାଯାଇଥିଲା।

ଇଡି ଅଭିଯୋଗ ଅନୁଯାୟୀ, କଂଗ୍ରେସ ନେତାମାନେ ମାତ୍ର ୫୦ ଲକ୍ଷ ଟଙ୍କାରେ ଘରୋଇ କମ୍ପାନୀ ୟଙ୍ଗ ଇଣ୍ଡିଆନ ମାଧ୍ୟମରେ ଏଜିଏଲର ୨ହଜାର କୋଟି ମୂଲ୍ୟର ସମ୍ପତ୍ତି ହାସଲ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ସୋନିଆ ଏବଂ ରାହୁଲଙ୍କ ପାକରେ ଏହି କମ୍ପାନିର ୭୬% ଅଂଶଧନ ରହିଛି। ଏଥିରୁ ସୋନିଆ ଏବଂ ରାହୁଲ ୯୮୮ କୋଟି ଟଙ୍କା ଆୟ କରିଥିଲେ ବୋଲି ଆକଳନ କରାଯାଇଥିଲା। ଏବେ ଏହି ସମ୍ପତ୍ତିର ବଜାର ମୂଲ୍ୟ ୫ହଜାର କୋଟି ହେବ ବୋଲି ଆକଳନ କରାଯାଇଛି।

## ରାସ୍ତାକଡ଼ରେ ଥିବା ବେଆଇନ ଢାବା ଦୁର୍ଘଟଣା ପାଇଁ ଦାୟୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଏକ୍ସପ୍ରେସୱେ ଏବଂ ନ୍ୟାସନାଲ ହାଇୱେ (ଏନ୍‌ଏଚ୍) ପାର୍ଶ୍ୱରେ ଥିବା ବେଆଇନ ଢାବା ଓ କ୍ଷୁଦ୍ର ହୋଟେଲ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସାରା ଦେଶ ନିମନ୍ତେ ମାର୍ଗଦର୍ଶିକା ଜାରି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ବିଚାର କରୁଛନ୍ତି। ଏହାକୁ ନେଇ ଏନଏଚଆଇ ପକ୍ଷରୁ ହାଜର ସଲିସିଟର ଜେନେରାଲ (ଏସ୍‌ଜି)ଙ୍କୁ ପ୍ରଶ୍ନବାଣ ମାରିଛନ୍ତି ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ। ଏହି ସବୁ ଢାବା ନିର୍ମାଣ ପାଇଁ କିଏ ଦାୟୀ? ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେଉଁ ନିୟମ ରହିଛି? ଏ ପର୍ଯ୍ୟନ୍ତ କି ପଦକ୍ଷେପ ନିଆଗଲାଣି? ଉତ୍ତରରେ ଏସ୍‌ଜି କହିଥିଲେ ଯେ ବେଆଇନ ଢାବା ହଟାଇବାର ନିୟମ ଥିଲେ ମଧ୍ୟ ଏହି ଦାୟିତ୍ୱ ଜିଲ୍ଲା ପ୍ରଶାସନକୁ ଦିଆଯାଇଥାଏ। ସ୍ଥାନୀୟ ପୁଲିସ ଏବଂ ପ୍ରଶାସନ ଥାଏ। ଏଥିପାଇଁ ସମସ୍ୟା ହେଉଛି।

ସୁପ୍ରିମକୋର୍ଟ କହିଥିଲେ ଯେ ଏନ୍‌ଏଚ୍ କିମ୍ବା ଏକ୍ସପ୍ରେସୱେରେ ସର୍ଭିସ ରୋଡ୍ ନ ଥାଏ, ମାତ୍ର ମଝିରେ ମଝିରେ ବେଆଇନ ଢାବା ହୋଇଯାଉଛି। ଏଭଳି ଅଞ୍ଚଳରେ ସର୍ବାଧିକ ଦୁର୍ଘଟଣା ହେଉଛି। ଏହି ଢାବା ନିର୍ମାଣକୁ ରୋକିବା କାହାର ଦାୟିତ୍ୱ ବୋଲି କୋର୍ଟ ଜାଣିବାକୁ ଚାହୁଁଛନ୍ତି। ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି ଯେ ଏହା କୌଣସି ରାଜ୍ୟର ସମସ୍ୟା ନୁହେଁ, ବରଂ ସାରା ଦେଶର ପ୍ରସଙ୍ଗ। ଏଥିପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରି ଦୁର୍ବଳତାକୁ ଦୂର କରାଯିବ।

## ମହିଳା ଡାକ୍ତରଙ୍କ ହିଜାବ ଟାଣି ବିବାଦରେ ବିହାର ମୁଖ୍ୟମନ୍ତ୍ରୀ

ପାଟନା, ୧୬।୧୨ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନୂଆ ବିବାଦରେ ଫସିଛନ୍ତି। ସେ ପାଟନାର ଏକ କାର୍ଯ୍ୟକ୍ରମରେ ଜଣେ ମହିଳା ଡାକ୍ତରଙ୍କୁ ନିଯୁକ୍ତି ପତ୍ର ଦେବା ସମୟରେ ତାଙ୍କ ହିଜାବକୁ ଟାଣି ଦେଇଛନ୍ତି। ଏହା ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ନୀତୀଶଙ୍କୁ କଂଗ୍ରେସ ଏବଂ ଆରେଜଡି ନିନ୍ଦା କରିଛନ୍ତି। ତାଙ୍କ ମାନସିକ ସ୍ଥିତି ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। କିଛି ସେଲିବ୍ରିଟି ମଧ୍ୟ ୭୫ ବର୍ଷୀୟ ନୀତୀଶଙ୍କ ଏପରି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି।

ସୂଚନା ଅନୁଯାୟୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ସଚିବାଳୟ 'ସମ୍ବାଦ'ରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ନୀତୀଶ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ନୁସରତ ପରବୀନଙ୍କ ପାଳି ପଡ଼ିବା ପରେ ସେ ମଞ୍ଚ ଉପରକୁ ଆସିଥିଲେ। ସେ ହିଜାବ ପିନ୍ଧିଥିବା ଦେଖି 'ଏହା କ'ଣ' ବୋଲି ନୀତୀଶ ପଚାରିଥିଲେ। ଏହା ପରେ ସେ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଭଳି କରୁଥିବା ଦେଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ତାଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। ତାଙ୍କ ହାତକୁ ଟାଣି ଆଣିଥିଲେ। ଆରଜେଡି ଓ କଂଗ୍ରେସ ଏହି ଭିଡିଓକୁ ସେୟାର କରି ନୀତୀଶଙ୍କୁ ସମାଲୋଚନା କରିଛନ୍ତି। ଆରଜେଡି ପକ୍ଷରୁ କୁହାଯାଇଛି ଯେ ନୀତୀଶଙ୍କ କ'ଣ ହୋଇଛି? ତାଙ୍କର ମାନସିକ ସ୍ଥିତି ଏବେ ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ ପହଞ୍ଚି ଯାଇଛି କି? ନୀତିଶ ବାବୁ ଏବେ ଆରଏସଏସ ସଦସ୍ୟ ହୋଇଯାଇଛନ୍ତି କି ବୋଲି ପଚରା ଯାଉଛି। ସେହିପରି କଂଗ୍ରେସ ଏହାକୁ ଘୃଣ୍ୟ କାର୍ଯ୍ୟ କହିଛି ଏବଂ ନୀତୀଶଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଏ ହେଉଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ତାଙ୍କ ନିର୍ଲଜ୍ଜତାକୁ ଦେଖନ୍ତୁ। ଜଣେ ମହିଳା ଡାକ୍ତର ତାଙ୍କର ନିଯୁକ୍ତି ପତ୍ର ନେବାକୁ ଆସିଥିବାବେଳେ ନୀତୀଶ ତାଙ୍କ ହିଜାବ ଟାଣି ଦେଇଥିଲେ। ବିହାରର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତି ଖୋଲାଖୋଲି ଭାବରେ ଏପରି ଘୃଣ୍ୟ କାର୍ଯ୍ୟ କରୁଛନ୍ତି।



ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ରହିବେ ଚିନ୍ତା କରନ୍ତୁ। ଏହି ଘୃଣ୍ୟ କାର୍ଯ୍ୟ ପାଇଁ ସେ ତୁରନ୍ତ ଇସ୍ତଫା ଦେବା ଉଚିତ। ଏହି ଅଶ୍ଳୀଳତା ଅକ୍ଷମଣୀୟ ବୋଲି କଂଗ୍ରେସ କହିଛି।

## ଏସଆଇଆରର ଚିଠା ଭୋଟର ତାଲିକା ଜାରି

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପରେ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ଦୁଇ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ପଶ୍ଚିମବଙ୍ଗରେ ୫୮ ଲକ୍ଷ ୨୦ ହଜାର ୮୯୮ ଭୋଟରଙ୍କ ନାମ ହଟାଇବା ପାଇଁ ଚିହ୍ନଟ କରାଯାଇଛି। ସେହିପରି ରାଜସ୍ଥାନରେ ୪୧.୮୫ ଲକ୍ଷ ଏବଂ ପୁଡୁଚେରୀରେ ୮୫ ହଜାର ଭୋଟରଙ୍କ ନାମ କଟା ଯାଇଛି। ଏହା ସହିତ ଘର ଘର ବୁଲି ସୂଚନା ସଂଗ୍ରହ କରିବା କାମ ଶେଷ ହୋଇଛି। ଏବେ ଦାବି, ଆପତ୍ତି ଏବଂ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ। ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଶେଷ ଭୋଟର ତାଲିକା ଫେବୃଆରୀ ୧୪ରେ ଜାରି କରାଯିବ। ସେହିପରି ଆଜି ଗୋଆ ଏବଂ ଲାକ୍ଷାଦ୍ୱୀପରେ ମଧ୍ୟ ଚିଠା ଭୋଟର ତାଲିକା ଜାରି କରାଯାଇପାରେ।

■ ପଶ୍ଚିମବଙ୍ଗରୁ ୫୮.୨୦ ଲକ୍ଷ, ରାଜସ୍ଥାନରୁ ୪୧.୮୫ ଲକ୍ଷ ହଟିଲେ
■ ପୁଡୁଚେରିରୁ କଟିଲା ୮୫ ହଜାର ଭୋଟରଙ୍କ ନାମ

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ୨୪, ୧୬, ୮୫୨ ଭୋଟର ପ୍ରାଣ ହରାଇଛନ୍ତି। ୧୯ ଲକ୍ଷ ୮୮ ହଜାର ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ଏବେ ୧୨ ଲକ୍ଷ ୨୦ ହଜାର ୩୮ ଜଣ ନିଖୋଜ ଅଛନ୍ତି। ସେହିପରି ଲକ୍ଷେ ୩୮ ହଜାର ୩୨୮ ଜଣ ଜାଲ୍ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ୫୭,୬୦୪ ଜଣଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୨୦୦୨ ଏସଆଇଆରରେ ତିନି ନିୟୁତ ଭୋଟର ସାମିଲ ହୋଇ ନ ଥିଲେ। ଫର୍ମରେ ତାରତମ୍ୟ ଥିବା ଆଉ ୧୬.୭ ନିୟୁତ ଭୋଟର ଇସିଙ୍କ ସ୍କାନରରେ ଅଛନ୍ତି। ଏମାନଙ୍କୁ ୭ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ବିଏଲଓମାନେ ଏହି ବ୍ୟକ୍ତିଙ୍କ ଯାଞ୍ଚ କରିବେ।

ରାଜସ୍ଥାନରେ ୨୯. ୬ ଲକ୍ଷ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୮.୭୫ ଲକ୍ଷ ପ୍ରାଣ ହରାଇଥିବାବେଳେ ୩.୪୪ ଲକ୍ଷ ନକଲି ଭୋଟର ଥିବା ଜଣାପଡ଼ିଛି। ଏମାନଙ୍କ ନାମ ଦୁଇଟି ସ୍ଥାନରେ ପଞ୍ଜିକରଣ କରାଯାଇଛି।ସମସ୍ତ ତଥ୍ୟ ନିର୍ବାଚନ କମିଶନଙ୍କ ୱେବସାଇଟରେ ଦିଆଯାଇଛି।

## ଗୋଆ କ୍ଲବ୍ ଅଗ୍ନିକାଣ୍ଡ: ଲୁଥ୍ରା ଭ୍ରାତାଙ୍କୁ ଦିଲ୍ଲୀ ଅଣାଗଲା

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗୋଆ ନାଇଟ୍ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରାଙ୍କୁ ଥାଇଲାଣ୍ଡରୁ ପ୍ରତ୍ୟର୍ପଣ କରି ଦିଲ୍ଲୀ ଅଣାଯାଇଛି। ଭାରତୀୟ ସୁରକ୍ଷା ଅଧିକାରୀମାନେ ମଙ୍ଗଳବାର ଅପରାହ୍ନ ୨ଟାରେ ଉଭୟଙ୍କୁ ଧରି ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲେ। ଏଠାରେ ଗୋଆ ପୁଲିସର ଏକ ଦଳ ଦୁଇ ଭାଇଙ୍କୁ ଗିରଫ କରିଥିଲା। ପରେ ଦିଲ୍ଲୀରେ ଡାକ୍ତରୀ ପରୀକ୍ଷା କରାଯାଇ ପଟିଆଲା ହାଉସ୍ କୋର୍ଟରେ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟ୍ ଟ୍ୱିଙ୍କଲ୍ ଚାୱଲା ସେମାନଙ୍କୁ ଦୁଇ ଦିନର ଟ୍ରାଞ୍ଜିଟ୍ ରିମାଣ୍ଡ ମଞ୍ଜୁର କରିଛନ୍ତି। ଗୋଆ ପୁଲିସ ବୁଧବାର ସକାଳେ ସେମାନଙ୍କୁ ଗୋଆ ନେଇ କୋର୍ଟରେ ହାଜର କରିବ। ସୌରଭ ଏବଂ ଗୌରବ ଲୁଥ୍ରା ବିର୍ଚ ନାଇଟ୍ କ୍ଲବ୍‌ର ମାଲିକ। ଗତ ୬ ତାରିଖରେ ସେ ବେଆଇନ ଭାବେ ଚଳାଇ ଥିବା ଏହି କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଦୁଇ ଭାଇ ଥାଇଲାଣ୍ଡ ପଳାଇ ଥିଲେ। ଗତ ୧୧ ତାରିଖରେ ଥାଇ ପୁଲିସ ଉଭୟଙ୍କୁ ଅଟକ ରଖିଥିଲା। ଆଜି ସକାଳେ ସେମାନଙ୍କୁ ବ୍ୟାଙ୍କକ୍‌ରୁ ଭାରତକୁ ଅଣା ଯାଇଥିଲା।

### ପ୍ରଦୂଷଣ ବିରୋଧୀ ଲଢ଼େଇରେ ଦିଲ୍ଲୀ ହତାଶ

## ତନ୍ଦୁର ଭାଟି ଉପରେ ଲାଗିଲା କଟକଣା

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ପ୍ରଦୂଷଣରେ ଦିଲ୍ଲୀ ବାସୀ ନୟାନ୍ତ ହେଉଛନ୍ତି। ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦୦ ନିକଟତର ହୋଇଛି। ଏହା ଅତି ଭୟଙ୍କର ସ୍ତରରେ ପହଞ୍ଚି ଯାଇଛି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ବାଧ ହେଉଛନ୍ତି। ମାତ୍ର ପ୍ରତି ବର୍ଷ ସୃଷ୍ଟି ହେଉଥିବା ଏହି ସମସ୍ୟାରୁ ଲୋକଙ୍କୁ ମୁକ୍ତିଦେବାରେ ଦିଲ୍ଲୀ ସରକାର ବିଫଳ ହୋଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣରେ ସଫଳତା ମିଳି ନ ଥିବାରୁ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ହତାଶ ହୋଇଯାଇଛି। ଆଉ ଏହି ଗ୍ଲାନିରେ ଏଭଳି ନିଷ୍ପତ୍ତି ନେଇଛି ଯାହା ସମସ୍ତଙ୍କୁ ବିସ୍ମିତ କରିଛି। ହୋଟେଲ, ରେସ୍ତୋରାଁ ଏବଂ ଖୋଲା ସ୍ଥାନରେ ଚାଲିଥିବା ଦୋକାନରେ ତନ୍ଦୁର ଭାଟିକୁ ନିଷିଦ୍ଧ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛି। ଗତ ସପ୍ତାହରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ବାୟୁ ପ୍ରଦୂଷଣ ନିୟମ-୧୯୮୧ର ଧାରା ୩୧ (ଏ) ଅଧିନରେ ଏହି ପଦକ୍ଷେପ ନିଆଯାଇଛି। କାଠ ଏବଂ କୋଇଲା ଉପରେ ନିର୍ଭରଶୀଳ ତନ୍ଦୁରକୁ ତୁରନ୍ତ ବନ୍ଦ କରି ଇଲେକ୍ଟ୍ରିକ ଏବଂ ଗ୍ୟାସ ଚାଳିତ ବ୍ୟବହାର କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଗ୍ରାପ-୪ କଟକଣା ଜାରି କରାଯାଇଛି। ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସି) ନ ଥିବା ଗାଡ଼ିକୁ ୧୮ ତାରିଖରୁ ପେଟ୍ରୋଲ-ଡିଜେଲ ମିଳିବ ନାହିଁ ବୋଲି ପରିବେଶ ମନ୍ତ୍ରୀ ମନଜିନ୍ଦର ସିର୍ସା କହିଛନ୍ତି। ଦିଲ୍ଲୀକୁ କେବଳ ବିଏସ-୬ ଗାଡ଼ି ପ୍ରବେଶ କରିବ। ନିର୍ମାଣକାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇ ଦିଆଯାଇଛି।

## ମୋହାଲିରେ କବାଡ଼ି ଖେଳାଳିଙ୍କୁ ହତ୍ୟା

ମୋହାଲି, ୧୬।୧୨ (ଏଜେନ୍ସି): ପଞ୍ଜାବ ମୋହାଲିର ସୋହାନାରେ ସୋମବାର କବାଡ଼ି ମ୍ୟାଚ୍ ଚାଲିଥିବାବେଳେ ଗୁଳିମାଡ଼ ହୋଇଛି। ବୋଲେରୋରେ ଆସିଥିବା ଲୋକେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ କବାଡ଼ିକୁ ପ୍ରୋତ୍ସାହନ ଦେଉଥିବା ଖେଳାଳି ରାଣା ବଲାଚୌରିଆଙ୍କ ଦେହରେ ଗୁଳି ବାଜି ଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ୧୧ ଦିନ ତଳେ ବିବାହ କରିଥିଲେ। ଏବେ ତାଙ୍କ ଘରେ ଶୋକର ଛାୟା ଖେଳି ଯାଇଛି।

ଓଡ଼ିଶା ଫାର୍ମା ସମ୍ମିଳନୀ

# ଆସନ୍ତା କିଛି ବର୍ଷରେ ଫାର୍ମା କ୍ଷେତ୍ରରେ ଓଡ଼ିଶା ନୂତନ ଶିଖର ଛୁଇଁବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ସମିସ): ଓଡ଼ିଶା ବର୍ତ୍ତମାନ ପୁଞ୍ଜିନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଆମର ଶିଳ୍ପ ଇକୋ-ସିଷ୍ଟମ୍ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ

■ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
■ ଖୋର୍ଦ୍ଧାଠାରେ ଫାର୍ମା ପାର୍କ ଓ ମେଡିକାଲ ଡିଭାଇସ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ

ଶିଳ୍ପ ସହ ଔଷଧ ଉତ୍ପାଦନରେ ମଧ୍ୟ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ। ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତମାନର ଉପକରଣ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ-ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ଉଭା ହେବା ପାଇଁ ପ୍ରସ୍ତୁତ। ମଙ୍ଗଳବାର ସ୍ଥାନୀୟ ହୋଟେଲ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଆଜିଠାରୁ ଫାର୍ମା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ। ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି, ମେଡିକାଲ ଉପକରଣ ପାଇଁ ୧୨ଟି ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ କରିବା ସହ ଖୋର୍ଦ୍ଧାଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



ଫାର୍ମା କ୍ଷେତ୍ର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟର ଶିଳ୍ପନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକ ପରିବର୍ତ୍ତନ ଅଣାଯାଇଛି। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଗୋଟିଏ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜିନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଫାର୍ମା କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି ବୋଲି ସେ କହିଥିଲେ। ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ଗୁଣବତ୍ତା ଏବଂ ମୂଲ୍ୟ ଦୃଷ୍ଟିରୁ ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ସବୁଠାରୁ ଆକର୍ଷଣୀୟ ହେବ ଏବଂ ମେଡ-ଟେକ୍ ଉତ୍ପାଦନରେ ମଧ୍ୟ ଏହା ଓଡ଼ିଶାର ସୁନାମ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମା ଟପିଛି ଧାନ କିଣାରେ ଅବ୍ୟବସ୍ଥା

ଭୁବନେଶ୍ୱର,୧୬।୧୨(ସମିସ): ଧାନ ଉଠାଣ ନେଇ ସାରା ରାଜ୍ୟରେ ଦେଖା ଦେଇଛି ଅବ୍ୟବସ୍ଥା। ସରକାର ମଣ୍ଡି ଖୋଲିଥିବା ଘୋଷଣା କରିଥିବା ବେଳେ ବିଭିନ୍ନ ଜିଲ୍ଲାରେ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। କେଉଁଠି ଚାଷୀଙ୍କଠାରୁ ଧାନ କିଣା ଯାଉ ନାହିଁ ତ କେଉଁଠି ଟୋକନ୍ ଆସୁ ନ ଥିବାରୁ ଚାଷୀ ଅମଳ ଧାନର ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ିଛି। ପଶ୍ଚିମ ଓଡ଼ିଶାରୁ ଆରମ୍ଭ କରି ଉପକୂଳ ପର୍ଯ୍ୟନ୍ତ ଚାଷୀଙ୍କ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସମ୍ବଲପୁରରେ ଚାଷୀମାନେ ରାସ୍ତାରେ ଧାନ ବିକ୍ରି କରି ସେମାନଙ୍କ ପ୍ରତି ଅବିଚାରର ପ୍ରତିବାଦ କରିଛନ୍ତି, ଜଗତସିଂହପୁରରେ ଚାଷୀ ଓ ପ୍ରଶାସନ ମୁହାଁମୁହିଁ ହୋଇଛନ୍ତି । ଏ ସବୁ ଭିତରେ ଭିନ୍ନ ଭିନ୍ନ ବିଭାଗର ମନ୍ତ୍ରୀମାନେ ମନ ଇଚ୍ଛା ବୟାନ ଦେବା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି ।

ସମ୍ବଲପୁରରେ ଟୋକନ୍ ମିଳୁ ନ ଥିବାରୁ ଚାଷୀମାନଙ୍କ ପ୍ରତିବାଦ ଜାରି ରହିଛି। ଏହି ସମସ୍ୟାକୁ ବିରୋଧ କରି ଆସନ୍ତା ୧୯ରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିବା ବେଳେ ଆଜି ଚାଷୀମାନେ ଖୋଲାରେ ଧାନ ବିକ୍ରି କରି ନିଆରା ପ୍ରତିବାଦ କରିଛନ୍ତି। ଅନ୍ୟପଟେ ଚାଷୀଙ୍କ ଦ୍ୱାରା ଚାଲି ଆସୁଥିବା ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ସରକାର ଏବେ ଏହି ଘଟଣା ପାଇଁ ବିରୋଧୀଙ୍କୁ ଦାୟୀ କରିଛନ୍ତି। ମଙ୍ଗଳବାର

■ ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳୁନି ଟୋକନ
■ ପଶ୍ଚିମରୁ ଉପକୂଳ ସବୁଠାରେ ଅସନ୍ତୋଷ
■ ୧୯ରେ ସମ୍ବଲପୁରରେ ବଡ଼ ଆନ୍ଦୋଳନ
■ ଅବ୍ୟବସ୍ଥା ପାଇଁ ବିରୋଧୀ ଦାୟୀ: ମନ୍ତ୍ରୀ

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ନିଜ ଦୋଷ ଖସାଇଦେବାକୁ ଉଦ୍ୟମ କରିବା ସହ ବିରୋଧୀ ତିଳକୁ ତାଳ କରୁଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ସେମିତି ବଡ଼ ଆନ୍ଦୋଳନ କେଉଁଠି ନାହିଁ। ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇ ମନିଟରିଂ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୭ ଟି ଜିଲ୍ଲାରେ ମଣ୍ଡି ଖୋଲିଛି। ବରଗଡ଼ରେ ୬୪ ହଜାର ୬୫୨ ଟନ ଧାନ ଉଠା ଯାଇଛି। ବଲାଙ୍ଗୀରରେ ୧୫୭ ଟନ , କଳାହାଣ୍ଡିରେ ୧୧ ହଜାର ୪୮୬, ନୂଆପଡାରେ ୭ ହଜାର ୭୨୭ ଟନ,ସମ୍ବଲପୁରରେ ୬୯ ହଜାର ୯୭୦ ଟନ ଧାନ ଉଠିଛି। ସୋନପୁର ଓ ସୁନ୍ଦରଗଡ଼ରେ ସବୁ ଧାନ ଉଠି ସାରିଛି । କିଛି ସ୍ଥାନରେ ଟୋକନ ପହଁଚିନଥିବାରୁ ଆନ୍ଦୋଳନ ହେଉଛି ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ପରେ ସରକାର ସତ କହୁଛନ୍ତି କି ଚାଷୀ ସତ କହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସମ୍ବଲପୁର ଜିଲ୍ଲାରେ ଧାନ ମଣ୍ଡି ଓ ଟୋକନ ସମସ୍ୟାକୁ ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଚାଷୀଙ୍କ କହିବା କଥା ହେଲା, ମଣ୍ଡିରେ ଅବ୍ୟବସ୍ଥା ଓ ଟୋକନ ନମିଳିବା କାରଣରୁ ସେମାନେ ନିଜର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ଦୁଇ ଦୁଇ ଥର ରାଜରାସ୍ତା ଅବରୋଧ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ପ୍ରଶାସନର ଟାଳଟୁଳ ନୀତିରେ ଅସନ୍ତୁଷ୍ଟ ହୋଇ ଚାଷୀ ସଂଗଠନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ୧୯ ତାରିଖ ଦିନ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଯଦି ଯଥାଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ମନ୍ତବ୍ୟକୁ ଚାଷୀମାନେ କଡ଼ା ନିନ୍ଦା କରିଛନ୍ତି। ମନ୍ତ୍ରୀ କହିଥିଲେ ସରକାର ଚାଷୀଙ୍କଠୁ ନିର୍ଦ୍ଧାରିତ ଧାନ ଉଠାଇବେ। ଟୋକନ ପାଇନଥିବା ଚାଷୀଙ୍କୁ ଟୋକନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଟୋକନ ବାଦ ଧାନ ବଳିଲେ, ଚାଷୀ ଖୋଲା ବଜାରରେ ବିକି ଦେବାକୁ ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏହି ବୟାନକୁ ଆଧାର କରି ଆଜି ସମ୍ବଲପୁରରେ ଚାଷୀ ପ୍ରତିବାଦ କରିବା ସହ ସହରର ବିଭିନ୍ନ ସ୍ଥାନରେ ପ୍ରତୀକାତ୍ମକ ଭାବେ ଖୋଲା ମାର୍କେଟରେ ଧାନ ବିକିଛନ୍ତି।

# ବାରମ୍ବାର ଟ୍ରାଫିକ ନିୟମ ଭାଙ୍ଗିଲେ ରଦ୍ଦ ହେବ ଡିଏଲ୍, ଆର୍‌ସି

କଟକ,୧୬।୧୨(ସମିସ): ବାରମ୍ବାର ସଡ଼କ ନିୟମ ଉଲ୍ଲଙ୍ଘନକାରୀ ତଥା ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)। ଏହି କ୍ରମରେ ମୋଟର ଯାନ ଆଇନ ୧୯୮୮, କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯, ଓଡ଼ିଶା ମୋଟର ଯାନ ନିୟମାବଳୀ ୧୯୯୩ ଏବଂ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶାବଳୀକୁ ଆଧାର କରି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି। ଯେଉଁ ଗାଡ଼ି ଚାଳକ ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିବେ, ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା

**ଆରଟିଓମାନଙ୍କୁ ଏସଟିଏ ଜାରି କଲା ନିର୍ଦ୍ଦେଶାବଳୀ**

ଘଟାଇବେ, ମୋଟରଯାନ ଆଇନ ଅନୁଯାୟୀ ଅନ୍ୟାନ୍ୟ ପଦକ୍ଷେପ ସହ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ଓ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର( ଆରସି ) ନିଲମ୍ବନ ଓ ରଦ୍ଦ କରିବାକୁ ଆରଟିଓମାନେ ପଦକ୍ଷେପ ନେବେ ବୋଲି କୁହାଯାଇଛି। ଏହି ସର୍କୁଲାର ଜରିଆରେ ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓଙ୍କୁ ଅଭ୍ୟାସଗତ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର୍ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସଡ଼କ ପାଇଁ ଅନୁପଯୁକ୍ତ ଗାଡ଼ିମାନଙ୍କ ଫିଟନେସ୍ ବାତିଲ କରିବା ଦିଗରେ ଏମଭିଆଇମାନେ ପଦକ୍ଷେପ ଗ୍ରହଣ କରିବେ। ଏହାର ସଠିକ କାର୍ଯ୍ୟକାରିତା ପାଇଁ ଏହି ସର୍କୁଲାର ଜାରି କରାଯାଇଛି ବୋଲି ଏସଟିଏ ପକ୍ଷରୁ କୁହାଯାଇଛି।

ଓମସାର ଚେତାବନୀ

# ଜାନୁଆରୀରୁ ଓପିଡି ସେବା ବନ୍ଦ

ଭୁବନେଶ୍ୱର, ୧୬।୧୨ (ସମିସ): ୧୮ ଦଫା ଦାବି ପୂରଣ ନହେଲେ ଆସନ୍ତା ଜାନୁଆରୀ ମାସରୁ ସମ୍ପୂର୍ଣ୍ଣ ଭାବେ ଓପିଡି (ବହିଁ ବିଭାଗ) ସେବା ବନ୍ଦ କରିବାକୁ ଚେତାବନୀ ଦେଇଛି ଓମସା। ଏନେଇ ଓମସା ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ଓମସା ସୂଚନା ଅନୁଯାୟୀ ୨୦୨୪ ସେପ୍ଟେମ୍ବର ୧୮ ତାରିଖରେ ଓମସାର ୭୦ତମ ବାର୍ଷିକ ସମ୍ମିଳନୀ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଓମସାର ନ୍ୟାଯ୍ୟ ଦାବିକୁ ସହୃଦୟତାର ସହ ବିଚାର କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ କୌଣସି ଦାବି ପୂରଣ ହୋଇପାରିଲା ନାହିଁ। ଏକବର୍ଷ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କ ସହ ସଂଘ ବହୁଥର ଆଲୋଚନା କରିଥିଲେ ହେଁ ଏଥିରୁ ସୁଫଳ ମିଳିପାରି ନାହିଁ। ତେଣୁ ବାଧ ହୋଇ ଓମସା କ୍ୟାଡର୍ ଆସନ୍ତା ୨୬ ତାରିଖରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ଯଦି ସରକାର ଦାବି ନଶୁଣନ୍ତି, ଜାନୁଆରୀରୁ ସମ୍ପୂର୍ଣ୍ଣ ଭାବେ ଓପିଡି କାର୍ଯ୍ୟ ବନ୍ଦ କରାଯିବ। କାର୍ଯ୍ୟ ବନ୍ଦ ତାରିଖ ଓମସାର କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ପରିଷଦ ସ୍ଥିର କରିବ ବୋଲି ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

# ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ଗାଦି ଛାଡ଼ନ୍ତୁ: ବିଜେଡି

ଭୁବନେଶ୍ୱର, ୧୬।୧୨(ସମିସ): ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧଉଳି ଗଣଦୁଷ୍କର୍ମ ଘଟଣାରୁ ଏହା ପୁଣିଥରେ ସାବ୍ୟସ୍ତ ହୋଇଛି। ତେଣୁ ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ଦାବି କରିଛି ବିଜେଡି। ଅପରପକ୍ଷେ ଏହି ପ୍ରସଙ୍ଗରେ ରାଜ୍ୟ ମହିଳା କମିସନ ସଦସ୍ୟଙ୍କ ମନ୍ତବ୍ୟକୁ ମଧ୍ୟ ଦଳ କଡ଼ା ନିନ୍ଦା କରିଛି। ଉଲ୍ଲେଖଯୋଗ୍ୟ, ମହିଳା କମିସନ୍ କହିଛନ୍ତି ଯେ ମା'ମାନେ ଝିଅମାନଙ୍କୁ ଏପରି ଜାଗାକୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା କଥା।



■ ଗତ ୧୮ ମାସର ବିଜେପି ଶାସନରେ ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳା ନିର୍ଯ୍ୟାତନା ମାମଲା ରୁଜୁ
■ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥାଇ ବି ସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗୁଡ଼ୁଛି

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ସମୟରେ ୪୦ହଜାରରୁ ଅଧିକ ନାରୀ ନିର୍ଯ୍ୟାତନା/ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଗତ ୧୭ ମାସରେ ୨୮ ଜଣ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉନାହାନ୍ତି। ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ିଯିବା, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଉଛି।

ରାଜ୍ୟର ମହିଳା କମିସନ୍ ସଦସ୍ୟା ଉର୍ମିଳା ମହାପାତ୍ର ଆଜି ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ମା' ମାନେ ଏଭଳି ଜାଗାକୁ ଝିଅ ମାନଙ୍କୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା ଦରକାର ବୋଲି ସେ କହିଥିଲେ। ଏହାର ଅର୍ଥ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଅସମର୍ଥ ବୋଲି ସେ ସ୍ୱୀକାର କରିଛନ୍ତି। ଯଦି ରାଜ୍ୟର ବିଜେପି ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ନ୍ତୁ ବୋଲି ଶ୍ରୀମତି ଛୁରିଆ ଦାବି କରିଛନ୍ତି।

# ନବଜାତ ମୃତ ଶିଶୁକୁ ଝୁଣି ଖାଇଲେ କୁକୁର

ସୋର, ୧୬।୧୨ (ସମିସ): ନବଜାତ ମୃତ ଶିଶୁକୁ ଝୁଣି ଖାଇଲେ କୁକୁର। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ବାଲିକିତିରଣ ଖେଳ ପଡ଼ିଆ ନିକଟରେ ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବାଉଁଶ ବୁଦାମୂଳରେ ୩/୪ଟି କୁକୁର ଏକ ନବଜାତ ମୃତ ଶିଶୁକୁ ଝୁଣି ଖାଉଥିବା ଦେଖି କିଛି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହର ବିଭିନ୍ନ ଅଂଶକୁ ଜବତ କରି ଗାଁ ପଡ଼ିଆରେ ପୋତିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ଆଶାକର୍ମୀଙ୍କୁ ଡାକି ଏ ବାବଦରେ ପଚରାଉଚରା କରିବା ସହ ଆଖପାଖ ଅଞ୍ଚଳରେ କୌଣସି ଶିଶୁ ନିକଟ ଅତୀତରେ ଜନ୍ମ ହୋଇନଥିବା ଜଣାପଡ଼ିଥିଲା। ମଙ୍ଗଳବାର ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ତଥା ବାହାନଗା ବ୍ଲକ ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ଗାତରୁ ଶିଶୁ ଶରୀରର ଉକ୍ତ ଅଂଶକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ୯୬ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜର୍‌ରେ ରଖାଯିବ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଦୁର୍ଘଟଣାରେ ଦମ୍ପତି ମୃତ

ଯଖପୁରା/ଦାନଗଦି, ୧୬।୧୧(ସମିସ): ଯାଜପୁର ଜିଲ୍ଲା ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କଳିଙ୍ଗନଗର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ମାସର ଏକ ଶିଶୁପୁତ୍ର ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମର ଜନ୍ମେଜୟ ଦଳାଇ (୨୯) ଓ ପତ୍ନୀ ବୈଶାଳୀ ଦଳାଇ (୨୩)। ଦୁହେଁ ନିଜ ଶିଶୁପୁତ୍ର ସହ କବାଟବନ୍ଧ ଡାକ୍ତରଖାନାରୁ ଫେରୁଥିବା ବେଳେ ବ୍ରାହ୍ମଣୀ ବ୍ରିଜ୍ ଓ ପଙ୍କପାଳ ମଧ୍ୟରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜନ୍ମେଜୟଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ବୈଶାଳୀ ଏବଂ ତାଙ୍କ ପୁଅକୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ। ସେଠାରେ ବୈଶାଳୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା।

# ତକତପୁର ରାଜ୍ୟର ପ୍ରଥମ ଜେନ୍-ଜେଡ୍ ଡାକଘର

ବାରିପଦା, ୧୬।୧୨(ସମିସ): ମୟୂରଭଞ୍ଜ ଡାକମଣ୍ଡଳ ଅଧୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ତକତପୁର ଉପ-ଡାକଘରକୁ ରାଜ୍ୟର ପ୍ରଥମ 'ଜେନ୍ ଜେଡ୍' ଡାକଘର ରୂପେ ଘୋଷଣା କରାଯାଇଛି। ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ନିର୍ମଳଜିତ ସିଂ ଆଜି ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଉପଡାକଘର କାନ୍ଥରେ ମୟୂରଭଞ୍ଜ ଜିଲ୍ଲାର ସଂସ୍କୃତି, ଐତିହ୍ୟ, ଛଉ, ଝୁମର, ଟେରାକୋଟା, ସବାଇ ଘାସ ସହ ଆଧୁନିକତା ଓ ଶୈକ୍ଷିକ ଆଧାରିତ ବିଭିନ୍ନ ବିଷୟକୁ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି। ଡାକଘର ପରିସରରେ ମାଗଣା ୱାଇଫାଇ ଜୋନ୍ ଉପଲବ୍ଧ ହେଉଥିବା ବେଳେ କ୍ୟୁଆର୍-କୋଡ୍ ମାଧ୍ୟମରେ ପାର୍ସଲ୍ ବୁକିଂ ଓ ସ୍ପିଡ୍ ପୋଷ୍ଟ ସମେତ ବିଭିନ୍ନ ଅତ୍ୟାଧୁନିକ ସୁବିଧା



ସୁଯୋଗର ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଡାକଘରେ ଚା' କଫିର ବ୍ୟବସ୍ଥା ସହ ଖବରକାଗଜ ଓ ମାଗାଜିନ୍ ମଧ୍ୟ ଉପଲବ୍ଧ ରହିଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଯୋଗ ଦେଇଥିଲେ। ଏହି ଉପଡାକଘରଟି ରାଜ୍ୟର ପ୍ରଥମ 'ଜେନ ଜେଡ' ଡାକଘର ରୂପେ ଘୋଷିତ ହୋଇଥିବାରୁ ମୁଖ୍ୟ ମହାଡାକପାଳଙ୍କୁ ଧନ୍ୟବାଦ ଜଣାଇଥିଲେ।

ମୟୂରଭଞ୍ଜ ଡାକମଣ୍ଡଳ ଅଧୀକ୍ଷକ ଭାଗ୍ୟଧର ଦାସ, ଉପ-ଅଧୀକ୍ଷକ ପ୍ରଣବ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକମଣ୍ଡଳର ସମସ୍ତ ଉପମଣ୍ଡଳ ଅଧିକାରୀ, ଡାକମଣ୍ଡଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ହାଇକୋର୍ଟରେ ରାଜ୍ୟ ସରକାରଙ୍କ ସତ୍ୟପାଠ

# ରାଜ୍ୟରେ ୭୫ ବାଂଲାଦେଶୀ ଚିହ୍ନଟ, ୪୯ ଜଣଙ୍କୁ ଦେଶାନ୍ତର

କଟକ,୧୬।୧୨(ସମିସ): ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ, ଅଟକ ଓ ଦେଶାନ୍ତରୀକରଣ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଗୁଇନ୍ଦା ନିର୍ଦ୍ଦେଶକ ଆର.ପି କୋଚେଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଯାଞ୍ଚ ପ୍ରକ୍ରିୟାରେ ମୋଟ ୭୫ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯ଜଣଙ୍କୁ ଦେଶାନ୍ତରୀକରଣ କରାଯାଇଛି। ସେହିପରି, ସନ୍ଦେହରେ ଜାଲ୍ ଭାରତୀୟ ପାସପୋର୍ଟ ହାସଲ କରିଥିବା ଗଞ୍ଜାମ ଓ କନ୍ଧମାଳରୁ ଚିହ୍ନଟ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବିଭିନ୍ନ ଜିଲ୍ଲାରେ ୨୨୫୯ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା ବେଳେ ଏଥିରୁ ୨୧୭୬ ଭାରତୀୟ ବୋଲି ଜଣାପଡ଼ିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଜଗତସିଂହପୁରରେ ୨୧, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ରେ ୨୪, କଟକ ୟୁପିଡିରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ାରେ ୩, ଗଞ୍ଜାମରେ ଜଣେ, କନ୍ଧମାଳରେ ୪, କୋରାପୁଟରେ ଜଣେ; ଏଭଳି ଭାବେ ମୋଟ ୭୫ବାଂଲାଦେଶୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ଭୁବନେଶ୍ୱର ୟୁପିଡିର ୨୪, କଟକ ୟୁପିଡିର ୧୫, ବ୍ରହ୍ମପୁରର ୬, କନ୍ଧମାଳର ୩, କୋରାପୁଟର ଜଣେ ଏଭଳି ଭାବେ ମୋଟ ୪୯ଜଣ ବାଙ୍ଗଲାଦେଶୀ ନାଗରିକଙ୍କୁ ଦେଶାନ୍ତରୀକରଣ କରାଯାଇଛି। ବାକି ଅପେକ୍ଷାରେ ରହିଛନ୍ତି। ସବୁ ଜିଲ୍ଲାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇ ଗାଇଡଲାଇନ ଅନୁସାରେ ୨ଟି ରାଜ୍ୟସ୍ତରୀୟ କ୍ୟାମ୍ପ ଓ ୧୯ଟି ଜିଲ୍ଲାସ୍ତରୀୟ କ୍ୟାମ୍ପ କରାଯାଇଛି।

ଏସ୍‌ଆଇଆର ସଂପର୍କିତ ମାମଲାରେ ରହିଥିବା ପ୍ରସଙ୍ଗ ସହ ଏହି ମାମଲା ସମାନ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ସୁପ୍ରିମକୋର୍ଟରେ ସମାନ ପ୍ରସଙ୍ଗରେ ଶୁଣାଣି ଚାଲିଥିବା ବେଳେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଶୁଣାଣି ଚାଲିବା ନେଇ ପ୍ରଶ୍ନ ଉଠିଥିଲା। ତେବେ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠର କପି ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ୨୦୨୬ ଜାନୁଆରି ୧୩କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

ବିଜୁଳି ପାଇଁ ଅତିରିକ୍ତ ସିକ୍ୟୁରିଟି ଜମା ନୋଟିସ

# ଉପଭୋକ୍ତାଙ୍କ ଉପରେ ବିତରଣ କମ୍ପାନୀର ଜିଜିଆ କର: ଉପଭୋକ୍ତା ସଂଘ

ଭୁବନେଶ୍ୱର,୧୬।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଉପଭୋକ୍ତାମାନଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ପାଇଁ ଡିମାଣ୍ଡ ନୋଟିସ୍‌କୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟିପିସିଓଡିଏଲ୍ ଏପରି ନୋଟିସକୁ ଉପଭୋକ୍ତାମାନେ ତୀବ୍ର ବିରୋଧ କରିଛନ୍ତି । ଅତିରିକ୍ତ

**ତୁରନ୍ତ ନୋଟିସ ପ୍ରତ୍ୟାହାର ପାଇଁ ଓଇଆରସିର ଦ୍ୱାରସ୍ଥ ହେଲା ସଂଘ**

ସୁରକ୍ଷା ଜମାରାଶି ସାଧାରଣ ଗ୍ରାହକଙ୍କ ପାଇଁ ଟାଟା ପାୱାରର ଜିଜିଆ କର ସଦୃଶ। ଅତଏବ ଓଇଆରସି କର୍ତ୍ତୃପକ୍ଷ ଏହା ଉପରେ ବି.ର କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଅତିରିକ୍ତ ଜମା ସୁରକ୍ଷା ରାଶି ସଂକ୍ରାନ୍ତ ନୋଟିସ୍ ପ୍ରତ୍ୟାହାର ପାଇଁ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦେବାକୁ ଉପଭୋକ୍ତା ମହାସଂଘ ଦାବି କରିଛି।



ମଙ୍ଗଳବାର ଉପଭୋକ୍ତ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଆୟୋଗର ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଓ ଆଇନର ଧମକ ଦେଇ ଟାଟା ପାୱାର ସାଧାରଣ ଗ୍ରାହକଙ୍କୁ ଲୁଟ କରୁଛି ଏବଂ ତାଙ୍କର ବିଜୁଳି ଲାଇନ କାଟି ଦେଉଛି।୬ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ବାକିଆ ପଡ଼ିଥିବା ସତ୍ତ୍ୱେ କମ୍ପାନୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଜାତୀୟ ହାର ଠାରୁ ଅଧିକ ଦାମ ଦେଇ ଓଡ଼ିଶାର ବିଜୁଳି ଗ୍ରାହକମାନେ ବିଜୁଳି କିଣୁଥିଲା ବେଳେ ଓଇଆରସି ଓ ଓଡ଼ିଶା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ମାର୍ଟ ମିଟର ନାଁରେ ଗ୍ରାହକଙ୍କୁ ଅଧିକ ବିଜୁଳି ବିଲ୍ ଦେବାକୁ ହେଉଛି। ସରବରାହ ଜନିତ କ୍ଷତି ଜାତୀୟସ୍ତରରେ ୧୬ ପ୍ରତିଶତ ଥିଲାବେଳେ ଓଡ଼ିଶାରେ ଏଟିସି ଲସ୍ ୧୯.୫୩ ପ୍ରତିଶତ। କମ୍ପାନୀମାନଙ୍କର ଦୁର୍ନୀତି ଓ ଅପରାଗତା ଯୋଗୁଁ ଏ ବାବଦରେ ବର୍ଷକୁ ହାରାହାରି ୭୫୦ କୋଟି ଟଙ୍କାର ଅଧିକ ବୋଝ ଉପଭୋକ୍ତା ବୋହୁଛନ୍ତି। ଓଡ଼ିଶାରେ ଓଡ଼ିଆ ସରକାରୀ ଭାଷା ହୋଇଥିବା ସତ୍ତ୍ୱେ ବିଜୁଳି ବିଲ୍ କିନ୍ତୁ ଇଂରାଜୀରେ ଦିଆଯାଉଛି, ଯାହା ସାଧାରଣ ଖାଉଟି ବୁଝିବା ପାଇଁ ଅସମର୍ଥ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ, ସମ୍ପାଦକ ରବି ବେହେରା, ବରିଷ୍ଠ ସାମ୍ବାଦିକ ରବି ଦାସ, ବରିଷ୍ଠ ଟ୍ରେଡ ୟୁନିୟନ ନେତା କିଶୋର ଜେନା, ପ୍ରକାଶ ମହାପାତ୍ର, ସିପିଆଇଏମ୍‌ଏଲ ନେତା ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ୮ ମାସ ହେଲା ଚାଷୀଙ୍କୁ ମିଳିନି ଫସଲ କ୍ଷତିପୂରଣ

**ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ସରପଞ୍ଚ**



ଜଳେଶ୍ୱର ବ୍ଲକ, ୧୬।୧୨ (ସମିସ)

ଚଳିତ ରବି ଋତୁରେ ପ୍ରବଳ ବର୍ଷା ପବନରେ ଜଳେଶ୍ୱର ତହସିଲ ଅନ୍ତର୍ଗତ ଖୁଆଦିମାଝୀ ସାହି ପଞ୍ଚାୟତର କେତେକ ଗ୍ରାମରେ ଧାନ ଓ ପନିପରିବା ଚାଷ ଉଜୁଡ଼ି ଯାଇଥିଲା । ଫଳରେ ଧାର ଉଧାର କରି ଫସଲ କରିଥିବା ଚାଷୀ ଚିନ୍ତାରେ ପଡ଼ିଛି । ଗତ ମାର୍ଚ୍ଚ ୨୧ ଅପରାହ୍ନରେ ପ୍ରବଳ ବର୍ଷା ଓ ପବନରେ ଛୋଟ କଳମା, ବଳଭଦ୍ରପୁର, ମୁଣ୍ଡୁତୁଣିଆ, ଗୋପାଳପ୍ରାସାଦ, ଗଡ଼ସାଇ, କେ ଏମ ସାଇ, ବାଉଁଶଗଡ଼ିଆ, ବେହେରାସାହି, ତୋଟାପଡ଼ା, କଣ୍ଟାବଣୀ, ମା' କିଡିଆ ଓଲମରା ଦକ୍ଷିଣ ପ୍ରହରାଜପୁର ଗୋବରଘୋଟା ପରି ଅନେକ ଗ୍ରାମରେ ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଥିଲା । ଯାହାକୁ ନେଇ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଅନେକ ସେଚ୍ଛାସେବୀ ବାରମ୍ବାର ସରକାରଙ୍କ ଦୃଷ୍ଟି ଗୋଚର କରାଇଥିଲେ ମଧ ଏ ପର୍ଯ୍ୟନ୍ତ ପାଖାପାଖି ୬୦୦ ଏକର ଧାନ ଚାଷୀ ଓ ୧୦୦ ଏକର ପନିପରିବା ଚାଷୀ କ୍ଷତିପୂରଣ ପାଇବାକୁ ୮ ମାସ ଧରି ଅନାଇ ବସିଛନ୍ତି । ନିଜର ଧାର କରଜ ସୁଝିବାରେ ଅସମର୍ଥ ହୋଇ ସାହୁ କାରଙ୍କ ଠାରେ ସୁଧ ଗଣିବାକୁ ପଡୁଛି । କିପରି କ୍ଷତିଗ୍ରସ୍ତ ଚାଷୀ ଭାଇଭଉଣୀ ତୁରନ୍ତ କ୍ଷତିପୂରଣ ପାଇ ପାରିବେ ସେ ନେଇ ରାଇବଣିଆ ଅଞ୍ଚଳର ପୂର୍ବତନ ସରପଞ୍ଚ ସତ୍ୟଶୋଭନ ମିଶ୍ର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଚାଷୀଙ୍କ ଦାବି ଖୁବ୍ ଶୀଘ୍ର ପୂରଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ସିମୁଳିଆ ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

ସିମୁଳିଆ, ୧୬।୧୨ (ସମିସ): ରଘୁନାଥଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ମଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ଓଷ୍ଟା ତରଫରୁ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଥମ ଅଧିବେସନରେ ସିମୁଳିଆ ଓଷ୍ଟା ସଭାପତି ଭଗବାନ ବାରିକ ପତାକା ଉତ୍ତୋଳନ ପରେ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ରଘୁନାଥଣ ସ୍କୁଲ ର ଛାତ୍ରୀ ମାନଙ୍କ ର ନୃତ୍ୟ ଗୀତ ମଧ୍ୟମାରେ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଶିଶୁ ଉତ୍ସବରେ ସିମୁଳିଆ ଓଷ୍ଟା ସଭାପତି ଭଗବାନ ବାରିକ ସଭାପତିତ୍ୱ କରିଥିଲେ । ପ୍ରସନ୍ନ କୁମାର ଧଳ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଅତିରିକ୍ତ ଶିକ୍ଷା ଅଧିକାରୀ ଅଜୟ କୁମାର ପଣ୍ଡା. ସମ୍ମାନିତ ଅତିଥି ସୂର୍ଯ୍ୟମଣୀ ବୁଇତି, ଖଇରା ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ସୋର ଓଷ୍ଟା ସମ୍ପାଦକ ବଳରାମ ସ, ଅବସର ଶିକ୍ଷକ ହୃଷିକେଶ ପଣ୍ଡା, ସିମୁଳିଆ ଓଷ୍ଟାର ପୂର୍ବତନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାଳିକ ଓ ପୂର୍ବତନ ବାଲେଶ୍ୱର ଓଷ୍ଟା ଜିଲ୍ଲା ସଭାପତି ପଦ୍ମଲୋଚନ ପଣ୍ଡା ଓ ମୁଖ୍ୟବକ୍ତା ବାଦଲ ଚନ୍ଦ୍ର ପାତ୍ର ଓ ବିଶିଷ୍ଟ ଅତିଥି ଓଷ୍ଟା ଜିଲ୍ଲା ସଭାପତି ମନରଞ୍ଜନ ଦାଶ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଅଜୟ କୁମାର ପଣ୍ଡା ଯୋଗଦେଇଥିଲେ । ସିମୁଳିଆ ବ୍ଲକର ୨୩ଟି ସ୍କୁଲର ୬୦୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସିମୁଳିଆ ଓଷ୍ଟା ଯୁଗ୍ମ ସମ୍ପାଦକ ଉତ୍ତମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

## ତାମିଲନାଡୁ ସଡ଼କ ଦୁର୍ଘଟଣାରେ ଜଳେଶ୍ୱର ଯୁବକଙ୍କ ମୃତ୍ୟୁ



ଜଳେଶ୍ୱର, ୧୬।୧୨(ସମିସ) : ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡି ପଞ୍ଚାୟତର ଶେଖ୍ ମନସୁରଙ୍କ ପୁଅ ଶେଖ୍ ରୋହିତ (୨୫)ଙ୍କ ତାମିଲନାଡୁରେ ଏକ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି । ଶେଖ୍ ରୋହିତ କିଛି ମାସ ହେବ ତାମିଲନାଡୁ ରାଜ୍ୟର ତେରୁନେଲଭେଲ୍ଲିର ଏକ ହୋଟେଲରେ କାର୍ଯ୍ୟ କରିଆସୁଥିଲେ । ରବିବାର ରାତିରେ ହୋଟେଲରୁ ଫେରୁଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ସୂଚନା ପାଇ କଂଗ୍ରେସ ନେତା ସୁଦର୍ଶନ ଦାସ ଗଭୀର ଶୋକ ବ୍ୟକ୍ତ କରିବା ସହ ମର ଶରୀର ଗ୍ରାମକୁ ଆଣିବାକୁ ତାମିଲନାଡୁ ର କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଡ. ଏ ଚେଲା କୁମାରଙ୍କୁ ଫୋନ୍ ଯୋଗେ ଅନୁରୋଧ କରିଥିଲେ । ସେଠାକାର କଂଗ୍ରେସ ସଭାପତି ଓ ଚେଲା କୁମାରଙ୍କ ସହାୟତାରେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ମର ଶରୀର ଗ୍ରାମକୁ ଆସୁଥିବା ଜଣାଯାଇଛି । ଜଳେଶ୍ୱର କଂଗ୍ରେସ ପକ୍ଷରୁ ଗଭୀର ଶୋକ ପ୍ରକାଶ କରିବା ସହିତ ପଦ୍ମଲୋଚନ ବେହେରା, ଚନ୍ଦନ ଜେନା, ସହିଦ ଅଲ୍ଲୀ ଶାହା ପ୍ରମୁଖ ସେଠାକାର ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ସହିତ ସରପଞ୍ଚ ଶମ୍ଭୁନାଥ ଜେନା, ସମିତି ସଦସ୍ୟ ହରିଶ ମହାଳିକ, ଶଖ୍ ମୋତୀଲାଲ ଓ ଗ୍ରାମବାସୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ପ୍ରକାଶ ଯୋଗ୍ୟ ଦାଦନ ସମସ୍ୟା ସମାଧାନ ହୋଇପାରୁ ନଥିବା ବେଳେ ବହୁ ଯୁବକଙ୍କ ପ୍ରବାସରେ ପ୍ରାଣହାନୀ ଘଟୁଛି ।

**ଧାନ କିଣା ଲାଗି ପ୍ରସ୍ତୁତି**

## ୩ ବ୍ଲକର ସମବାୟ ସମିତି କର୍ମଚାରୀ ଓ ଏସ୍ଏଚ୍‌ଜି ମହିଳାଙ୍କ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର,୧୬।୧୨(ସମିସ): ଚାଷୀମାନଙ୍କ ଠାରୁ ସମବାୟ ସମିତି ଓ ଏସ୍ଏଚଜି ଦ୍ୱାରା ଖରିଫ ଧାନ କିଣିବା ଲାଗି ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଜଳେଶ୍ୱର କୃଷି ଜିଲ୍ଲା ଅଧୀନ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକର ୫୪ଟି ପ୍ୟାକ୍ସ ଓ ୩ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ସହଜରେ ଓ ଶୃଙ୍ଖଳିତ ଧାନ କିଣାକୁ ନେଇ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମଙ୍ଗଳବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଜଳେଶ୍ୱର କୃଷି ଜିଲ୍ଲା ଅଧୀନରେ ଥିବା ସମସ୍ତ ସମବାୟ ସମିତି ସମ୍ପାଦକ, ଡାଟା ଏଣ୍ଟ୍ରି ଓ ଏସ୍ଏଚଜି ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଦିଆଯାଇଛି । ଚାଷୀମାନେ ସହଜରେ ମଣ୍ଡିରେ ଧାନ ବିକ୍ରି କରିପାରିବେ ଓ ଯଥାଶୀଘ୍ର ସେମାନଙ୍କ ଅର୍ଥ ପାଇପାରିବେ ସେଥିଲାଗି ତିନୋଟି ବ୍ଲକରରେ ଥିବା ପ୍ୟାକ୍ କର୍ମଚାରୀ ଓ ୩ଟି ସ୍ୱୟଂସହାୟକ ଗୋଷ୍ଠୀକୁ ଜରୁରୀ ପରାମର୍ଶ ଦିଆଯାଇଛି । ଜଳେଶ୍ୱର ଆରଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଅଲିନ୍ ଫସ୍ତା କୁଜୁର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସମବାୟ ସମିତି ନିବନ୍ଧକ ଏକାଦଶୀ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଯୋଗାଣ ନିରୀକ୍ଷକ ଅବନ୍ତିକା ସାହୁ ପ୍ରମୁଖ ଯୋଗ ଦେଇ ଚାଷୀମାନଙ୍କୁ ମୌଳିକ ସୁବିଧା ଯୋଗାଇବା ସହିତ ସେମାନଙ୍କ ଶସ୍ୟ ସଂରକ୍ଷିତ ରଖିବା ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ୨୯ ତାରିଖରୁ ସମସ୍ତ ମଣ୍ଡି ଖୋଲାଯିବା ସହିତ ମଣ୍ଡିରେ ଆବଶ୍ୟକ ହେଉଥିବା ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁକାନ୍ତ ଦାସ ସୂଚନା ଦେଇଛନ୍ତି । ମାଷ୍ଟର ଟ୍ରେନର ଅଶୋକ କୁମାର ଗିରି ଦୀର୍ଘ ସମୟ ଧରି ପ୍ରଶିକ୍ଷଣ ଦେଇଥିବାବେଳେ ଆରଏମ୍‌ସିର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜ୍ଞାନବିକାଶ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



ଜଳେଶ୍ୱର, ୧୬।୧୨(ସମିସ): ଜ୍ଞାନବିକାଶ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଅନୁଷ୍ଠିତ ହେଇଯାଇଛି । ମୁଖ୍ୟଅତିଥି ଇଂ. ଭାସ୍କର ରଞ୍ଜନ ସ୍ୱାଇଁ, ମୁଖ୍ୟବକ୍ତା ତଥା ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଡା. ପଦ୍ମନାଭ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଠପଢା ସହିତ ଖେଳ କସରତ ଆବଶ୍ୟକତା ସଂପର୍କରେ କହିଥିଲେ । ପରିଚାଳନା ନିର୍ଦ୍ଦେଶକ ରୋଟାରୀଆନ ଲେଲିନ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଶିକ୍ଷକ ଗୋପୀକିଶନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଲମ୍ବ ଡିଆଁ, ଉଚ୍ଚ ଡିଆଁ, ବୁରା ଦୌଡ, ଧୀର ସାଇକଲ୍ ଚାଳନା, ବ୍ୟାଡମିଣ୍ଟନ, ଚେସ୍, ମାର୍ବଲ୍ ସ୍ପୁନ୍,ବେଙ୍ଗ ଡିଆଁ, କଙ୍ଗାରୁ ଡିଆଁ, ମିଉଜିକ ଚେୟାର, ଜାଲେବି ରେସ୍, କ୍ରିକେଟ୍ ଇତ୍ୟାଦି ଖେଳରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନଙ୍କୁ ସାର୍ଟିଫିକେଟ, ମଡେଲ ଦେଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶମ୍ଭୁନାଥ ଦାସ, ଅକ୍ଷୟ ପରିଡା, ସପନ ପାତ୍ର, ସବ୍ୟସାଚୀ ପରିଡା, ଶତାବ୍ଦୀ ଶେଖର ପା ତ୍ର, ଗୁରୁଗୋବିନ୍ଦ ପ୍ରଧାନ, ଅନୁରାଧା ମହାପାତ୍ର, ସୁନିତା ଦାସ, ଅନୁରାଧା ଦାସ ମହାପାତ୍ର, ମୋନାଲିସା ସରଙ୍ଗୀ, ସୁଚିତ୍ରା ଦେ, ସଂଘମିତ୍ରା ଭୂୟାଁ, ନିବେଦିତା ମାହାନା, ସ୍ନେହଲତା ଦାସ, ହର୍ଷିତା ଦେ ଓ କୋଷାଧ୍ୟକ୍ଷ କମଳ ଲୋଚନ ଗିରି ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରଶାସନ ଉପସ୍ଥିତିରେ ଖଣି ଅଞ୍ଚଳରେ ୧୬୩ ଧାରା ଲାଗୁ



ଖଇରା,୧୬ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୂଆ ପହାଡ କପିଳଝୁରୀ ବନ୍ଧନଟା ମୌଜା ତଥା ଅନ୍ୟାନ୍ୟ ଅଞ୍ଚଳରେ ବେଆଇନ ଖଣି ଚୋରୀ ରୋକିବାକୁ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଦିନ ଭାରତୀୟ ନ୍ୟାୟ ସଘିଂତାର ୧୬୩ ଧାରା ଲାଗୁ କରାଯାଇଛି । ସମସ୍ତ ଖଣି ଅଞ୍ଚଳରେ ଏହି ନିଷେଧାଦେଶ ଲାଗୁ କରାଯାଇଛି । ନୀଳିଗିରି ଏସଡିପିଓ ପ୍ରମୋଦ ମଲ୍ଲିକ, ଖଇରା ତହସିଲଦାର ଅମିତ ରଞ୍ଜନ ହୋତା, କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ହାଣ୍ଡିଆହାଟ, କପିଳଝୁରି ବନ୍ଧନଟା, କଳାଶିରା ଓ ବଗେଇପୁର ମୌଜାରେ ଉକ୍ତ ନିର୍ଦ୍ଦେଶନାମା ଡାକବାଜି ଯନ୍ତ୍ର ଯୋଗେ ସର୍ବସାଧାରଣଙ୍କୁ ଅବଗତ କରାଯାଇଛି । ଖୁବ୍‌ଶୀଘ୍ର ଏହି ଖଣିଚୋରୀ ରୋକିବାକୁ ପୁଲିସ ଚେକପୋଷ୍ଟ ନିର୍ମାଣ କରାଯିବା ସହ ସିସି କ୍ୟାମେରାର ଲଗାଯିବାର ବ୍ୟବସ୍ଥା କରାଯିବ ବୋଲି ଏସଡିପିଓ ଶ୍ରୀ ମଲ୍ଲିକ କହିଛନ୍ତି । ସେହିଭଳି କ୍ଷମତା ଠାରୁ ଅଧୀକ ଷ୍ଟକ ରଖିଥିବା ଜଗନ୍ନାଥ ଷ୍ଟୋନ କ୍ରସର ଉପରେ ମଧ ଜରିମାନା ଧାର୍ଯ୍ୟ କରାଯାଇଛି । ପାହାଡ ନିଲାମ ବନ୍ଦ ଥିବା ବେଳେ ୯୭ ଖଣିରେ ଲଘୁ ଖଣିଜ ଦ୍ରବ୍ୟ ଚୋରି ହେବା ନେଇ ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଛି

## ୩ ପଞ୍ଚାୟତ ସମ୍ପାଦକଙ୍କ ସ୍ମୃତିସଭା



ଖଇରା,୧୬ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ପଞ୍ଚାୟତ ସହିଦ ସ୍ମୃତି କମିଟି ଆନୁକୂଲ୍ୟରେ ୩ ଦିବଂଗତ ପଞ୍ଚାୟତ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ସ, ଭୋଳାନାଥ ନାୟକ ଓ ବଳରାମ ସୂତାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ଚାରଣ ସଭା ମଙ୍ଗଳବାର ଦିନ ନୟାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଭାସ୍କର ଚନ୍ଦ୍ର ବାରିକ, କୈଳାସ ଚନ୍ଦ୍ର ପାତ୍ର, ବ୍ରଜେନ୍ଦ୍ର କୁମାର ଭୂୟାଁ, ମିହିର କୁମାର ନାୟକ, ଶ୍ରୀଧର ସାମଲ, ରଞ୍ଜନ କୁମାର ପାଣିଗ୍ରାହୀ, ବିବେକାନନ୍ଦ ମହାନ୍ତି, ସନ୍ତୋଷ କୁମାର ଶତପଥି, ଜଗତାନନ୍ଦ ମହାପାତ୍ର, ମାନସ କୁମାର ମହାପାତ୍ର, ଜନ୍ମେଜୟ ଶତପଥି ପ୍ରମୁଖ ଯୋଗ ଦେଇ ସାମୁହିକ ଦାବି ହାସଲ ପାଇଁ ସଙ୍ଗଠନ ର ଆବଶ୍ୟକତା ଅଛି । ନିର୍ବାହୀ ଅଧିକାରିଣୀ ବେଦମତୀ ନାୟକ ବିବରଣୀ ପାଠ ଓ କୁପାରୀ ନିର୍ବାହୀ ଅଧିକାରୀ ସୁଶାନ୍ତ ସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ପରଲୋକ



ଭୋଗରାଇ, ୧୬।୧୨(ସମିସ): ଭୋଗରାଇ ବ୍ଲକ ଖରିଦପିପଳ ଗ୍ରାମର ଅବସରପ୍ରାପ୍ତ କୃଷି ଅଧିକାରୀ ବଙ୍କିମ ଚନ୍ଦ୍ର ଜେନାଙ୍କ ୮୩ ବର୍ଷ ବୟସରେ ଶନିବାର ରାତ୍ରରେ ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ସେ ୨୦୨୪ ମସିହାରେ କେନ୍ଦୁଝରରୁ କୃଷି ଅଧିକାରୀ ଭାବେ ଅବସର ନେଇଥିଲେ ।୨୦୨୪ ମସିହାରୁ ଖରିଦପିପଳ ଗ୍ରାମର ଗ୍ରାମ ମୁଖ୍ୟ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ସଞ୍ଜିତ, ଅଜିତ୍, ପୁତୁରା ସୁଜିତ୍, ସୁମିତ, ସୂର୍ଯ୍ୟକାନ୍ତ, ଚନ୍ଦ୍ରକାନ୍ତ ବୋହୂ ସୋନାଲୀ, କଳ୍ପନା, ମୀନାରାଣୀ, କବିତା, ଜ୍ୱାଇଁ ଅଧିର, ଶ୍ରୀକାନ୍ତ, ଜୟନ୍ତ, ଝିଅ ଜୟନ୍ତୀ, ସୁକାନ୍ତି କମଳିନୀ,ସାନ ଭାଇ ନଳୀନ୍, ବୋହୂ ଉଷାରାଣୀ ଓ ସ୍ତ୍ରୀ ବାସନ୍ତୀ ଉପସ୍ଥିତ ଥିଲେ । ୩୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଗିରିଶ ଦତ୍ତ, ସରପଞ୍ଚ ମଞ୍ଜୁରାଣୀ ବେହେରା, ହେମନ୍ତ ବେହେରା, ମୁରଲୀ ପଟ୍ଟନାୟକ, ପୂର୍ଣ୍ଣ ମହାନ୍ତି, ରମେଶ ମଣ୍ଡଳ, ଧନୁର୍ଜୟ ସାହୁ, ତୁଷାରକାନ୍ତି ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଦିବେନ୍ଦୁ ବିକାଶ ପାତ୍ର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ୯୦ ବୟସ୍କ ହିତାଧିକାରୀଙ୍କୁ ଘରେ ସେବା ଯୋଗାଇଲା ବ୍ୟାଙ୍କ



ଜଳେଶ୍ୱର,୧୬।୧୨(ସମିସ): ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଓଲମାରା ଶାଖାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ଭୂଷଣ ପାଣି ହିତାଧିକାରୀଙ୍କ ଦ୍ୱାରସ୍ଥ ହୋଇ ସେବା ଯୋଗାଇବା ଚର୍ଚ୍ଚା ହେଉଛି । ବ୍ରହ୍ମା ପୁର ବସ୍ତି ସ୍ଥିତ ରୋଗୀଣା ଶଖ୍ ୟାକୁବ (୯୦)ଙ୍କ ଘରେ ପହଞ୍ଚି ସରକାରୀ ଯୋଜନାରେ ଆସିଥିବା ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ଅର୍ଥକୁ ପରିଚାଳକ ପରିବାର ଗହଣରେ ପ୍ରଦାନ କରିଥିଲେ । ତାଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ୬ ଛାତ୍ରଛାତ୍ରୀଙ୍କ ସଫଳତା



ବାଲିଆପାଳ, ୧୬।୧୨ (ସମିସ): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଦୁଇଦିନିଆ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରୁ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବା ୬ ଜଣ ଛାତ୍ରଛାତ୍ରୀ ଏଗାରଟି ବିଭାଗରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏ ନେଇ ମଙ୍ଗଳବାର ଶିଶୁ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସ୍ଥାୟୀ ସଭାପତି ପ୍ରମଥ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ସମ୍ପାଦକ ରଞ୍ଜନ ବେହେରା, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଗୁରୁଜୀ ଧରଣୀଧର ନାୟକ, ଗୁରୁମା ଶାନ୍ତି ଲତା ଜେନା ପ୍ରମୁଖ ଯୋଗଦେଇ ଥିଲେ । ଖେଳ ଶିକ୍ଷକ ଅଦ୍ୱୈତ ପାଢୀ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ । ବାଳକ ବିଭାଗର ସଞ୍ଜିବ ବିଶ୍ୱାଳ ୧୦୦ ମିଟର ଦୌଡରେ ପ୍ରଥମ, ବାଳିକା ବିଭାଗର ଦୀପାଳୀ ମଣ୍ଡଳ ଉଚ୍ଚ ଡିଆଁରେ ପ୍ରଥମ, ରାଜଶ୍ରୀ ମୈକାପ ୪୦୦ ମିଟର ଦୌଡରେ ପ୍ରଥମ, ପ୍ରାଣକୃଷ୍ଣ ମଣ୍ଡଳ ୧୦୦ ମିଟର ଦୌଡରେ ତୃତୀୟ, ପ୍ରଶାନ୍ତ ମଣ୍ଡଳ ୪୦୦ ମିଟର ଦୌଡରେ ତୃତୀୟ,ପପିସ୍ମିତା ବାରିକ ଡିସକସରେ ଦ୍ୱିତୀୟ ଓ ସଟପୁଟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଚୋରା ବାଲି ଟ୍ରାକ୍ଟର ଜବତ

ଭୋଗରାଇ,୧୬।୧୨(ସମିସ): ଭୋଗରାଇ ବ୍ଲକରେ ସୁବର୍ଣ୍ଣରେଖା ନଦୀରୁ ପ୍ରତ୍ୟେକ ଦିନ ଶହ ଶହ ଚୋରା ବାଲି ବୋଝେଇ ଟ୍ରାକ୍ଟର ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଅଛି । ଆଜି ସକାଳେ ସୁବର୍ଣ୍ଣରେଖା ନଦୀରୁ ଚୋରା ବାଲି ବୋଝେଇ ଏକ ଟ୍ରାକ୍ଟର ଆସୁଥିବା ସମୟରେ ଭୋଗରାଇ ତହସିଲଦାର ସୂର୍ଯ୍ୟ ନାୟକ ଅଟକ ରଖିଥିବା ସମୟରେ ଘଟଣା ସ୍ଥଳରୁ ଟ୍ରାକ୍ଟରଟି ଛାଡ଼ି ଡ୍ରାଇଭର ଚମ୍ପଟ ମାରିଛନ୍ତି । ତହସିଲଦାର ବାଲି ବୋଝେଇ ଟ୍ରାକ୍ଟରକୁ ନେଇ ଭୋଗରାଇ ତହସିଲ ପରିସରରେ ଅଟକ ରଖିଛନ୍ତି ।

## ବାଲ୍ୟବିବାହ ଖବରପାଇ ଆଇସିଡିଏସ୍‌ର ଚଢ଼ଉ

ଜଳେଶ୍ୱର, ୧୬ ।୧୨ (ସମିସ) : ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତରେ ଏକ ନାବାଳିକା ବିବାହ ହେଉଥିବା ଖବର ପାଇ ଆଇସିଡିଏସ ବିଭାଗର ସୁପରଭାଇଜର ସୁକାନ୍ତି ସିଂ, ସେକ୍ଟର ସୁପରଭାଇଜର ନିଶାମଣି ପଣ୍ଡା ଓ ସ୍ୱର୍ଣ୍ଣଲତା ଜେନା ପୁଲିସ ସହାୟତାରେ ଚଢ଼ଉ କରିଥିଲେ । ଚାଇଲ୍ଡ ହେଲ୍ପଲାଇନର ଅନ୍ୟ ଏକ ଟିମ୍ ସେଠାକୁ ଯାଇଥିବା ଜଣାଯାଇଛି । ମାତ୍ର ନାବାଳିକାର ଘରେ କେହି ନଥିବା ଓ କାହାରିକୁ ନ ପାଇ ଫେରି ଆସିଥିବା ସୁପରଭଇଜର ଶ୍ରୀମତୀ ସିଂ କହିଛନ୍ତି ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ବାଲିଆପାଳ,୧୬।୧୨(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଯୁବ ସାମାଜିକ କର୍ମୀ ଦିଲ୍ଲୀପ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ମହୋତ୍ସବରେ ଉଦଘାଟକ ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଖେଳର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ଅଜୟ ସାହୁ, ଅରବିନ୍ଦ ବେହେରା ଅଦ୍ୱୈତ ବାଗ, ଅନନ୍ତ ବିଶ୍ୱାଳ, ଚିନ୍ମୟ ପାଳ, କ୍ଷିତିଶ ଜେନା ପ୍ରମୁଖ ଯୋଗଦେଇଥିଲେ । ଏହି ମହୋତ୍ସବ ତିନି ଦିନ ବ୍ୟାପୀ ଚାଲୁରହିବ । ବିଭିନ୍ନ ବିଭାଗରେ ପାଞ୍ଚଶହ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିବସରେ ଦୌଡ, ସଟ୍‌ର୍ ପୁଟ, ହାଇଜମ୍ପ, ଲଙ୍ଗ୍ ଜମ୍ପ, ଡିସକସ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଖେଳ ଶିକ୍ଷକ ପଦ୍ମଲୋଚନ ବାରିକ, କାର୍ତ୍ତିକ ଭଞ୍ଜ, ପରେଶ ଗିରି, ମାନଗୋବିନ୍ଦ ଦାସ, ଶିକ୍ଷୟିତ୍ରୀ ଅର୍ପିତା ରାଉତ, ଜ୍ୟୋସ୍ନାରାଣୀ ବାରିକ, ସନ୍ଧ୍ୟାରାଣୀ ଗିରି ପ୍ରମୁଖ ପରିଚାଳନା କରିଥିଲେ । ଲକ୍ଷ୍ମୀଧର ପାତ୍ର, ଅମିତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଜଳେଶ୍ୱର ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ




ଜଳେଶ୍ୱର,୧୬।୧୨(ସମିସ): ଜଳେଶ୍ୱର ପୌରାଞ୍ଚଳସ୍ଥିତ ଶାନ୍ତିଆ ଷ୍ଟାଡିୟମରେ ଦୁଇ ଦିନିଆ ସାଂସଦ ଖେଳ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇ ଯାଇଛି । ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ, ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ବ୍ରଜମୋହନ ପ୍ରଧାନ ଯୋଗଦେଇ ୪ଟି ଜୋନରୁ ଆସିଥିବା ଖେଳାଳିମାନଙ୍କୁ ଶୃଙ୍ଖଳିତ ଆଚରଣ ସହିତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ । ଏହି କ୍ରିଡ଼ା ଉତ୍ସବରେ ଫୁଟବଲ, ଭଲିବଲ, କବାଡି, ଖୋକ, ଦୌଡି ଟଣା, ମ୍ୟୁଜିକ୍ ଚେୟାର, ସ୍କିପିଂ ଓ ଆଥଲେଟକ୍ ବିଭାଗ ରେ ମଣ୍ଡଳ ସ୍ତରୀୟ ଖେଳରୁ ଉନ୍ନତି ହୋଇଥିବା ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସୁଶାନ୍ତ ଦାସ, କ୍ରିଡା ସଂଯୋଜକ ତନ୍ମୟ ଚାନ୍ଦ, ସହସଂପାଦକ ଦୁର୍ଗାଶଙ୍କର ଜେନା, ହରମୋହନ ମହନ୍ତ,ଫାଲଗୁନୀ ପାଣିଗ୍ରାହୀ, ଚନ୍ଦନ ଦାସ, ବିଜୟ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସରୋଜ ପାଣିଗ୍ରାହୀ ମଞ୍ଚ ଓ ଖେଳ ସଂଚାଳନ କରିଥିବା ବେଳେ ଖେଳାଳିମାନେ ଶପଥ ପାଠ କରି ଖେଳ ଆରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଳି ଚରଣ ଦାସ, ରାଜେଶ ଖଟୁଆ, ବିଶ୍ୱରୂପ ଦାସ, ଜିତେନ୍ଦ୍ର ଦାସ, ସଞ୍ଜିବ ସେନାପତି, ସଞ୍ଜିବ ଜେନା, ଅନୁପ ପ୍ରଧାନ, ମୁକୁନ୍ଦ ଜେନା, ଦେବଯାନୀ ଅଣ୍ଡିଆ, ସୁମତି ରଣା, ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଇରଙ୍ଗପୁର/କରଞ୍ଜିଆ, ୧୬।୧୨(ସମିସ):** ଅଜଣା ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ କରଞ୍ଜିଆ ଥାନା ଅନ୍ତର୍ଗତ ବଡ଼ଦେଉଳି ଗ୍ରାମର ନିତିମା ହୋ(୬୦)। ସେ ଯାଉଥିବାବେଳେ ଝାଗଡ଼ ଛକରେ ଏକ ବାଇକ ଧକ୍କା ଦେଇଥିଲା। ସେ ପଡ଼ିଯିବାରୁ ମୁଣ୍ଡରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ କରାଯାଇଛି।

## ମୋବାଇଲ ଝାମ୍ପିନେଲେ ଦୁର୍ବୃତ୍ତ

**ରାଇରଙ୍ଗପୁର/କରଞ୍ଜିଆ, ୧୬।୧୨(ସମିସ):** ଯଶିପୁରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ଦୁର୍ବୃତ୍ତ ମୋବାଇଲ ଛିନତାଇ କରିଛନ୍ତି। ଦୁଇଟି କଳା ପଲସର ବାଇକରେ ଆସି ଟଙ୍ଗାବିଲା ପୋଲ ନିକଟରେ ଛିନତାଇ କରିଛନ୍ତି। ଏ ନେଇ ଦୁଧିଆଣି ଅଞ୍ଚଳର ରଘୁନନ୍ଦନ ବାନ ସିଂ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଦୁଇଜଣ ବାଇକରେ ଯାଉଥିବାବେଳେ ଦୁର୍ବୃତ୍ତମାନେ ପଲସରରେ ଆସି ମୋବାଇଲ ଛିନତାଇ କରି ଜାତୀୟ ରାଜପଥରେ ଫେରାର ହୋଇଯାଇଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୬।୧୨(ସମିସ):** ବନ୍ଦ ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ଜଣକ ଜାମଦା ଥାନା ଅନ୍ତର୍ଗତ ରୁଗଡ଼ିଡିହି ଗ୍ରାମର ବଇଦୁ ପାତ୍ରଙ୍କ ଝିଅ ସୀମା ପାତ୍ର (୨୫) ବୋଲି ଜଣାପଡ଼ିଛି। ସୋମବାର ଯୁବତୀଙ୍କ ମୃତଦେହ ଘର କୋଠରୀ ମଧ୍ୟରେ ଝୁଲନ୍ତା ଅବସ୍ଥାରେ ପରିବାର ଲୋକ ଦେଖିଥିଲେ। ତୁରନ୍ତ ଜାମଦା ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମଙ୍ଗଳବାର ଶବ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ମେଡିକାଲ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଛାତ୍ରଙ୍କ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୬।୧୨(ସମିସ):** ସପ୍ତମ ଶ୍ରେଣୀର ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ର ଜଣକ ଗୋରୁମହିଷାଣି ଥାନା ଅନ୍ତର୍ଗତ ଗୁହାଳଡାଙ୍ଗରି ଉପ୍ରା ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ରାମଜିତ ହାଁସଦା ବୋଲି ଜଣାପଡ଼ିଛି। ମଙ୍ଗଳବାର ସକାଳୁ ବାପା ଅନନ୍ତ ହାଁସଦା ଓ ମାଆ ବିଲକୁ କାମ କରିବାକୁ ଯାଇଥିଲେ। ଘରକୁ ଫେରି ଦେଖିଲା ବେଳକୁ ପୁଅ ରାମଜିତକୁ କୋଠରୀରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତୁରନ୍ତ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଗୋରୁମହିଷାଣୀ ଥାନା ପୁଲିସକୁ ସୂଚନା ଦେବାରୁ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଅବସରପ୍ରାପ୍ତ କର୍ମଚାରୀ ନରେନ୍ଦ୍ର ଦାସଙ୍କ ଦେହାନ୍ତ



**କରଞ୍ଜିଆ, ୧୬।୧୨(ସମିସ):** କରଞ୍ଜିଆ ସହରର ଜଣାଶୁଣା ସମାଜସେବୀ ତଥା ସବରେଜିଷ୍ଟ୍ରେସନ ଅଫିସର ଅବସରପ୍ରାପ୍ତ କର୍ମଚାରୀ ନରେନ୍ଦ୍ର ନାରାୟଣ ଦାସଙ୍କ ଗତକାଲି କରଞ୍ଜିଆ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ସେ ଶେଷ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ପାଞ୍ଚଦିନ ପୂର୍ବେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ପୁତୁରା ନାତି, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଆଜି ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଦୁର୍ଗାପୁର ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ମୋରଡା, ୧୬।୧୨(ସମିସ):** ମୋରଡ଼ା ବ୍ଲକ ଅଧୀନ ଦୁର୍ଗାପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ସାନଧରମା ମାର୍ଣ୍ଡି ଫିତା କାଟି ଖେଳକୁ ଉଦଘାଟନ କରିଥିଲେ। ଲମ୍ବଡିଆଁ, ଉଚ୍ଚଡିଆଁ, ଫୁଟବଲ, କ୍ରିକେଟ, କବାଡି, ଦୌଡ, ଅଙ୍କକଷା, ସାଧାରଣ ଜ୍ଞାନ, ସାଇକଲ ରେସ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶାରୀରିକ ଶିକ୍ଷା ବିଭାଗ ଶିକ୍ଷକ ହେମନ୍ତ ଜେନା ଖେଳକୁ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ରୀନା ମୁର୍ମୁ, ଦେବସ୍ମିତା ମହାନ୍ତ, କାନ୍ତି ମହାନ୍ତ, ଶିକ୍ଷକ ଘନଶ୍ୟାମ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ମେଣ୍ଢାଖାଇ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଉଦଳା, ୧୬।୧୨(ସମିସ):** ମେଣ୍ଢାଖାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଛି। ସଭାପତି ରତିକୃଷ୍ଣ ମଲ୍ଲିକ, ପ୍ରଧାନଶିକ୍ଷକ ଅଜୟ ପଣ୍ଡା ଓ ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଉପସ୍ଥିତ ରହି କ୍ରୀଡ଼ାକୁ ଉଦ୍‌ଘାଟନ କରିଛନ୍ତି। ଉକ୍ତ କାର୍ଯକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ସୀତାକାନ୍ତ ମହାପାତ୍ର ସହଯୋଗ କରିଥିଲେ। ସିନିୟର ବିଭାଗରେ ଦୌଡ, ଲଙ୍ଗଜମ୍ପ, ଡିସକସ, ଜାବେଲିନ ଥ୍ରୋ, ମ୍ୟୁଜିକ ଚେୟାର, ଆଖବୁରାଡ଼ିଆଁ, କ୍ୟାରମ ଓ ଜୁନିୟର ବିଭାଗରେ ଦୌଡ, ଲଙ୍ଗଜମ୍ପ, ଗଣିତ କଷା, ମ୍ୟାଗନେଟିକ ଡଟ, ସ୍କିପିଂ, ମ୍ୟୁଜିକ ଚେୟାର, ସବଜୁନିୟରରେ ଆଳୁଚାମଚ, ଜିଲିପି ଡିଆଁ, ବେଙ୍ଗଡ଼ିଆଁ, ବାସ୍କେଟବଲ, ସ୍ମୃତି ପରୀକ୍ଷା ଇତ୍ୟାଦି ଖେଳ ଆୟୋଜିତ ହେଉଛି।



## ସର୍ବଭାରତୀୟ ଏନ୍‌ଏସ୍‌ଏସ୍ ଶିବିରରେ କଳିଙ୍ଗ ଡିଗ୍ରୀ କଲେଜ ଛାତ୍ରୀଙ୍କ କୃତିତ୍ୱ




**ବିଶୋଇ, ୧୬।୧୨(ସମିସ):** ଗୁଜୁରାଟରେ ଅନୁଷ୍ଠିତ ଜାତୀୟ ସଂହତି ଶିବିରରେ ଓଡ଼ିଶାର ବଛାବଛା ୧୦ ପ୍ରତିଭା ପ୍ରତିନିଧିଙ୍କ ମଧ୍ୟରେ ବିଶୋଇ ବ୍ଲକ ଅଧୀନସ୍ଥ କଳିଙ୍ଗ ଡିଗ୍ରୀ କଲେଜର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ମାମାମଣୀ ସୋରେନ ଅଂଶଗ୍ରହଣ କରି କୃତିତ୍ୱର ସହ ଶିବିର ପରିସମାପ୍ତି କରିଛନ୍ତି। ବହଳଦା ବ୍ଲକ ଇନ୍ଦଖୋଳି ଗ୍ରାମର ଲକ୍ଷ୍ମୀଧର ଓ ଛିତାମଣିଙ୍କ କନ୍ୟା ମାମାମଣି ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଥିବାବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି। ଗୁଜୁରାଟର ବଦୋଇସ୍ଥ କମର୍ସ କଲେଜରେ ଅନୁଷ୍ଠିତ ଜାତୀୟ ସେବା ଯୋଜନାର ଉକ୍ତ ଶିବିରରେ ଯୋଗଦେଇ ସେ କଲେଜ ଓ ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ କଲେଜର ଅଧ୍ୟକ୍ଷ ଭୂପତି କୁମାର ମହାନ୍ତ, କାର୍ଯ୍ୟକ୍ରମ ସଂଯୋଜକ ସତ୍ୟବାନ ଗିରି ଓ ଅନ୍ୟ କର୍ମଚାରୀ ଖୁସିବ୍ୟକ୍ତ କରିଛନ୍ତି।

### ପର୍ଯ୍ୟଟନ ଓ ବଣଭୋଜି ପାଇଁ କାଳ ବନ୍ଧରେ ଜମିଲାଣି ଭିଡ଼

# ସରକାର ବଦଳିବା ପରେ ନାଲିଫିତା ତଳେ ଡ୍ୟାମ୍‌ର ବିକାଶ

**କପ୍ତିପଦା, ୧୬।୧୨(ସମିସ)**





ଶୀତ ଆସିଲେ ମନେପଡେ ବଣଭୋଜି କଥା। ଚଳଚଞ୍ଚଳ ହୋଇଉଠେ ପିକନିକ ସ୍ପଟ୍। ପିକନିକ ଋତୁରେ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଅନୁକୋଣରେ ବିଭିନ୍ନ ଭାଷାଭାଷୀ, ଭିନ୍ନ ଚଳନୀର ବହୁ ଲୋକଙ୍କ ସମାଗମରେ ଚଳଚଞ୍ଚଳ ହୋଇଉଠେ ପିକନିକ ସ୍ପଟ୍। ଏସବୁ ପିକନିକ୍ ସ୍ପଟ୍ ମଧ୍ୟରେ ରହିଛି କପ୍ତିପଦାର କାଳ ବନ୍ଧ।

ନୈସର୍ଗିକ ସବୁଜିମାର ମୁକ୍ତି ତୀର୍ଥ ମୟୂରଭଞ୍ଜ ପର୍ଯ୍ୟଟକଙ୍କ ପାଇଁ ସାଇତି ରଖିଛି ଅନେକ ଦର୍ଶନୀୟ ସ୍ଥାନ। ପ୍ରାକୃତିକ ଦୃଶ୍ୟାବଳୀ, ଐତିହାସିକ ଓ ପୌରାଣିକ କିମ୍ବଦନ୍ତୀକୁ ଜାବୁଡି ଧରିଥିବା ସବୁଜ ବନାନୀର ଅପୂର୍ବ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇଛି କପ୍ତିପଦାର ଅନନ୍ୟ ପର୍ଯ୍ୟଟନସ୍ଥଳୀ କାଳ ବନ୍ଧ ବା ଡ୍ୟାମ। ନିଜର କର୍ମବ୍ୟସ୍ତ ଜୀବନରୁ କିଛି ସମୟ ପାଇ ପର୍ଯ୍ୟଟକ ଉକ୍ତ ସ୍ଥାନକୁ ଆସି ବୁଲିଗଲେ ମନରେ ଭରିଯାଏ ଅଫୁରନ୍ତ ଆନନ୍ଦ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେବେ ଏହି ସ୍ଥାନ ଏବେ ଅବହେଳିତ ଅବସ୍ଥାରେ ରହିଛି।

୧୯୭୮ରେ କପ୍ତିପଦା ବ୍ଲକ ଚୁଇଁପୋଷୀଠାରେ କାଳ ମଧ୍ୟମ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଶିମିଳିପାଳ ଅଭୟାରଣ୍ୟରେ ରହିଛି ଅନେକ ଉପତ୍ୟକା। ଏହି ଉପତ୍ୟକା ଦେଇ କେତେ ଚିରସ୍ରୋତା ନଦୀ, କଳକଳନାଦିନୀ ଝରଣା ପ୍ରବାହିତ ହୋଇ ଆସି ମିଶିଛି ଏହି ବନ୍ଧରେ। ପ୍ରାକୃତିକ ସବୁଜିମା ଘେରା ବଣ ଜଙ୍ଗଲ, ନାନା ପ୍ରଜାତିର ପଶୁପକ୍ଷୀଙ୍କ କାକଳି ଓ ଜଳଭଣ୍ଡାରର ଦୃଶ୍ୟ ପର୍ଯ୍ୟଟକଙ୍କୁ କରିଥାଏ ମନ୍ତ୍ରମୁଗ୍ଧ। ବନ୍ଧ ନିକଟରେ ଅତିଥିଙ୍କ ପାଇଁ ନିର୍ମିତ ବଙ୍ଗଳା, ସର୍ପିଳ ଗତିରେ ଲମ୍ବି ଯାଇଥିବା ବିସ୍ତିର୍ଣ୍ଣ ମାଟି ବନ୍ଧ। ବନ୍ଧ ନିକଟରେ ଥିବା ମନୋରମ ଉଦ୍ୟାନ ବେଶ୍ ଉପଭୋଗ୍ୟ। କେବଳ ସେତିକି ନୁହେଁ ଜଳଭଣ୍ଡାରକୁ ଲାଗି ରହିଥିବା ଅତୀତର ଇତିଗାଥା ତଥା ଅପୂର୍ବ ଭାବବିନ୍ୟାସର ସ୍ମୃତିମୟ ସ୍ମାରକୀ ସମୀବୃକ୍ଷ ଏହାର ଶୋଭାକୁ ଦ୍ୱିଗୁଣିତ କରିଥାଏ। ଶିମିଳିପାଳ ପାଦଦେଶରେ ପ୍ରକୃତି କୋଳରେ ଗୋଟିଏ ପଥରରେ ସୃଷ୍ଟି ହୋଇଥିବା ଏଇ ପାହାଡ଼ ଏକ ବିରାଟ ଶିବଲିଙ୍ଗ ସଦୃଶ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଆସୁଛି। ମହାଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର କଥା ଆଜିବି ଜନମାନସରେ ବଳବତ୍ତର ରହିଛି ଏହି ସମୀବୃକ୍ଷ ପୀଠରେ। ଏହି ପୀଠର ଗୁରୁତ୍ୱ ଉପଲବ୍ଧି କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ବନ୍ଧ ଉପରେ ପିଚୁ ରାସ୍ତା, ଡ୍ରେନ, ପ୍ରାଚୀର, ଆଲୋକସଜ୍ଜା ଓ ବନ୍ଧ ନିକଟରେ ଥିବା ବଙ୍ଗଳାର ଉନ୍ନତିକରଣ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅନୁଦାନ ଦେଇଥିଲେ। ପରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ୍ଧରେ ବୋଟିଂ ସେବା ଆରମ୍ଭ କରିଥିଲେ। ଓଡ଼ିଶାର ଗର୍ବ ଓ ଗୌରବ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସବୀର ବକ୍ସ, ମନସ୍ୱିନୀ ମହାରଣା, ତତ୍କାଳୀନ କପ୍ତିପଦା ବିଡିଓଙ୍କ ସହିତ କାଳବନ୍ଧ ପରିଦର୍ଶନରେ ଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ଯୋଜନାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କଠାରୁ ସବୁଜ ସଂକେତ ପାଇବା ପରେ ମା' ମଙ୍ଗଳା ପ୍ରାଥମିକ ମତ୍ସ୍ୟଜୀବୀ ସଂସ୍ଥାର ଯୁବକଙ୍କୁ ରାମଚଣ୍ଡୀସ୍ଥ କଳିଙ୍ଗ ସ୍କୁବା ଡ୍ରାଇଭିଂ ଟ୍ରେନିଂରେ ତାଲିମ ପ୍ରଦାନ କରାଯାଇଥିଲା। ସେମାନେ ତାଲିମ ନେଇ ଫେରିବା ପରେ ୨୦୧୭ ମାର୍ଚ୍ଚ ୨୫ରେ କାଳବନ୍ଧରେ ବୋଟିଂ ସେବା ଶୁଭାରମ୍ଭ କରିଥିଲେ। ବୋଟିଂ ସେବା ଉପଲବ୍ଧ ହେବା ପରଠାରୁ ଉକ୍ତ ବନ୍ଧକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଅପରପକ୍ଷରେ ପରବର୍ତ୍ତୀ ସମୟରେ କାଳବନ୍ଧର ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟଟନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ପରନ୍ତୁ ସରକାର ବଦଳିବା ପରେ ସେ ରିପୋର୍ଟ ନାଲିଫିତା ତଳେ ଚାପି ହୋଇଯାଇଛି। ବୋଟିଂ ସେବା ପରେ ସେମିତି କିଛି ଆଖିଦୃଶିଆ ଉନ୍ନତି ହୋଇ ନ ଥିବାବେଳେ ବର୍ତ୍ତମାନ ଏକ ଶୌଚାଳୟର ଅତ୍ୟନ୍ତ ଆବଶ୍ୟକତା ରହିଛି।

## ଆନ୍ତର୍ଜାତିକ ସମାଜବାଦର ବିଭ୍ରାନ୍ତିକୁ ନେଇ ସେଙ୍ଗେଲର ଅଭିଯୋଗ



**ବାରିପଦା, ୧୬।୧୨(ସମିସ):** ଆଦିବାସୀ ଗ୍ରାମ ସମାଜରେ ସମ୍ବିଧାନ ଓ ଜନତନ୍ତ୍ର ଲାଗୁ କରାଯାଇ ଅବିଳମ୍ବେ ସମାଜ ସୁଧାର କରିବା ପାଇଁ ସେଙ୍ଗେଲ ପକ୍ଷରୁ ବାରମ୍ବାର ଦାବି କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ଫଳରେ ଆଦିବାସୀ କ୍ଷେତ୍ରରେ ପରମ୍ପରା ନାମରେ କୁପ୍ରଥା ଦ୍ୱାରା ଅନ୍ୟାୟ, ଅତ୍ୟାଚାର, ଶୋଷଣ ସହିତ ସମ୍ବିଧାନ ବିରୋଧୀ ଓ ଦେଶଦ୍ରୋହ କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ଆଦିବାସୀ ଗ୍ରାମ ସମାଜରେ ଆନ୍ତର୍ଜାତିକ ସମାଜବାଦ (ମାଝୀ ସରକାର) କିଶାନ ସୈନିକର କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ନିରୀହ ଆଦିବାସୀଙ୍କ ପାଖରୁ ମୁଣ୍ଡପିଛା ୩ ହଜାର ଟଙ୍କା ନେଇ ତାଙ୍କ ପକ୍ଷରୁ ଦୁଇପ୍ରକାର ପରିଚୟପତ୍ର ଦିଆଯାଉଛି। ଉକ୍ତ ପରିଚୟପତ୍ର ଦ୍ୱାରା ଦେଶର ମାଲିକ ବୋଲି କହି ଖଜଣାଠାରୁ ଆରମ୍ଭ କରି ବସ୍ ଭଡ଼ା, ଟ୍ରେନ ଭଡ଼ା, ଜାହାଜ ଭଡା, ଉଡାଜାହାଜ ଭଡ଼ା, ବିଜୁଳି ଭଡ଼ା ଆଦି ସମସ୍ତ କ୍ଷେତ୍ରରେ କିଛି ଦେବାକୁ ପଡ଼ିବ ନାହିଁ ବୋଲି କୁହାଯାଇ ଆଦିବାସୀଙ୍କୁ ଠକେଇ, ଭୁଆଁବୁଲାଇ ଲୁଟ୍ କରାଯାଉଛି।

ସବୁଠୁ ସମ୍ବେଦନଶୀଳ ଘଟଣା ଯେ, ଭାରତର ନାଗରିକତା ତ୍ୟାଗ କରାଉଛନ୍ତି ବୋଲି ପ୍ରକାଶ କରାଯାଇଛି। ପେସା ଗ୍ରାମସଭା କୋଅର୍ଡିନେସନ କମିଟିର କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ପେସା ଆଇନ ନାମରେ ପଥର ଖୁଣ୍ଟ ପୋତି, ନା ଲୋକସଭା, ନା ବିଧାନସଭା, ସବୁଠାରୁ ବଡ଼ ଗ୍ରାମସଭା କହି ପ୍ରତ୍ୟେକ ପଥର ଖୁଣ୍ଟ ବାବଦକୁ ୧୮ ହଜାରରୁ ୨୦ ହଜାର ଟଙ୍କା ଲେଖାଏଁ ଲୁଟି ନିଆଯାଉଛି ବୋଲି ସେଙ୍ଗେଲ ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ପଥର ଖୁଣ୍ଟ ଗାଁ ମୁଣ୍ଡରେ ପୋତିଲେ ଗ୍ରାମବାସୀ ମାଲିକ ହୋଇଯିବେ, 'ଆବୱାଃ ଆତୁରେ ଆବୱାଃ ରାଜ' ହୋଇଯିବ ବୋଲି ଗ୍ରାମବାସୀଙ୍କୁ କୁହାଯାଉଛି। ଏହାବ୍ୟତୀତ ପୁଲିସ ଓ ପ୍ରଶାସନ ଗାଁ ଭିତରକୁ ପ୍ରବେଶ କରିପାରିବେ ନାହିଁ ଓ କୌଣସି ଆଇନକାନୁନ କାର୍ଯ୍ୟକାରୀ ହେବ ବୋଲି କହି ଲୋକଙ୍କୁ ଉସୁକାଇ, ଭୁଆଁ ବୁଲାଉଛନ୍ତି। ଏହା ଉପରେ ଆଜି ପର୍ଯ୍ୟନ୍ତ ପୁଲିସ ଓ ପ୍ରଶାସନର କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଜାଣିଶୁଣି ନିରବ ରହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ 'ମାଝୀ-ସରକାର' ଦ୍ୱାରା ନିରୀହ ଆଦିବାସୀ ଭାରତର ନାଗରିକ ନୁହଁନ୍ତି, ଏସଟି ନୁହନ୍ତି ବୋଲି କୁହାଯାଉଛି। ଦେଶର ମାଲିକ୍ ବୋଲି ଉସୁକାଇ ନାଗରିକତା ତ୍ୟାଗ କରାଉଛନ୍ତି। ଯାହାକି କୁସୁମୀ ବ୍ଲକ ତହସିଲଦାର, ବିଶୋଇ ବ୍ଲକ ତହସିଲଦାର ଓ ବାଙ୍ଗିରିପୋଷି ବ୍ଲକ ତହସିଲଦାରଙ୍କ ନିକଟରେ କେତେକ ଆଦିବାସୀ ତାଙ୍କର ଆଧାର କାର୍ଡ, ଭୋଟର କାର୍ଡ ଭଳି ପରିଚୟପତ୍ରକୁ ଫେରାଇ ଦେଇ ଭାରତର ନାଗରିକତା ତ୍ୟାଗ ପତ୍ର ପ୍ରଦାନ କରାଯାଇଥିବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ବୋଧହୁଏ ଭାରତର ନାଗରିକତା ତ୍ୟାଗ କରାଯାଇ ବିଦେଶୀର ନକ୍ସଲ, ମାଓବାଦୀ ଟିମ୍ ଗଠନ କରାଯାଉଥିବା ସେଙ୍ଗେଲ ଅନୁମାନ କରିଛି। ତଥାପି ଓଡ଼ିଶାର ପୁଲିସ ଓ ପ୍ରଶାସନର ନିଦ ଭାଙ୍ଗୁ ନାହିଁ।

ତେବେ 'ମାଝୀ-ସରକାର' ଦ୍ୱାରା ଉକ୍ତ ସମ୍ବିଧାନ ବିରୋଧୀ କାର୍ଯ୍ୟ ଓ ଦେଶଦ୍ରୋହ କାର୍ଯ୍ୟରେ ପୁଲିସ୍, ପ୍ରଶାସନର ହାତ ରହିଛି କି ? ଆଦିବାସୀ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାଙ୍କ ପ୍ରଶ୍ନ ସୃଷ୍ଟି ହେଉଛି। କାରଣ 'ମାଝୀ ସରକାର'ର ନେତୃତ୍ୱକାରୀ ଓଡ଼ିଶାର ନେତା ଓ ନେତ୍ରୀଙ୍କୁ ପଶ୍ଚିମବଙ୍ଗ ବାଙ୍କୁଡ଼ାଠାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାବେଳେ ଓଡ଼ିଶାରେ କାହିଁକି ଗିରଫ କରାଗଲାନାହିଁ ବୋଲି ସେଙ୍ଗେଲ ପ୍ରଶ୍ନ କରିଛି। ଉକ୍ତ ଅପରାଧିକ ମାମଲାରେ ଯଥାଶୀଘ୍ର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଆଦିବାସୀ ସେଙ୍ଗେଲ ଅଭିଯାନର ଓଡ଼ିଶା ପ୍ରଦେଶ ପାର୍ଗାନା ସହ ପୂର୍ବାଞ୍ଚଳ ବାରିପଦା ଜୋନାଲ କମିଟିର ସେଙ୍ଗେଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ମୟୂରଭଞ୍ଜର ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜୋନାଲ ଉପସଭାପତି ବାହାଦୁର ମୁର୍ମୁ, ମାଝୀ-ପାର୍ଗାନା ମାଡୱାର ମୟୂରଭଞ୍ଜ ଜିଲ୍ଲା ସଭାପତି ବିକାଶ ହେମ୍ବ୍ରମ, ଜିଲ୍ଲା ଯୁବା ସଭାପତି ଉଦୟନାଥ ହେମ୍ବ୍ରମ, ବିଜୟ ମାର୍ଣ୍ଡି ଓ ସୁନ୍ଦର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସସ୍ମିତା ବେହେରା ମୟୂରଭଞ୍ଜ (ପୂର୍ବ) ଏସି ସେଲ୍ ଅଧ୍ୟକ୍ଷା



**ବାରିପଦା, ୧୬।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ସଭାପତି ଘୋଷଣା ପରେ କଂଗ୍ରେସ ଦଳର ସଂଗଠନକୁ ସୁଦୃଢ଼ ସହିତ ଅନୁସୂଚିତ ଜାତିର ସଂଗଠନକୁ ମଜବୁତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସମ୍ମତିକ୍ରମେ ରାଜ୍ୟ ଅନୁସୂଚିତ ଜାତି ଅଧ୍ୟକ୍ଷ ମାନସ ମଲ୍ଲିକ ଜିଲ୍ଲା (ପୂର୍ବ) ଅଧ୍ୟକ୍ଷା ଭାବେ ନାରୀନେତ୍ରୀ ବଡ଼ସାହି ନିର୍ବାଚନମଣ୍ଡଳୀର ସସ୍ମିତା ବେହେରାଙ୍କ ନାମ ଅନୁମୋଦନ କରିଥିବାରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ଶ୍ରୀମତୀ ସସ୍ମିତା ବେହେରାଙ୍କୁ ମନୋନୀତ କରିଛନ୍ତି। ଏ ନୂତନ ଦାୟିତ୍ୱ ନେଇ ସସ୍ମିତା ବେହେରା ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପିସିସି ସଭାପତି ଶ୍ରୀ ଦାସ, ରାଜ୍ୟ ଏସି ସଭାପତି ଶ୍ରୀ ମଲ୍ଲିକ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ପାଲ ଗୌତମଙ୍କୁ କୃତଜ୍ଞତା ଜଣାଇଛନ୍ତି। ସସ୍ମିତା ବେହେରାଙ୍କ ନୂତନ ଅଧ୍ୟକ୍ଷା ନିଯୁକ୍ତି ନେଇ କଂଗ୍ରେସ ବରିଷ୍ଠ ନେତା ଏସଟି ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, ମୀନକେତନ ବେହେରା, ସତ୍ୟକାମ ସେନାପତି, ଉତ୍ତମ ବେହେରା, ମହିଳା ନେତ୍ରୀ ଭୁବନେଶ୍ୱରୀ ଜେନା ଓ ମାଧବୀ ସେନାପତି, ବହୁ କଂଗ୍ରେସ ନେତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବ୍ଲକ୍‌ସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା

**ଶୁଳିଆପଦା, ୧୬।୧୨(ସମିସ):** ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ନାରାୟଣ ବିଦ୍ୟାପୀଠରେ ଶୁଳିଆପଦା ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ସ୍ତରରୁ ବଛାଯାଇଥିବା ପ୍ରତିଯୋଗୀ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ନାଏକଙ୍କ ସଭାପତିତ୍ୱରେ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱରୂପ ବାରିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସିନିୟର ବିଭାଗରେ ଦେଉଳି ସରକାରୀ ଉଚ୍ଚବିଦ୍ୟାଳୟର ତିସ୍ତି ଦାସ, ଜୁନିୟର ବିଭାଗରେ କୋଷ୍ଠା ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ଧିରଜ ଧଳ ଓ ସବ୍‌ଜୁନିୟର ବିଭାଗରେ କୁଣ୍ଡିଆଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ପାର୍ବତୀ ମୁର୍ମୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର କିସ୍କୁ ଉପସ୍ଥିତ ହୋଇ ସମସ୍ତ ବିଜେତାଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସରୋଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧୀନ ସମସ୍ତ ସିଆରସିସି ଓ ଶିକ୍ଷକ ସହଯୋଗ କରିଥିଲେ।

## ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବଡ଼ସାହି, ୧୬।୧୨(ସମିସ):** ସ୍ଥାନୀୟ ବିବେକାନନ୍ଦ ବିହାରସ୍ଥ ବାଣୀପୀଠ ପରିଚାଳିତ ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଞ୍ଚାଳିକା ପୁହାଣ ସୂର୍ଯ୍ୟକାନ୍ତି ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଭା ପୂଜନ ଅନୁଷ୍ଠାନର ପ୍ରତିଷ୍ଠାତା ସଚ୍ଚିଦାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡକ୍ଟର ନବ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଜାତୀୟ ଓ ଆନ୍ତର୍ଜାତିକ ପୁରସ୍କାରପ୍ରାପ୍ତ ଶିକ୍ଷକ ଡକ୍ଟର ଶଶୀଧର ବିଶ୍ୱାଳ, ସ୍ୱତନ୍ତ୍ର ଅତିଥି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ମାନିତ ଅତିଥି ସମାଜସେବୀ ନିହାର ମହାପାତ୍ର, ତହସିଲଦାର କରୁଣାକର ଧିନ୍ଦା ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମହାନ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଗୁରୁଜୀ ଦୀପକ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। ମିସ୍ ସେନକ୍ସି ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇଦିନିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

**ବଡ଼ସାହି, ୧୬।୧୨(ସମିସ):** ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ବକ୍ରେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦୁଇଦିନିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ୧୬ଟି ଓ ଦ୍ୱିତୀୟ ଦିବସରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ଉନ୍ନତ ଖେଳ ପ୍ରଦର୍ଶନ କରି ଟୋଟାପଡ଼ା ଓ ପୁରୁଣାଗାଁ ଫାଇନାଲକୁ ଉନ୍ନତି ହୋଇଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳର ତୃତୀୟ ସେଟରେ ଟୋଟାପଡ଼ା ୧୫-୭ ପଏଣ୍ଟରେ ପୁରୁଣାଗାଁକୁ ହରାଇ ଚାମ୍ପିଅନ ହୋଇଛି। ସେହିପରି ଦ୍ୱିତୀୟ ଦିବସରେ ଫାଇନାଲ ଖେଳ ମାଣିକପୁର ଓ ରାଗଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଣିକପୁର ୨୫-୧୭ ପଏଣ୍ଟରେ ବିଜୟ ଲାଭ କରିଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅପୂର୍ବା ରାଇସ ମିଲର ମାଲିକ ମଞ୍ଜନ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଯୋଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ଦୁର୍ଗାପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଓ ବିବେକାନନ୍ଦ ମହାନ୍ତ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଛନ୍ତି। ଖେଳକୁ ରାଜେଶ ଟିପିରିଆ, ଦେବାଶିଷ ଧର ମହାପାତ୍ର ପରିଚାଳନା କରିଥିଲେ। କ୍ଲବ ପକ୍ଷରୁ ଆଶାର ମହାନ୍ତ, ନିଶିକାନ୍ତ ଦାସ, ସୁଧାଂଶୁ ଶେଖର ମିଶ୍ର, ହୃଷିକେଶ ଦେହୁରୀ, ମଧୁସୂଦନ ମହାନ୍ତ, ବିନାୟକ ମହାନ୍ତ, ଲକ୍ଷ୍ମୀନାରାୟଣ ସିଂ, ଲମ୍ବୋଦର ମହାନ୍ତ, ଚିତ୍ତରଞ୍ଜନ ବାରିକ ଓ ରବିରଞ୍ଜନ ମହାନ୍ତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




ସକାଳ
THE SAKALA

# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ। ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର !

-ୱାରେନ୍ ବଫେଟ୍

## ଜୀ ରାମ୍ ଜୀ!

କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ୨୦୦୫ରେ ପ୍ରଣୀତ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ସଂକ୍ଷେପରେ ମନରେଗା) ଆଇନ୍‌କୁ ରଦ୍ଦ କରି ତା'ବଦଳରେ 'ବିକଶିତ ଭାରତ- ନିଶ୍ଚିତ ରୋଜଗାର ଓ ଆଜୀବିକା ମିଶନ୍(ଗ୍ରାମୀଣ) ଯୋଜନା(ସଂକ୍ଷେପରେ ଭିବି-ଜୀ ରାମ୍ ଜୀ) ଆଇନ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ହେଉଛନ୍ତି। ଏ ସମ୍ପର୍କିତ ବିଧେୟକ ଲୋକସଭାରେ ଉପସ୍ଥାପିତ ହେବା ପରେ ସଂସଦ ଭିତରେ ଓ ବାହାରେ ସ୍ୱାଭାବିକ ଭାବେ ବିରୋଧାଭାସ ସୃଷ୍ଟି ହୋଇଛି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ଯେତିକି ବିବାଦୀୟ ହୋଇଛି, ଯୋଜନାର ମୌଳିକ ଓ ମହତ୍ ଲକ୍ଷ୍ୟ ପରାହତ ହେବ ବୋଲି ତା'ଠାରୁ ଅଧିକ ଅଭିଯୋଗ ହୋଇଛି।

'ମନରେଗା' ଭଳି ଏକ ଯୁଗାନ୍ତକାରୀ ଆଇନକୁ ରଦ୍ଦ କରିବା ପୂର୍ବରୁ ସଂସଦରେ ବିଚାର, ବିମର୍ଶ ଓ ଆଲୋଚନାର ଆବଶ୍ୟତା ଥିଲା। କିନ୍ତୁ ସଂସଦୀୟ ଗଣତନ୍ତ୍ରକୁ ଉପେକ୍ଷା କରି ସରକାର ଏଭଳି ବିଧେୟକ ଉପସ୍ଥାପନ କରିଥିବାରୁ ବିବାଦ ସୃଷ୍ଟି ହେବା ସ୍ୱାଭାବିକ। ଏଥିସହିତ 'ମନରେଗା'ରେ ଥିବା କାମ ମାଗିବାର ଅଧିକାରଟି 'ଜୀ ରାମ୍ ଜୀ'ରେ ଶ୍ରମଜୀବୀମାନେ ହରାଇବେ ବୋଲି ଅଭିଯୋଗ ହୋଇଛି। '୨୦୪୭ରେ ବିକଶିତ ଭାରତର ପରିକଳ୍ପନା'ଦୃଷ୍ଟିରେ ରଖି 'ଜୀ ରାମ୍ ଜୀ'ରେ କାର୍ଯ୍ୟଦିବସକୁ ୧୨୫ ଦିନକୁ ବୃଦ୍ଧି କରାଯାଇଥିଲେ ହେଁ ଗ୍ୟାରେଣ୍ଟି ବା ନିଶ୍ଚିତତା ହରାଇଛି। ବିଧି ବିଶାରଦଙ୍କ ବିଶ୍ଳେଷଣ ଅନୁଯାୟୀ, ବିଧେୟକରେ ଥିବା ଉପବିଭାଗ ୪(୫) ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଯେଉଁ କାମ ବାଣ୍ଟିବେ ସେଥିରୁ ରାଜ୍ୟମାନେ ଶ୍ରମଜୀବୀଙ୍କୁ କାର୍ଯ୍ୟଦିବସ ଯୋଗାଇ ଦେବେ। ଅର୍ଥାତ୍ ଯଦି କାମ ନାହିଁ ତେବେ ଶ୍ରମ ଓ ରୋଜଗାର ମଧ୍ୟ ନାହିଁ। ସେହିପରି ପ୍ରଚଳିତ 'ମନରେଗା'ରେ ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବା ବେଳେ 'ଜୀ ରାମ୍ ଜୀ'ରେ କେନ୍ଦ୍ର ୬୦ ଭାଗ ଓ ରାଜ୍ୟମାନେ ୪୦ ଭାଗ ଅର୍ଥ ବହନ କରିବେ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କ ପାଇଁ ଏହି ଅନୁପାତ ୯୦:୧୦ ରହିବ। ଏହାଦ୍ୱାରା ରାଜ୍ୟମାନଙ୍କ ଆର୍ଥିକ ବୋଝ ବଢ଼ିବ ଏବଂ ଶ୍ରମଜୀବୀମାନଙ୍କ ବିରୋଧର ପ୍ରତ୍ୟକ୍ଷ ସମ୍ମୁଖୀନ ରାଜ୍ୟ ସରକାରମାନଙ୍କୁ ହେବାକୁ ପଡ଼ିବ।

ଯଦି ସଠିକ୍ ଭାବେ ପାଣ୍ଠିର ଆବଣ୍ଟନ କରାଯାଇଥା'ନ୍ତା ତେବେ 'ମନରେଗା' ହିଁ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣକୁ ୨୬% ପର୍ଯ୍ୟନ୍ତ ହ୍ରାସ ଏବଂ ରୋଜଗାରକୁ ୧୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରିଥା'ନ୍ତା ବୋଲି ୨୦୨୩ରେ ତିନି ଅର୍ଥନୀତିଜ୍ଞ କେ ମୁରଲୀଧରନ୍, ପଲ୍ ଏନ୍ ଓ ସନ୍ଦୀପ ଏସ୍ ଙ୍କ ଏକ ସନ୍ଦର୍ଭରେ ପ୍ରକାଶ ପାଇଥିଲା। ଗତ ପାଞ୍ଚ ବର୍ଷ ଭିତରେ ପାଣ୍ଠି ଅଭାବରୁ 'ମନରେଗା' କାର୍ଯ୍ୟଦିବସ ହାରାହାରି ୫୫କୁ ହ୍ରାସ ପାଇଛି। ତେଣୁ ଯୋଜନା ରୂପାୟନରେ ଥିବା ତ୍ରୁଟିକୁ ନ ସୁଧାରି ଯୋଜନା ଉଚ୍ଛେଦ କେତେ ଯଥାର୍ଥ ତାହା ବିଚାରସାପେକ୍ଷ। ସେହିପରି 'ଜୀ ରାମ୍ ଜୀ'ରେ ଅଣକୁଶଳୀ ଶ୍ରମିକମାନଙ୍କ କାର୍ଯ୍ୟ, ତଦାରଖ, ପାରିଶ୍ରମିକ ପ୍ରଦାନ ଆଦି ସବୁକିଛି ଡିଜିଟାଲ୍‌ରେ ବା ଏଆଇ ଦ୍ୱାରା ପରିଚାଳିତ ହେବ। 'ନରେଗା'ରେ ହେଉଥିବା ଶ୍ରମଚୋରି ବା ଜାଲ୍ ଜବ୍‌କାର୍ଡ ଅଭିଯୋଗ ଡିଜିଟାଲ୍ ପ୍ରକ୍ରିୟାରେ ହ୍ରାସ ପାଇବ ନିଶ୍ଚୟ, କିନ୍ତୁ ନିରକ୍ଷର ବା ଅଳ୍ପଶିକ୍ଷିତ ଶ୍ରମଜୀବୀମାନେ ପ୍ରଭାବିତ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

'ଜୀ ରାମ୍ ଜୀ' କେତେ ପ୍ରଜାବତ୍ସଳ ଓ ମଙ୍ଗଳଦାୟକ ହେବ ତାହା ରୂପାୟନ ପରେ ହିଁ ଜଣାପଡ଼ିବ। କିନ୍ତୁ ଅଯଥା ଦଳୀୟ କନ୍ଦଳରେ ମହତ୍ ଯୋଜନା ବଳି ପଡ଼ିବାର ଧାରା ଜାରି ରହେ ବା କେବଳ ପରିବର୍ତ୍ତନ ପାଇଁ ପରିବର୍ତ୍ତନ ହୁଏ ତେବେ ସାଧାରଣ ଖଟିଖିଆ ଜନତାଙ୍କୁ କେବଳ 'ରାମ ଜୀ' ଭରସା। ●

## ବିଷ ବଳୟରେ ଦିଲ୍ଲୀ

ରାଜଧାନୀ ଦିଲ୍ଲୀ ଅଞ୍ଚଳ ପ୍ରଦୂଷଣର ବିଷ ବଳୟର ପଞ୍ଝାକୁ ଚାଲିଯିବା ନୂଆ ନୁହେଁ। ଗତ କିଛି ବର୍ଷ ହେଲା ଦୀପାବଳୀ ପରଠାରୁ ଶୀତ ଦିନ ସରିବା ପର୍ଯ୍ୟନ୍ତ ଏଭଳି ଘଟଣାର ପୁନରାବୃତ୍ତି ଘଟିଚାଲିଛି। ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂସଦରେ ମଧ୍ୟ ଆଲୋଚନା ହୋଇଛି। କିନ୍ତୁ ସରକାରୀ ଉଦାସୀନତା କାରଣରୁ ଏହାର ଦୀର୍ଘସ୍ଥାୟୀ ସମାଧାନ ହୋଇପାରୁନାହିଁ। ବିଶ୍ୱରେ ଦିଲ୍ଲୀ ଏକମାତ୍ର ଜନଗହଳି ଓ ଯାନବାହନ ପୂର୍ଣ୍ଣ ସହର ନୁହେଁ। ବିଶ୍ୱର ଅନ୍ୟ ପ୍ରଦୂଷିତ ସହରମାନେ ନିରନ୍ତର ଓ ଆନ୍ତରିକ ଉଦ୍ୟମ ବଳରେ ଯେପରି ପ୍ରଦୂଷଣ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ କରିପାରିଛନ୍ତି ତାହା ଦିଲ୍ଲୀ ସରକାରଙ୍କଠାରେ ଅଭାବ ରହିଛି, ଏହା ସ୍ୱୀକାର କରିବାକୁ ପଡ଼ିବ।

ଏବେ ତ ଦିଲ୍ଲୀ ଦିନରେ ମଧ୍ୟ ସନ୍ଧ୍ୟାର ଭ୍ରମ ସୃଷ୍ଟି କରୁଛି। କେତେକ ସ୍ଥାନରେ ବାୟୁର ମାନ ଏକ୍ୟୁଆଇ ୫୦୦(ଅତି ସାଂଘାତିକ ସ୍ତର) ପାର କରିଯାଇଛି। ୨୫୦ରୁ ଅଧିକ ବିମାନ ଚଳାଚଳ ବାତିଲ୍ କରାଯାଇଛି। ପ୍ରତିକାର ସ୍ୱରୂପ ସ୍କୁଲ୍ ପିଲାମାନଙ୍କୁ ଘରେ ରହି ପାଠ ପଢ଼ିବା ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏହା କେବଳ ଏକ ତାଳିପକା ଉଦ୍ୟମ ବୋଲି କୁହାଯାଇପାରେ। ମାତ୍ରାଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର, ଅପରିଣାମଦର୍ଶୀ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ଆଦିର ପରାଭବ କ'ଣ ହୋଇପାରେ ତାହା ଗତ କିଛିବର୍ଷ ଧରି ଦିଲ୍ଲୀବାସୀ ଭୋଗୁଛନ୍ତି ଏବଂ ସାରା ଦୁନିଆବାସୀ ଦେଖୁଛନ୍ତି। କେବଳ ପଡ଼ୋଶୀ ରାଜ୍ୟର ନଡ଼ା ପୋଡ଼ିକୁ ଦାୟୀ କଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ବାରଣ ସତ୍ତ୍ୱେ ଏଥର ଦୀପାବଳୀରେ ମଧ୍ୟ ମନଇଚ୍ଛା ବାଣ ଫୁଟିଲା। ଅଦାଲତ ସହିତ ପୁଲିସ୍ ପ୍ରଶାସନ ଦେଖଣାହାରୀ ସାଜିଲା। ପୁରୁଣା ଗାଡ଼ିର ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଏ ପର୍ଯ୍ୟନ୍ତ ଲାଗିପାରୁନାହିଁ। ଏ କାମଟି ଯାହାର ସେ ନିଦାବିଷ୍ଟ ସାଜିବାରୁ ବିଚରା ଦିଲ୍ଲୀବାସୀ ଏବଂ ବିଶେଷକରି ଶ୍ୱାସରୋଗୀ ଓ ଶିଶୁମାନେ ପରାଭବ ଭୋଗୁଛନ୍ତି।

ନିଜେ ସଚେତନ ଓ ଆତ୍ମସଂଯମ ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟାରୁ ମୁକ୍ତି ନାହିଁ। ତେବେ ସରକାରଙ୍କ ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ତାହାର ଅନୁପାଳନ ନିହାତି ଆବଶ୍ୟକ। ଅନ୍ତତଃପକ୍ଷେ ସ୍ୱାଧୀନ ଓ ସମସ୍ୟାମୁକ୍ତ ଜୀବନ ଜିଇଁବାର ଯେଉଁ ଅଧିକାରଟି ସମ୍ବିଧାନ ଆମକୁ ଦେଇଛି ତାହା ଯେପରି ନିଶ୍ଚିତ ହୁଏ ସେ ଉତ୍ତରଦାୟିତ୍ୱ ସରକାର ନିହାତି ନେବା ଆବଶ୍ୟକ। ●

# ଘରୋଇକରଣର ପରାଭବ

**ଡ.ବିମଳ ଷଡ଼ଙ୍ଗୀ**

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ର ନୂଆ ନିୟମ ଅନୁସାରେ ପାଇଲଟ ଓ ବିମାନ କର୍ମଚାରୀଙ୍କ ପାଇଁ ନୂତନ କାର୍ଯ୍ୟ ନିର୍ଘଣ୍ଟ ଓ ବିଶ୍ରାମ ନିୟମ ଲାଗୁ ହୋଇଛି। ଇଣ୍ଡିଗୋ ଭଳି ଘରୋଇ କମ୍ପାନୀମାନେ ଅଧିକ ଲାଭ ଆଶାରେ ଅଳ୍ପସଂଖ୍ୟକ ପାଇଲଟ ଓ କର୍ମଚାରୀଙ୍କ ମାଧ୍ୟମରେ ସେବା ଜାରି ରଖିଛନ୍ତି। ଇଣ୍ଡିଗୋ ଦିନରେ ୨୨୦୦ରୁ ଅଧିକ ବିମାନ ଚଳାଚଳ କରିଥାଏ। ନୂଆ ନିୟମ ଲାଗୁ ହେବା ପରେ ତା' ପାଖରେ ଆବଶ୍ୟକ ସଂଖ୍ୟକ ପାଇଲଟ ଓ କର୍ମଚାରୀ ଉପଲବ୍ଧ ନ ଥିବାରୁ ବହୁସଂଖ୍ୟକ ବିମାନକୁ ବାତିଲ କରାଗଲା। ଏୟାର ଇଣ୍ଡିଆର ବିମାନସେବା ନିୟମ ହିସାବରେ ପାଇଲଟ ଓ କର୍ମଚାରୀ ସଠିକ ଦରମାରେ ନିୟମ ମୁତାବକ କାର୍ଯ୍ୟ କରୁଥିଲେ। ଯାହାଫଳରେ ତା'ର ବିମାନ ସେବା ସବୁଠାରୁ ଅଧିକ ବ୍ୟୟସାପେକ୍ଷ ଥିଲା। ଅଳ୍ପସଂଖ୍ୟକ ଯାତ୍ରୀ ସେଥିରେ ଯାତାୟାତ କରୁଥିବାରୁ ସଂସ୍ଥା କ୍ଷତିରେ ଚାଲୁଥିଲା। ଅପରପକ୍ଷରେ ଅଳ୍ପସଂଖ୍ୟକ କର୍ମଚାରୀ ଓ ସ୍ୱଳ୍ପ ବେତନରେ ଘରୋଇ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ଏୟାର ଇଣ୍ଡିଆଠାରୁ ସାମାନ୍ୟ କମ ଦରରେ ଯାତ୍ରୀ ପରିବହନ କରି ଅଧିକ ଲାଭବାନ ହେଉଥିଲେ। ଏହାର ପ୍ରଧାନ କାରଣ ସମସ୍ତ ନିୟମ କେବଳ ସରକାରୀ ସଂସ୍ଥାଗୁଡ଼ିକରେ କଠୋର ଭାବରେ ପାଳନ କରାଯାଇ ଘରୋଇ କପାନୀଗୁଡ଼ିକୁ କୋହଳ ନୀତି ଦ୍ୱାରା ଲାଭବାନ କରାଯାଉଥିଲା। ତେଣୁ ଯେଉଁ ଘରୋଇ କମ୍ପାନୀଗୁଡ଼ିକ ବର୍ଷ ବର୍ଷ ଧରି ଲାଭର ସ୍ୱାଦ ଚାଖି ଆସିଛନ୍ତି। ସେମାନଙ୍କୁ ହଠାତ କଠୋର ନିୟମ ଦ୍ୱାରା ବାନ୍ଧିରଖିବା ଏତେ ସହଜ ନୁହେଁ।

ଇତିମଧ୍ୟରେ ଡିଜିସିଏ ଇଣ୍ଡିଗୋକୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ ବିମାନ ଉଡ଼ାଣ ସଂଖ୍ୟା ୫% ପର୍ଯ୍ୟନ୍ତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍‌ସହିତ ବିମାନ ଚଳାଚଳ ସୂଚୀ ପୁନଃ ନିର୍ଦ୍ଧାରଣ କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟ ଦେଇଛନ୍ତି। ମାତ୍ର ଇଣ୍ଡିଗୋ କମ୍ପାନୀ ଚତୁରତାର ସହିତ ଫେବୃଆରୀ ୨୦୨୬ ପୂର୍ବରୁ ବିମାନ ଚଳାଚଳ ସଂପୂର୍ଣ୍ଣ ସ୍ୱାଭାବିକ କରିବାକୁ ପ୍ରସ୍ତାବ ଦେଇଛି। କାରଣ ଯାତ୍ରୀମାନଙ୍କର ଯେତେ କ୍ଷତି ହେବ ସେତେ ଜନଅସନ୍ତୋଷ ବଢ଼ିବ ଏବଂ ସରକାର ବାଧ ହୋଇ ସମସ୍ତ ଘରୋଇ କମ୍ପାନୀ ପାଇଁ ନିୟମ କୋହଳ କରିବାକୁ ବାଧ ହେବେ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବର୍ତ୍ତମାନ ସମୟରେ ଘରୋଇ କମ୍ପାନୀଗୁଡ଼ିକର ବେନିୟମ କାର୍ଯ୍ୟକୁ ସରକାର ଚାହିଁଲେ ବି ବଦଳାଇ ପାରିବେ ନାହିଁ।

ବିମାନ ଚଳାଚଳର ଅନୁରୂପ ଦୟନୀୟ ପରିସ୍ଥିତି ଦେଇ ଗତି କରୁଛି ଆମ ଶିକ୍ଷା ବ୍ୟବସ୍ଥା। ତଥ୍ୟ ଆଧାରରେ ଭାରତରେ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ସରକାରୀକରଣ କରିବା ପାଇଁ ଜିଡିପିର ୬% ଆବଶ୍ୟକ ସ୍ଥଳେ ବଜେଟରେ ଶିକ୍ଷା ପାଇଁ ମାତ୍ର ୨ରୁ ୩ ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଶିକ୍ଷାକୁ ସଂପୂର୍ଣ୍ଣ ଭାବରେ ସରକାରୀ ସ୍ତରରେ ପରିଚାଳନା କରିବାକୁ ବ୍ୟବସ୍ଥାଗତ ପରିବର୍ତ୍ତନ ଆବଶ୍ୟକ। ଯଦି ସରକାର ବର୍ତ୍ତମାନ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ସମସ୍ତ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସରକାରୀ କରନ୍ତି, ତେବେ ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନେ ବିଦ୍ରୋହ କରିବେ। ତତ୍‌ସହିତ ଅନୁଷ୍ଠାନଗୁଡ଼ିକରେ ଆର୍ଥିକ ସ୍ତରର କ୍ଷମାତାଶାଳୀ ବ୍ୟକ୍ତିମାନଙ୍କର ପିଲାମାନେ ନିଜକୁ ଅସୁରକ୍ଷିତ ମନେ କରି ବିଦ୍ରୋହକୁ ସହାୟତା କରିବେ। ତେଣୁ ଗୋଟିଏ ବୃହତ କ୍ଷମତାଶୀଳ ଗୋଷ୍ଠୀ ସରକାର ବିରୁଦ୍ଧରେ ବିଦ୍ରୋହ କରିବେ, ଯାହାକୁ କୌଣସି ସରକାର ସାମ୍ନା କରିବାକୁ ଅସମର୍ଥ।

ଯେପରି ବିମାନ ଚଳାଚଳର ପରିଚାଳନା ଓ ନିୟନ୍ତ୍ରଣ ଆଦି ସରକାରଙ୍କ ଅଧୀନକୁ ଆସିଲେ ଘରୋଇ କମ୍ପାନୀଙ୍କ ବିଦ୍ରୋହକୁ ସରକାର ମୁକାବିଲା କରିବାକୁ ଅସମର୍ଥ, ସେହିପରି ଶିକ୍ଷା ବିଭାଗରେ କୌଣସି ପରିବର୍ତ୍ତନ କଲେ ସରକାରଙ୍କୁ ଧନିକ ଶ୍ରେଣୀକୁ ସାମ୍ନା କରିବାକୁ ପଡ଼ିବ। ସେଥିପାଇଁ ଶିକ୍ଷା ବ୍ୟବସ୍ଥାରେ ସେବା ପ୍ରଦାନକାରୀ ପରିବର୍ତ୍ତେ ସରକାରଙ୍କ ଭୂମିକା କେବଳ ନିୟାମକ ପ୍ରାଧିକରଣରେ ସୀମିତ ରହିଯାଇଛି। ଫଳରେ ଶିକ୍ଷା ବ୍ୟବସ୍ଥା ଗମନାଗମନ ଭଳି ଆଜି ଏକ ବୃହତ ବେପାର ହୋଇ ସେବାରୁ ବହୁ ଦୂରରେ।

ଏକବିଂଶ ଶତାବ୍ଦୀର ଭାରତରେ ସବୁଠୁ ବଡ଼ ବିଡ଼ମ୍ବନା ହେଉଛି ଏହା ଏପରି ଏକ ଦେଶ, ଯେଉଁଠାରେ 'ଶିକ୍ଷା' କୁ 'ଅଧିକାର' ବଦଳରେ 'ବ୍ୟବସାୟ' ଦୃଷ୍ଟିରେ ଦେଖାଯାଏ। କେବଳ ଶିକ୍ଷା ନୁହେଁ ନାଗରିକ ପାଇଁ ଆବଶ୍ୟକ ପ୍ରାୟ ସମସ୍ତ ଅଧିକାର ଧୀରେ ଧୀରେ ବ୍ୟବସାୟରେ ପରିଣତ ହୋଇଚାଲିଛି। ବିମାନ ସେବାର ଘରୋଇକରଣ ପରେ ଯାତ୍ରୀ ସେବା ଭଳି ଶିକ୍ଷାର ଅତିରିକ୍ତ ଘରୋଇକରଣରୁ ଶିକ୍ଷା ଉପରେ ଜନତା ସେମାନଙ୍କର ଅଧିକାର ହରାଇଛନ୍ତି। ଆମ ଦେଶର ଶିକ୍ଷା ପ୍ରଣାଳୀରେ ଆଜି 'ଶିକ୍ଷା' ଆଉ 'ସଂସ୍କାର' ସୃଷ୍ଟି କରୁନାହିଁ। କେବଳ ଟଙ୍କା ରୋଜଗାରର 'ବଜାର' ସୃଷ୍ଟି କରୁଛି।

ପ୍ରତ୍ୟେକ ଶିଶୁକୁ ଶିକ୍ଷା ବାଧ୍ୟତାମୂଳକ। କିନ୍ତୁ ପ୍ରଶ୍ନ ହେଲା, କେଉଁ ପ୍ରକାର ଶିକ୍ଷା ବାଧ୍ୟତାମୂଳକ? ତା'ର ସଂଜ୍ଞା କ'ଣ? ତାହା ସମସ୍ତଙ୍କୁ ଅଜଣା। ଗ୍ରାମ ଓ ସହର ସବୁଠାରେ ଅନେକ ସରକାରୀ ସ୍କୁଲ୍‌ରେ ଶିକ୍ଷକ କିମ୍ବା ଶ୍ରେଣୀଗୃହର ଅଭାବ ରହିଛି। ଶିକ୍ଷାଦାନର ଗୁଣବତ୍ତା କମି ଚାଲିଛି। ଏଣୁ ଅଭିଭାବକମାନେ ଘରୋଇ ବିଦ୍ୟାଳୟର ଚାକଚକ୍ୟ ଠାଣିରେ ଆକର୍ଷିତ ହୋଇ ସେଠାରେ ପାଠପଢ଼ା ଭଲ ବା ମନ୍ଦ ହେଉ, ଆଖି ବୁଜି ସେମାନଙ୍କ ପିଲାମାନଙ୍କୁ ନାମ ଲେଖାଉଛନ୍ତି। ପରେ ଘରୋଇ ବିଦ୍ୟାଳୟମାନଙ୍କ ଜାଲରେ ପଡ଼ି ଖର୍ଚ୍ଚାନ୍ତ ହେଉଛନ୍ତି। ଆଜିର ପରିସ୍ଥିତି ଏପରି ହୋଇଛି ଯଦି ଆମେ ନିଜ ପିଲାକୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଇବା ନାହିଁ ତେବେ, ସମସ୍ତ ହିତୈଷୀ ଉପଦେଶ ଦେବା ଆରମ୍ଭ କରିବେ। ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଇ ନିଜ ପିଲାର ଭବିଷ୍ୟତ ନଷ୍ଟ କରୁଛ ବୋଲି କହିବେ। 'ତିନି ତୁଣ୍ଡରେ ଛେଳି କୁକୁର ପରି' ବାଧହୋଇ ଦିଗହରା ଅବସ୍ଥାରେ ତା'କୁ ଗ୍ରହଣ କରିବାକୁ ପଡ଼େ।

ଯେଉଁ ଶିକ୍ଷକମାନେ ସରକାରୀ ଅନୁଷ୍ଠାନରେ ଚାକିରି ପାଇ ନଥା'ନ୍ତି ସେମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ବାଧ ହୋଇ କମ ଦରମାରେ ଘରୋଇ ଅନୁଷ୍ଠାନରେ ଚାକିରି କରନ୍ତି ଏବଂ ପିଲାମାନଙ୍କୁ ଘରୋଇ ଟିଉସନ ପାଇଁ ବାଧ କରନ୍ତି। ଯାହା ଫଳରେ ପଥଭ୍ରଷ୍ଟ ଅଭିଭାବକଟି ପ୍ରଥମେ ଅଧିକ ପଢ଼ା ଖର୍ଚ୍ଚରେ ଘରୋଇ ଅନୁଷ୍ଠାନରେ ନାମ ଲେଖାଏ। ତା' ସହିତ ବାର୍ଷିକ ଦେୟ, ବିକାଶ ଦେୟ, ସ୍କୁଲ ୟୁନିଫର୍ମ ଦେୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ଦେୟ, ପୁସ୍ତକ ଓ ଖାତା ପାଇଁ ଦେୟ ଆଦି ଦେଇ ଦେଇ ସର୍ବସ୍ୱାନ୍ତ ହୋଇପଡ଼ନ୍ତି। ସୁବିଧା ନାମରେ ଶୋଷଣ ସେଠାରେ ପ୍ରାଥମିକତା ପାଇଥାଏ।

ବିଡ଼ମ୍ବନା ହେଉଛି ଏହି ଚିତ୍ର ସରକାରଙ୍କୁ ଦେଖା ଯାଇ ନ ଥାଏ। ଯଦିବା କେହି କେବେ ଦେଖନ୍ତି ପରମୁହୂର୍ତ୍ତରେ ଘରୋଇ ଅନୁଷ୍ଠାନର ଚାପରେ ନିଜର ଦାୟିତ୍ୱବୋଧତାକୁ ଭୁଲିଯା'ନ୍ତି। ଯଦି ସରକାର ଅଧିକ ଦେୟ ଉପରେ ଅଙ୍କୁଶ ଲଗାଇବେ ଘରୋଇ ବିଦ୍ୟାଳୟଗୁଡିକ ସଫେଇ ଦେବେ ଆମେ ଶିକ୍ଷାରେ ସରକାରଙ୍କଠାରୁ ଅଧିକ ଗୁଣବତ୍ତା ଦେଉଛୁ। ତେଣୁ କଟକଣା ଆମ ପାଇଁ ଅନ୍ୟାୟ। ସେହିପରି ଅଭିଭାବକମାନେ ନିଜର ପିଲାମାନଙ୍କର ଶିକ୍ଷାରେ ବ୍ୟାଘାତ ହେବାକୁ ଭୟ କରନ୍ତି। କାରଣ ସେମାନେ ଭାବନ୍ତି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ହେଲେ ସେମାନଙ୍କ ପିଲାମାନେ ଅମଣିଷ ହୋଇଯିବେ। ଏହା ହିଁ ସ୍ୱାଧୀନ ଭାରତର ସବୁଠାରୁ ବଡ଼ ନିର୍ଭରଶୀଳତା।

ଏହି ନିର୍ଭରଶୀଳତାର ପଥ ଗରିବଙ୍କୁ ଶିକ୍ଷା ଗ୍ରହଣରୁ ଦୂରେଇ ନେଇଛି, ମଧ୍ୟବିତ୍ତବର୍ଗଙ୍କୁ ଋଣରେ ବୁଡ଼ିବାକୁ ବାଧ କରିଛି ଏବଂ ଧନିକ ଶ୍ରେଣୀ ପାଇଁ ଶିକ୍ଷାକୁ 'ସୁବିଧା' ଭାବରେ କିଣିବାର ସୁଯୋଗ ଦେଇଛି। ଶିକ୍ଷା ଯଦି ବ୍ୟବସାୟ ହୋଇଯାଏ, ତା' ହେଲେ ଜ୍ଞାନଲାଭ ଶୂନ୍ୟ ହୋଇଯାଏ। ବିଦ୍ୟାର୍ଥୀ ପ୍ରତିଷ୍ଠାନର ଉତ୍ପାଦ ହୋଇଯାଏ ଏବଂ ସମାଜ ଅସନ୍ତୁଳିତ ହୋଇଯାଏ। ଧୀରେ ଧୀରେ ସରକାରୀ ସ୍କୁଲ୍, କଲେଜଗୁଡ଼ିକ ଉତ୍ତମ ମାନର ହୋଇପାରିଲେ ଘରୋଇ ଅନୁଷ୍ଠାନଗୁଡ଼ିକ ଶିକ୍ଷାକୁ ଅତ୍ୟଧିକ ନିୟନ୍ତ୍ରଣକୁ ନେଇପାରିବେ ନାହିଁ। ଶିକ୍ଷାର ଘରୋଇକରଣ ସ୍ୱରୂପ ଯଦି ବଦଳା ନ ଯାଏ ତା'ହେଲେ ଇଣ୍ଡିଗୋ ବିମାନର ବେପରୁଆ କାର୍ଯ୍ୟ ଯୋଗୁଁ ଯାତ୍ରୀ ଦୁର୍ଦ୍ଦଶା ଭୋଗିଲା ପରି ଆଗାମୀ ପିଢ଼ି ଶିକ୍ଷାରେ ମଧ୍ୟ 'ଲାଭ ଜଗତର ଦାସ' ହୋଇଯିବେ। 'ଶିକ୍ଷା ଅଧିକାର'କୁ ସୁନିଶ୍ଚିତ କରିବା ଲାଗି ତେଣୁ ଜନତାଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱ ବୃଦ୍ଧି ଆବଶ୍ୟକ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ପରିଚୟର ଅନୁସନ୍ଧାନ

**ମୋଜାଫର ଖାଁ**

ଜୀବନର ପ୍ରତିଟି ମୁହୂର୍ତ୍ତରେ ମଣିଷ ଖୋଜେ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ। ଏକ ଅସ୍ତିତ୍ୱ, ଯାହା କେବଳ ତା'ର ନାମକୁ ଅନ୍ୟମାନଙ୍କ ନିକଟରେ ସମ୍ମାନର ସହିତ ସୃଷ୍ଟି କରିବ। ଆମ ସଭିଙ୍କ ଭିତରେ ଏମିତି କିଛି ମଣିଷ ଥା'ନ୍ତି ଯେଉଁମାନେ କେବଳ ନିଜ ପାଇଁ ନୁହେଁ, ବରଂ ଅନ୍ୟର ହୃଦୟରେ ସମ୍ମାନର ଏକ ସ୍ଥାନ ସୃଷ୍ଟି କରିବା ପାଇଁ ଅହରହ ଲଢ଼େଇ କରୁଥା'ନ୍ତି। ସେମାନେ ଏକ 'ନାମ' ଓ ଏକ 'ପରିଚୟ' ଖୋଜୁଥା'ନ୍ତି, ଯାହାକି ସମାଜର ଭିଡ଼ରେ କେବଳ ସେମାନଙ୍କୁ ନୁହେଁ ବରଂ ସେମାନଙ୍କୁ ଗଢ଼ିଥିବା ପିତାମାତାଙ୍କୁ ମୁଣ୍ଡ ଟେକି ବଞ୍ଚିବାର ଗର୍ବ ଦେଇପାରିବ। ସେମାନଙ୍କ ଭିତରେ ଆମେ ସମସ୍ତେ ଅନ୍ତର୍ଭୁକ୍ତ।

ଏହା ଏକ ବ୍ୟକ୍ତିଗତ ଅଭିଳାଷ ନୁହେଁ। ଏହା ହେଉଛି ହୃଦୟରୁ ଆସୁଥିବା ଏକ ସମ୍ମାନର ଅନୁକ୍ରମ, ଅଲିଭା ଭକ୍ତି ଓ ପ୍ରେମର ଋଣ। କିନ୍ତୁ ଆମ ସଭିଙ୍କ ପାଇଁ ଏହି ଯାତ୍ରାଟି ଏତେ ସହଜସାଧ୍ୟ ହୋଇ ନ ଥାଏ। ପ୍ରତ୍ୟେକ ମଣିଷ ଭିତରେ ଲୁଚି ରହିଥାଏ ଏକ ଅଲିଖିତ କାହାଣୀ। ଯେଉଁମାନେ ସ୍ୱ-ପରିଚୟ ପାଇଁ ସଂଘର୍ଷ କରନ୍ତି, ସେମାନଙ୍କ ପାଇଁ ଜୀବନ ହେଉଛି ଏକ ଅନ୍ଧାର ରାସ୍ତା, ଯେଉଁଠାରେ ସେମାନେ ନିଜ ହାତରେ ନିଜ ଭାଗ୍ୟର ଦୀପ ଆଲୋକମୟ କରିବା ପାଇଁ ଚେଷ୍ଟା କରୁଥା'ନ୍ତି। ସେମାନେ ପ୍ରଶ୍ନ କରନ୍ତି - 'ମୁଁ କିଏ?' କିନ୍ତୁ ସେମାନଙ୍କର ଉତ୍ତର ତାଙ୍କ ସଫଳତାରେ ଲୁଚି ରହିଥାଏ। ତାଙ୍କ କାନ୍ଧରେ ଥାଏ ପିତାମାତାଙ୍କ ଅନେକ ତ୍ୟାଗର ବୋଝ। ଏହି ବୋଝ ଖାଲି ଓଜନ ନୁହେଁ, ଏହା ହେଉଛି ଏକ ପବିତ୍ର ଅଙ୍ଗୀକାର। ଜୀବନରେ ଆମେ ସମସ୍ତେ ଚାହୁଁ କି ଯେତେବେଳେ ସମାଜରେ କେହି ଆମ ପିତାମାତାଙ୍କୁ ପଚାରିବେ, 'ଆପଣ କାହାର ବାପା/ମା'?', ସେତେବେଳେ ସେମାନେ ନିଜ ପୁଅ/ଝିଅର ନାମ କହିବା ବେଳେ ଯେଉଁ ସନ୍ତୋଷ ଓ ଗର୍ବ ଅନୁଭବ କରିବେ, ତାହା ହିଁ ଆମମାନଙ୍କ ସଂଘର୍ଷର ଶ୍ରେଷ୍ଠ ପୁରସ୍କାର। ଅଭିଳାଷୀ ବ୍ୟକ୍ତି ମୁଖରେ ହସ ଥିଲେ ମଧ୍ୟ ଭିତରେ ଥାଏ ନିଜକୁ ପ୍ରମାଣିତ କରିବାର ନିରବ ଯନ୍ତ୍ରଣା। ପ୍ରତ୍ୟେକ ବିଫଳତା ମଣିଷକୁ ଭାଙ୍ଗିଦିଏ। କିନ୍ତୁ ପର ମୁହୂର୍ତ୍ତରେ ପୁଣି ଛିଡ଼ା କରାଇଦିଏ ସେହି ଉତ୍କଣ୍ଠା। କାରଣ ସେମାନଙ୍କ ଆଖିରେ ଥାଏ କେବଳ ଗୋଟିଏ ସ୍ୱପ୍ନ: ଜନକ-ଜନନୀଙ୍କ ମୁହଁରେ ଗର୍ବର ଚମକ।

ଶିକ୍ଷାର୍ଥୀ ପାଇଁ ଶିକ୍ଷାନୁଷ୍ଠାନର ପ୍ରତିଯୋଗିତାପୂର୍ଣ୍ଣ ପରିସର ହେଉ କିମ୍ବା ଲୋକଙ୍କ କର୍ମକ୍ଷେତ୍ରର ନିରସ ପରିବେଶ ଅବା ବୃହତ୍ତର ସମାଜର ଜଟିଳଚକ୍ର, ସବୁଠାରେ ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରିବାକୁ ପଡ଼େ। ଏହା ଏକ ବୃତ୍ତିଗତ ସଂଘର୍ଷ ନୁହେଁ, ବରଂ ଏହା ହେଉଛି ଆତ୍ମ-ସମ୍ମାନ ପାଇଁ ଏକ ହୃଦୟବିଦାରକ ଯୁଦ୍ଧ। ଯେଉଁମାନେ ସବୁବେଳେ ପରିଚୟ ପାଇଁ ଲଢ଼ୁଥା'ନ୍ତି, ସେମାନଙ୍କ ହୃଦୟରେ ଏକ ଗଭୀର ଆଶା ଏବଂ ଆକାଂକ୍ଷା ଥାଏ। ସେମାନେ ଅନୁଭବ କରନ୍ତି ଯେ ଯେପର୍ଯ୍ୟନ୍ତ ସମାଜରେ ସେମାନଙ୍କର ଏକ ବଳିଷ୍ଠ 'ନାମ' ନାହିଁ, ସେପର୍ଯ୍ୟନ୍ତ ସେମାନେ 'ସମ୍ମାନ'ର ଯୋଗ୍ୟ ନୁହନ୍ତି। ସମ୍ମାନ ଏଠାରେ କେବଳ ଏକ ଶବ୍ଦ ନୁହେଁ, ଏହା ହେଉଛି ଅନ୍ୟମାନଙ୍କ ଦ୍ୱାରା ନିଜର ମୂଲ୍ୟକୁ ସ୍ୱୀକୃତି ଦେବା। ଏହା ହେଉଛି ଅନ୍ୟମାନଙ୍କଠାରୁ ମିଳୁଥିବା ସେହି ମହତ୍ତ୍ୱପୂର୍ଣ୍ଣ ସ୍ଥାନ, ଯାହା ମନୁଷ୍ୟକୁ ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ।

ପରିଚୟହୀନତାର କଷ୍ଟ ଏତେ ଯନ୍ତ୍ରଣାଦାୟକ ଯେ, ଏହା ମନୁଷ୍ୟକୁ ଭିତରୁ ଭାଙ୍ଗିଦିଏ। କିନ୍ତୁ ଏହି ପରିଚୟ ସୃଷ୍ଟି କରିବା କ'ଣ ନିହାତି ଜରୁରୀ? କ'ଣ ଯଦି ଆମର ଏକ ବିଖ୍ୟାତ ପରିଚୟ ନାହିଁ ତ କେହି ସମ୍ମାନ କରିବେ ନାହିଁ? ଜୀବନ ଏକ ଯୁଦ୍ଧ। ଏଥିରେ ଅନେକ ସମୟରେ ପରିସ୍ଥିତି ଆଗପଛ ହୋଇ ସଂଘର୍ଷ ଉତ୍ପନ୍ନ କରେ। ଆମର ହୃଦୟକୁ ଭାଙ୍ଗି ଚୁରମାର କରିଦିଏ। କିନ୍ତୁ ସମସ୍ୟାପୂର୍ଣ୍ଣ ଜୀବନରେ ହାର ନ ମାନି ଆମକୁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପଡ଼ିବ। ସମାଜର ମାନ୍ୟତାକୁ ଅପେକ୍ଷା କରିବା ପରିବର୍ତ୍ତେ ନିଜର ପରିଚୟକୁ ନିଜେ ସୃଷ୍ଟି କରିବାକୁ ହେବ। ଆମମାନଙ୍କ କାମ, ଚେଷ୍ଟା, ଇଚ୍ଛାଶକ୍ତି, ନିଷ୍ଠା ଓ ଅବଦାନ ହେଉଛି ଆମମାନଙ୍କର ପରିଚୟ ପତ୍ର।

ଏହି ପ୍ରକ୍ରିୟାଟି ଖୁବ୍ ଯନ୍ତ୍ରଣାଦାୟକ ଓ କଷ୍ଟକର ହୋଇପାରେ। କିନ୍ତୁ ଏହାର ଫଳାଫଳ ଅତ୍ୟନ୍ତ ମଧୁର ଓ ଗୌରବମୟ। ଯେତେବେଳେ ଜଣେ ବ୍ୟକ୍ତି ନିଜର ପ୍ରତିଭା ଓ ପରିଶ୍ରମ ବଳରେ ସମାଜରେ ନିଜର ସ୍ଥାନ ସୃଷ୍ଟି କରେ, ସେତେବେଳେ ତାଙ୍କୁ ମିଳୁଥିବା ସମ୍ମାନ କେବଳ ଏକ ଉପହାର ନୁହେଁ। ଏହା ହେଉଛି ଆତ୍ମ-ବିଶ୍ୱାସର ଏକ ବିଜୟ ଗାଥା। ଏହି ସଂଘର୍ଷର ସର୍ବୋତ୍ତମ ଉଦାହରଣ ହେଉଛନ୍ତି ଡଃ ଏ.ପି.ଜେ. ଅବଦୁଲ କଲାମ। ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା କଲାମ ପ୍ରାରମ୍ଭିକ ଶିକ୍ଷାନୁଷ୍ଠାନରେ କୌଣସି ବଡ଼ ନାମ କିମ୍ବା ପ୍ରଭାବ ନେଇ ଆସି ନ ଥିଲେ। ସେ ଥିଲେ ଜଣେ ନିରବ ଏବଂ ପରିଶ୍ରମୀ ଛାତ୍ର, ଯିଏ କେବଳ ନିଜ ଜ୍ଞାନ ଓ ସ୍ୱପ୍ନ ଉପରେ ବିଶ୍ୱାସ କରୁଥିଲେ। ତାଙ୍କୁ ଲୋକେ ସହଜରେ ଚିହ୍ନି ନ ଥିଲେ; କିନ୍ତୁ ସେ ନିଜର ସମସ୍ତ ଶକ୍ତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ସମର୍ପି ଦେଲେ। ତାଙ୍କର ଏହି ନିରନ୍ତର ସାଧନା ଫଳରେ ସେ ଭାରତ ପାଇଁ ଅନେକ ସଫଳତା ଆଣିଲେ। ତାଙ୍କର କାମ ହିଁ ତାଙ୍କର ପରିଚୟ ସୃଷ୍ଟି କଲା। ସେହିଦିନ ଠାରୁ ସେ ଆଉ କେବଳ ଜଣେ ବ୍ୟକ୍ତି ନ ଥିଲେ। ସେ ହୋଇଗଲେ 'ଭାରତର ମିଶାଇଲ୍ ମ୍ୟାନ୍'।

କୌଣସି ଜଣେ ବ୍ୟକ୍ତି 'ନାମ' ଦ୍ୱାରା ସମ୍ମାନ ପାଇ ନାହାନ୍ତି, ବରଂ ନିଜର କର୍ମ ଓ ସିଦ୍ଧି ବଳରେ 'ସମ୍ମାନ' ସୃଷ୍ଟି କରିଛନ୍ତି ଏବଂ ଏକ ମହାନ ପରିଚୟର ଅଧିକାରୀ ହୋଇଛନ୍ତି। ସଂଘର୍ଷ ହେଉଛି ସେହି ନିଆଁ, ଯାହା ସାଧାରଣ ମଣିଷକୁ ସୁନା ପରି ଉଜ୍ଜ୍ୱଳ କରିଥାଏ। ସଂଘର୍ଷ ଜୀବନର ଚଲାପଥରେ ଅନେକ ଉଠାଣି, ଗଡ଼ାଣିକୁ ଅତିକ୍ରମ କରିବାକୁ ପଡ଼ିବ। ଅନେକ ଲୋକଙ୍କ ଅନେକ ଥଟ୍ଟା ପରିହାସକୁ ଶୁଣି ଅଣଦେଖା କରି ଆଖିର ଲୁହକୁ ଓଠେ ପିଇ କେତେକେତେ ରାତି ଅନିଦ୍ରାରେ କାଟି କଠିନ ପରିଶ୍ରମର ଫଳ ନିଶ୍ଚୟ ମିଳିବ। କଠିନ ପରିଶ୍ରମ କେବେହେଲେ ବିଫଳ ହୁଏନି। ବିଳମ୍ବରେ ହେଉ ପଛେ ସଫଳତା ନିଶ୍ଚୟ ମିଳିଥାଏ। ସଂଘର୍ଷ ଓ ସମସ୍ୟାକୁ ଅତିକ୍ରମ କରି ପରିଚୟ ନିଶ୍ଚୟ ସୃଷ୍ଟି ହେବ। ●

ତରିକୁନ୍ଦ(ଜଗତସିଂହପୁର)
ମୋ: ୬୩୭୦୦୦୧୫୭୦

# ଗୋପାଳ ବଲ୍ଲଭ ମଠ ଓ ବଣଭୋଜି ବେଶ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଷୋଡ଼ଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ଏବଂ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ପୃଷ୍ଠପୋଷକତାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଧିକରୁ ଅଧିକ ଗୋପାଳକୃଷ୍ଣ ସ୍ୱରୂପରେ ଉପସ୍ଥାପିତ ହେଲେ। ଶ୍ରୀମନ୍ଦିରରେ ଅନେକ କୃଷ୍ଣକୈନ୍ଦ୍ରିକ ବେଶ ପ୍ରଚଳନ ଏବଂ ପର୍ବପର୍ବାଣି ପାଳନ କରି ପୂର୍ଣ୍ଣାବତାର ଶ୍ରୀକୃଷ୍ଣ ନୀଳାଚଳରେ ଦାରୁବ୍ରହ୍ମ ରୂପେ ଆରାଧିତ ହେଉଛନ୍ତି ବୋଲି ପ୍ରଚାର କରାଗଲା। ଏ ବାର୍ତ୍ତା ଭାରତର କୋଣଅନୁକୋଣରେ ପହଞ୍ଚିଲା।

ଦାକ୍ଷିଣାତ୍ୟର ନାଗାର୍ଜୁନ କୋଣ୍ଡାରେ ଗୋପାଳଭଟ୍ଟ ନାମକ ଜଣେ ସିଦ୍ଧ ସନ୍ନ୍ୟାସୀ ବାଳଗୋପାଳଙ୍କୁ ଇଷ୍ଟ ରୂପେ ଆରାଧନା କରୁଥିଲେ। ସେ ଏହା ଶୁଣିବା ପରେ କୃଷ୍ଣ-ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଗରୁଡ଼ଙ୍କ ପଛରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଚିନ୍ତା କରିବାକୁ ଲାଗିଲେ- 'ରତ୍ନବେଦୀରେ ବିରାଜିତ ଅଧାଗଢ଼ା ଦାରୁମୂର୍ତ୍ତି କ'ଣ କେବେ ମୋର ସୌମ୍ୟକାନ୍ତ କୋଟିଜନମନଲୋଭା କନ୍ଦର୍ପ ରୂପ ଜିଣା ଗୋପୀଜନବଲ୍ଲଭ ଶ୍ରୀକୃଷ୍ଣ ହୋଇପାରନ୍ତି? କାହିଁ ଗଲା ତାଙ୍କର ସୁଲଳିତ ପଦଯୁଗଳ ଓ ସୁକୋମଳ କରପଲ୍ଲବ? କାହିଁ ଗଲା ତାଙ୍କର ଶିଖୀପୁଚ୍ଛ ଶୋଭିତ କିରୀଟ ଓ ରଙ୍ଗ ଅଧରର ମୋହନବଂଶୀ? ଚକା ଚକା ଆଖି ଉପରେ ଭ୍ରୂଲତା ନାହିଁ। କାନ ନାହିଁ; କିନ୍ତୁ ସମସ୍ତଙ୍କ ଗୁହାରି ଶୁଣୁଛନ୍ତି ବୋଲି ବିଶ୍ୱାସ କରାଯାଉଛି। ଯେଉଁ ବିଗ୍ରହ ସ୍ୱୟଂଅସମ୍ପୂର୍ଣ୍ଣ ସେ କ'ଣ ପରିପୂର୍ଣ୍ଣତମ ଅବତାର ଶ୍ରୀକୃଷ୍ଣଙ୍କର ପ୍ରତିନିଧିତ୍ୱ କରିପାରନ୍ତି! ସିଦ୍ଧସାଧକ ବୈଷ୍ଣବମାନେ ଏପରି ଏକ ମାରାତ୍ମକ ଭ୍ରମର ବଶବର୍ତ୍ତୀ ହେଲେ କିପରି?' ନିରାଶା ତାଙ୍କୁ ବ୍ୟଥିତ କଲା। ସେ କ୍ଷେତ୍ର ତ୍ୟାଗ କରି ଫେରି ଯିବାପାଇଁ ନିଷ୍ପତ୍ତି ନେଇ ସେଦିନ ନରେନ୍ଦ୍ର ସରୋବର ନିକଟରେ ରାତ୍ରିଯାପନ କଲେ।

ତାଙ୍କର ଆଖି ଟିକିଏ ଲାଗି ଯାଇଥିଲା। ହଠାତ୍ ତୁଳସୀ ଓ ଦୟଣାର ସୁଗନ୍ଧରେ ଗୋପାଳ ଆଖି ଖୋଲିଲେ। ତାଙ୍କ ସାମନାରେ ବାଳଗୋପାଳ ସ୍ୱୟଂ ଆବିର୍ଭାବ ହୋଇଥିଲେ। ସତେଯେମିତି ମାଆ ଯଶୋଦା ଯତ୍ନର ସହ ଗେହ୍ଲାକହ୍ନେଇକୁ ଅତ୍ୟନ୍ତ ସୁନ୍ଦରଭାବେ ସଜେଇ ଦେଇଥିଲେ। ବାଳଗୋପାଳ ତାଙ୍କର ଶିଶୁସୁଲଭ କଣ୍ଠରେ କହିଲେ, 'ଗୋପାଳ! ମୋର ପରମଭକ୍ତ ହୋଇ ମଧ୍ୟ ତୁମେ ମୋର ମୂଳ ସ୍ୱରୂପ ପୂର୍ଣ୍ଣବ୍ରହ୍ମ ଜଗନ୍ନାଥଙ୍କୁ ଚିହ୍ନିପାରିଲ ନାହିଁ। ଜଗନ୍ନାଥ ଅବତାରୀ। ନୃସିଂହ, ବାମନ, ପର୍ଶୁରାମ, ରାମ, ବୁଦ୍ଧ ଓ ମୁଁ ସ୍ୱୟଂ ତାଙ୍କର ଗୋଟିଏ ଗୋଟିଏ ସ୍ୱରୂପ। ତୁମେ ଯେଉଁ ସ୍ୱରୂପରେ ଚାହଁ, ତାଙ୍କୁ ସେହି ସ୍ୱରୂପରେ ଦର୍ଶନ କରିପାରିବ। ତେଣୁ ଶ୍ରୀକ୍ଷେତ୍ର ନିତ୍ୟବୈକୁଣ୍ଠ, ନିତ୍ୟଗୋଲକ, ନିତ୍ୟବୃନ୍ଦାବନ ଓ ନିତ୍ୟଅଯୋଧ୍ୟା ରୂପେ ଖ୍ୟାତି ଲାଭ କରିଛି। ତୁମେ ଆଉ ଥରେ ଯାଅ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତୁମେ ମୋତେ ଦର୍ଶନ କରିବ।'

ବାଳଗୋପାଳ ଅନ୍ତର୍ଦ୍ଧାନ ହୋଇଗଲେ। ଗୋପାଳ ଉଠିପଡ଼ି ଶ୍ରୀମନ୍ଦିର ଅଭିମୁଖେ ଦୌଡ଼ିଲେ। ଆଶ୍ଚର୍ଯ୍ୟର କଥା, ରାତିର ସେ ସମୟରେ ମଧ୍ୟ ମନ୍ଦିରର ସମସ୍ତ ଦ୍ୱାର ଖୋଲାଥିଲା। ବିନା ବାଧାରେ ଗର୍ଭଗୃହରେ ପ୍ରବେଶ କରି ଦେଖିଲେ, କୃଷ୍ଣ ଓ ବଳରାମ ବାଳକରୂପରେ ରତ୍ନବେଦୀ ଉପରେ ଦଣ୍ଡାୟମାନ ହୋଇଥିଲେ। ବଳରାମଙ୍କ ହାତରେ ହଳମୂଷଳ ଏବଂ ଶ୍ରୀକୃଷ୍ଣ ହାତରେ ମୋହନବଂଶୀ ଶୋଭା ପାଉଥିଲା। ଦୁଇଭାଇଙ୍କ କାନ୍ଧରେ ଥିଲା ଦୁଧଲହୁଣୀର ଭାର। ଯମୁନାର ନୀଳ ଜଳରାଶି କୁଳୁକୁଳୁ ଶବ୍ଦ କରି ବହି ଯାଉଥିଲା। ଗାଈପଲ ନଦୀକୂଳର ସବୁଜ ଘାସରେ ଚରୁଥିଲେ। ସେ ଦିନ ଥିଲା ଭାଦ୍ର କୃଷ୍ଣ ଦଶମୀ। ସେହି ଦିନଠାରୁ ମହାପ୍ରଭୁ ଯେଉଁ ସ୍ୱରୂପରେ ଗୋପାଳଙ୍କୁ ଦର୍ଶନ ଦେଇଥିଲେ, ସେହି ତିଥିରେ ମହାପ୍ରଭୁ ସେହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଏହି ବେଶକୁ ମହାପ୍ରଭୁଙ୍କର 'ବଣଭୋଜି ବେଶ' କୁହାଯାଏ। ଦୁଇଭାଇ ମୁଣ୍ଡରେ ଠେକା ଭିଡ଼ି ବଣର କିଆଫୁଲ ଖୋସିଥା'ନ୍ତି। ହାତରେ ଗାଈଚରା ବାଡ଼ି ଧରି ଥା'ନ୍ତି। ଭୋଜିପାଇଁ ଖୁଆପେଡ଼ାର ମାଳ ପିନ୍ଧି ରୁପା ପିଙ୍ଗଣରେ ଦୁଧସରର ଭାର କାନ୍ଧରେ ବହନ କରିଥା'ନ୍ତି। ଗାଈମାନେ ଯମୁନା କୂଳରେ ଚରୁ ଥା'ନ୍ତି।

ଏହାପରେ ଗୋପାଳ ଭଟ୍ଟ କ୍ଷେତ୍ରବାସୀ ହୋଇ ରହିଗଲେ। ସେ ଯେଉଁସ୍ଥାନରେ ବାଳଗୋପାଳଙ୍କର ସାକ୍ଷାତ୍ ଦର୍ଶନ କରିଥିଲେ, ସେଠାରେ ଏକ ଆଶ୍ରମ ନିର୍ମାଣ କରି ମହାପ୍ରଭୁଙ୍କର ଆରାଧନା କଲେ। କାଳକ୍ରମେ ସେ ଆଶ୍ରମ 'ଗୋପାଳ ବଲ୍ଲଭ ମଠ' ନାମରେ ନାମିତ ହେଲା। ●

ମୋ: ୯ ୯୦୦୦୮ ୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଏନ୍‌କାଉଣ୍ଟର୍ ଦୁର୍ଦ୍ଦାନ୍ତ ବୁଧିଆ ଘାଇଲା

- ଡାହାଣ ଗୋଡ଼ରେ ବାଜିଛି ଗୁଳି
- ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି କରିଥିଲା
- ରାଜ୍ୟ ଓ ରାଜ୍ୟ ବାହାରେ ଅଛି ଏକାଧିକ ଅପରାଧିକ ମାମଲା

ଭଦ୍ରକ,୧୬।୧୨(ସମିସ): ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ମାଲଗୋଦାମ ନିକଟରେ ମଙ୍ଗଳବାର ସକାଳେ ହୋଇଛି ଏନ୍‌କାଉଣ୍ଟର। ଦୁର୍ଦ୍ଦାନ୍ତ ଅପରାଧୀ ବୁଧିଆ ଓରଫ କମଳାକାନ୍ତ ଦାସକୁ ଏନ୍‌କାଉଣ୍ଟର କରିଛି ଭଦ୍ରକ ଟାଉନ୍ ପୁଲିସ। ଭଦ୍ରକ ଟାଉନ୍ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଏହି ଏନ୍‌କାଉଣ୍ଟର କରିଥିବା ଜଣାଯାଇଛି। ତେବେ ବୁଧିଆ ଜଣେ ପେସାଦାର ଅପରାଧୀ। ବହୁ ଅପରାଧରେ ଜଡ଼ିତ ଥିବା ନେଇ ସୂଚନା ଦେଇଛନ୍ତି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ। ବୁଧିଆର ଡାହାଣ ଗୋଡ଼ରେ ଗୁଳି ବାଜିଛି। ପୁଲିସ ତାକୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ପୁଲିସ ସୂଚନାନୁଯାୟୀ, ବୁଧିଆ ଭଦ୍ରକରେ ମଙ୍ଗଳବାର ଏକ ସୁନା ଦୋକାନ ଲୁଟ କରିବାକୁ ଯୋଜନା କରୁଥିବା ନେଇ ପୁଲିସ ଆଗୁଆ ଖବର ପାଇଥିଲା। ଏହି ଡକାୟତି ଲାଗି ଚରମ୍ପା ଅଞ୍ଚଳରେ ଏକ ନମ୍ବର ବିହୀନ କଳା ପଲ୍‌ସରରେ ସେ ଯାଉଥିବାବେଳେ ପୁଲିସ ପିଛା କରିଥିଲା। ଏହି ସମୟରେ ସେ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲା। ପ୍ରତି ଜବାବରେ ପୁଲିସ ଗୁଳି ଚଳାଇବା ଫଳରେ ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଅନ୍ୟପକ୍ଷରେ ବୁଧିଆ ନିକଟରୁ ବ୍ୟବହୃତ ବନ୍ଧୁକକୁ ପୁଲିସ ଜବତ କରିଛି। ଏନ୍‌କାଉଣ୍ଟରର ଶିକାର ବୁଧିଆର ନିଜ ଘର ବାଲେଶ୍ୱର ଜିଲ୍ଲା ସୋର ତୁଡ଼ିଗଡ଼ିଆ ଅଞ୍ଚଳରେ ବୋଲି ପୁଲିସ ସୂଚନା ଦେଇଛି। ବୁଧିଆ ନାମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କଟକ ଜିଲ୍ଲାର ବିଭିନ୍ନ ଥାନାରେ ୨୦ରୁ ଅଧିକ ଲୁଟ୍, ଡକାୟତି, ଗୁଳିକାଣ୍ଡ ଭଳି ଜଘନ୍ୟ ଅପରାଧିକ ମାମଲା ରହିଛି। ଏପରିକି ମୁମ୍ବଇ, ବେଙ୍ଗାଲୁରୁ ଓ ବିହାରରେ ସେ ଡକାୟତି ଗ୍ୟାଙ୍ଗ୍‌ରେ ସକ୍ରିୟ ଥିଲା ବୋଲି କୁହାଯାଉଛି। ବୁଧିଆ ଓରଫ କମଳାକାନ୍ତ ବିବାହିତ ଓ ତା'ର ଏକ ସନ୍ତାନ ଥିବା ଜଣାଯାଇଛି। ସେ ୨ଦିନ ତଳେ ମୂଳିସିଂହ ଜେଲ୍‌ରୁ ବାହାରିଥିଲା। ବୁଧିଆର ଜଣେ ଭିଣୋଇ ତା'ର ଏହି ଅପରାଧିକ ମାମଲାରେ ସହଯୋଗ କରୁଛି ବୋଲି ସୂଚନା ମିଳିଛି। ପୁଲିସ ତାକୁ ତଦନ୍ତ ପରିସରକୁ ଆଣିବ ବୋଲି ଏସ୍‌ପି ମନୋଜ ରାଉତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ପହଲଗାମ ଆତଙ୍କୀ ଆକ୍ରମଣ ଘଟଣାରେ ଚାର୍ଜସିଟ ଦାଖଲ

# ସରକାରଙ୍କୁ ପ୍ରଶାନ୍ତଙ୍କ ଭାଇଙ୍କ ନିବେଦନ

ବାଲେଶ୍ୱର,୧୬।୧୨(ସମିସ): ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଏନ୍‌ଆଇଏ ଏକ ଚାର୍ଜସିଟ୍ ଦାଖଲ କରିଛି। ଜମ୍ମୁର ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜସିଟ ଦାଖଲ କରାଯାଇଛି। ଚାର୍ଜସିଟ୍ ଦାଖଲ ହେବା ପରେ ତୁରନ୍ତ ଦୋଷୀଙ୍କୁ ଦଣ୍ଡ ଦେବା ସହିତ ପୁନର୍ବାର ଏପରି ଘଟଣାର ପୁନରାବୃତ୍ତି ନ ଘଟୁ ବୋଲି ବାଲେଶ୍ୱର ଅଞ୍ଚଳର ମୃତ ପ୍ରଶାନ୍ତ ଶତପଥୀଙ୍କ ଭାଇ ସୁଶାନ୍ତ ଶତପଥୀ ସରକାରଙ୍କୁ ନିବେଦନ କରିଛନ୍ତି। ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ ୨୬ ପର୍ଯ୍ୟଟକଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲା ଇଶାଣୀ ଅଞ୍ଚଳର ପ୍ରଶାନ୍ତ ଶତପଥୀ ଥିଲେ। ଏହି ଚାର୍ଜସିଟ୍ ଦାଖଲ ହେବା ପରେ ତୁରନ୍ତ ଦୋଷୀଙ୍କୁ ଦଣ୍ଡ ଦେବା ସହିତ ପୁନର୍ବାର ଏପରି ଘଟଣାର ଆବୃତ୍ତି ନଘଟୁ ବୋଲି ପ୍ରଶାନ୍ତ ଶତପଥୀଙ୍କ ଭାଇ କହିଛନ୍ତି। ଏନ୍‌ଆଇଏର ଚାର୍ଜସିଟ୍ ଦାଖଲକୁ ନେଇ ମୃତ ପ୍ରଶାନ୍ତ ଶତପଥୀଙ୍କ ବଡ଼ ଭାଇ ସୁଶାନ୍ତ ଶତପଥୀ କହିଛନ୍ତି, ଏପରି ଦୁଃଖଦ ଘଟଣାର କେବେ ପୁନରାବୃତ୍ତି ନ ହେଉ। ମୋ ଭାଇ ବୁଲିବାକୁ ଯାଇଥିବା ବେଳେ ତାଙ୍କ ପୁଅ ଓ ସ୍ତ୍ରୀ ଆଗରେ ଯେଉଁ ବର୍ବର କାଣ୍ଡ ଆତଙ୍କବାଦୀମାନେ ଘଟାଇଲେ, ସେମାନଙ୍କୁ ଦଣ୍ଡ ମିଳୁ। ମୁଁ ଆଶା ରଖି ସରକାରଙ୍କୁ ଗୁହାରି କରିବି ଯେ ଯଥାଶୀଘ୍ର କୋର୍ଟରେ ବିଚାର କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉ। ସରକାର ଏଭଳି କ୍ଷେତ୍ରରେ ଏକ ଆଇନ ପ୍ରଣୟନ କରି ଦୋଷୀ ସାବ୍ୟସ୍ତ ହେବା ପରେ ତୁରନ୍ତ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ।

# ବାଘଛାଲ ଜବତ; ୩ ଗିରଫ



ହରଭଙ୍ଗା, ୧୬।୧୨(ସମିସ): ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ଫରେଷ୍ଟ ରେଞ୍ଜର କୋଲୋନୀ ସାହି ଛକ ନିକଟରୁ ବନ ବିଭାଗ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପୁରୁଣାକଟକ ଥାନା ବଦଲାଗ୍ରାମର ଜୟ ନାୟକ(୫୧), ବାରିଙ୍ଗ ଗ୍ରାମର ପ୍ରେମ କୁମାର ଦୀପ(୩୫) ଏବଂ ମାଧପୁର କୋଲୋନୀସାହର ବିଶିକେଶନ କହଁର(୫୦)। ସୋମବାର ବିଳମ୍ବିତ ରାତିରେ ମାଧପୁରସ୍ଥିତ କୋଲୋନୀ ସାହି ଛକ ନିକଟରେ ଜୟ ଏକ ଜରି ବସ୍ତାରେ ଗୋଟିଏ ବାଘଛାଲ ଧରି ଅନ୍ୟ ଦୁଇ ସହଯୋଗୀ ସହ ମିଶି ବିକ୍ରି ପାଇଁ ମସୁଧା ଚଳାଇଥିଲେ। ସୂଚନା ପାଇ ବନ ବିଭାଗ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଏବଂ ମାଧପୁର ବନ ବିଭାଗ ମିଳିତ ଭାବେ ସେଠାରେ ଚଢ଼ଉ କରିଥିଲା। ଏହି ଘଟଣାରେ ମାଧପୁର ଫରେଷ୍ଟ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି ବୋଲି ରେଞ୍ଜ ଅଫିସର୍ ଆଶିକ ଦିଗାଲ ସୂଚନା ଦେଇଛନ୍ତି। ଫରେଷ୍ଟର୍ ଭକ୍ତବତ୍ସଳ ମଲ୍ଲିକ, ବନରକ୍ଷୀ ମଞ୍ଜୁଲତା ସାହୁ, ଗୀତା ଏକ୍କା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

# ବାଲି ମାଫିଆଙ୍କ ଭୂସ୍ୱର୍ଗ ମୟୂରଭଞ୍ଜ

ବାରିପଦା, ୧୬।୧୨(ସମିସ): ବାଲିମାଫିଆଙ୍କ ଭୂ-ସ୍ୱର୍ଗ ପାଲଟିଛି ମୟୂରଭଞ୍ଜ ଜିଲ୍ଲା। ମାଫିଆମାନେ ନିର୍ଦ୍ୱନ୍ଦ୍ୱରେ ବାଲି ଚାଲାଣ କରୁଥିବା ବେଳେ ସେମାନଙ୍କ ଉପରେ ପ୍ରଶାସନ ରୋକ୍ ଲଗାଇପାରୁନାହିଁ। ଫଳରେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଜିଲ୍ଲାରେ ଦିନରାତି ଖୁଲମଖୁଲା ବାଲିଚାଲାଣ ହେଉଛି। ବାରିପଦା ସହରରେ ଦିନ ଦିପ୍ରହରରେ

- ୩୪ଟି ସ୍ଥାନରୁ ଚାଲିଛି ବେଧଡ଼କ ବାଲି ଉତ୍ତୋଳନ
- ୩ ପୋକଲିନ୍ ଓ ୩ ହାଇୱା ଜବତ
- ମାସକୁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର



ପୁଲିସ ଥାନା ସମ୍ମୁଖ ଦେଇ ଟ୍ରାକ୍ଟର ଓ ଟ୍ରକରେ ବାଲି ଚୋରା ଚାଲାଣ ହେଉଛି। ଏହାକୁ ଦେଖି ମଧ୍ୟ ପୁଲିସ ନ ଦେଖିଲା ପରି ହେଉଛି। ଏମିତିକି, ଜିଲ୍ଲା ବାହାରର ବଡ଼ ହାଇୱା ଟ୍ରକ ବିଳମ୍ବିତ ରାତିରେ ବାଲି ଚୋରା ଚାଲାଣ କରୁଛନ୍ତି। ସ୍ଥାନୀୟ ଜନ ପ୍ରତିନିଧିମାନଙ୍କ ଇଙ୍ଗିତରେ ଚାଲାଣ ହେଉଥିବା ବେଳେ ଯିଏ ବିରୋଧ କରୁଛି ବାଲିମାଫିଆ ତାକୁ ନାଲିଆଖି ଦେଖାଉଛନ୍ତି।

ସାରସକଣା ବ୍ଲକ୍ ଅନ୍ତର୍ଗତ ସୁବର୍ଣ୍ଣରେଖା ବାଲି ଖାଦାନ ଉପରେ ଖଣି ବିଭାଗ ଚଢ଼ଉ କରି ୩ଟି ପୋକଲିନ୍ ଓ ୩ଟି ହାଇୱା ଜବତ କରିଛି। ଖଣି ଓ ପୁଲିସ ବିଭାଗର ମିଳିତ ଚଢ଼ଉରେ ସୁବର୍ଣ୍ଣରେଖାର ନଦୀର ଝାରପୋଖରିଆ ଥାନା ଅନ୍ତର୍ଗତ ପାଣ୍ଡରା ବାଲିଘାଟ ଉପରେ ଚଢ଼ଉ ହୋଇଥିଲା। ରାତି ସାରା ଅନିଦ୍ରାରେ ଜଗି ରହି ବଡ଼ଧରଣର ମିଳିତ ଚଢ଼ଉ କରି ସ୍ୱତନ୍ତ୍ର ଟିମ ୩ଟି ପୋକଲିନ ଓ ୩ଟି ହାଇୱା ଜବତ କରିଥିଲା। ଘଟଣା ସ୍ଥଳରୁ ଅଭିଯୁକ୍ତ ବାଲି ମାଫିଆ ଓ ଡ୍ରାଇଭର ଫେରାର ଥିବା ସୂଚନା ମିଳିଛି। ଜିଲ୍ଲାରେ ୩୪ଟି ସ୍ଥାନରେ ବାଲି ଚୋରା ଚାଲାଣ ହେଉଛି ବୋଲି ଖଣି ବିଭାଗ ରାଜସ୍ୱ ବିଭାଗକୁ ସମସ୍ତ ତାଲିକା ଦେବା ସହିତ ସେଗୁଡ଼ିକୁ ସରକାରୀ ଭାବେ ନିଲାମ ପ୍ରସ୍ତାବ ଦେଇଛି। ତେବେ ରାଜସ୍ୱ ବିଭାଗ ଏନେଇ ତର୍ଜମା ଆରମ୍ଭ କରିଛି। ଆବଶ୍ୟକ ଖାଦାନଗୁଡ଼ିକୁ ସରକାରୀ ନିୟମ ଅନୁଯାୟୀ ନିଲାମ ପରିସରଭୁକ୍ତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମହାନ୍ତି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦରେ ହଙ୍ଗାମା...

ଜି ରାମ ଜି ବିଲ୍ ଗାନ୍ଧୀଙ୍କ ପ୍ରତି ଅପମାନ ଏବଂ କଂଗ୍ରେସ ଏହାର ବିରୋଧ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି।

### ଅଲୋଡ଼ା ରେକର୍ଡ...

ଦେଖିବା ୨୦୨୫ରେ ଆମେରିକୀୟ ଡଲାର ତୁଳନାରେ ପାକିସ୍ତାନୀ ଟଙ୍କା ମୂଲ୍ୟରେ ୧.୬୩% ହ୍ରାସ ଘଟିଥିବାବେଳେ ବାଂଲାଦେଶୀ ଟଙ୍କା ମୂଲ୍ୟରେ ୨.୦୬% ହ୍ରାସ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଟଙ୍କାର ମୂଲ୍ୟ ଚଳିତବର୍ଷ ୫.୩% ହ୍ରାସ ପାଇଛି। ଗତ ମୁଦ୍ରା ନୀତି ସମୀକ୍ଷା(ଏମ୍‌ପିସି) ବୈଠକ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଥିଲେ ଯେ, ଆମେ ଡଲାର ତୁଳନାରେ ଟଙ୍କାର କୌଣସି ସ୍ତର ସ୍ଥିର କରିନାହୁଁ। ଡଲାର ଚାହିଦା ଯୋଗୁଁ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଏହା ପୂର୍ବରୁ, ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ ମଧ୍ୟ କହିଥିଲେ ଯେ ସେ ଟଙ୍କାର ବର୍ତ୍ତମାନର ହ୍ରାସକୁ ନେଇ ଚିନ୍ତିତ ନୁହଁନ୍ତି। ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁ ଦେଶକୁ ଆମଦାନୀ ମହଙ୍ଗା ହୋଇଛି। ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ର ଉପରେ ଅନୁଭୂତ ହେଉଛି। ଏଥିଯୋଗୁ ମୁଦ୍ରାସ୍ଫୀତି ବଢ଼ିବାର ଯଥେଷ୍ଟ ସମ୍ଭାବନା ଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

### ୧୩ ଜୀବନ୍ତ...

ଛାଇ ରହିଥିଲା। ଅଚାନକ ଏକ ସ୍ଲିପର ବସ୍ ସାମ୍ନାକୁ ଧୂଆଁ ଆସି ଯାଇଥିଲା। ଏହା ଦେଖି ଡ୍ରାଇଭର ବ୍ରେକ ମାରି ବେଗ କମ୍ କରିଥିଲେ। ଏହି ସମୟରେ ପଛରୁ ଆସୁଥିବା ୬ଟି ବସ୍ ଏବଂ ୪ଟି କାର୍ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ଏସି ବସ୍ ଏବଂ କାର୍ ଗୁଡ଼ିକରେ ନିଆଁ ଲାଗି ଯାଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସୁଯୋଗ ମିଳି ନ ଥିଲା। ଏହା ଏତେ ଭୟଙ୍କର ଥିଲା ଯେ ବସରୁ କଟି ଯାଇଥିବା ଅଙ୍ଗପ୍ରତ୍ୟଙ୍ଗ ମିଳିଛି। ପୁଲିସ ଏହାକୁ ୧୭ଟି ପଲିଥିନ ବ୍ୟାଗ୍‌ରେ ନେଇ ଯାଇଛି। ଏବେ ଡିଏନଏ ପରୀକ୍ଷା କରି ମୃତକଙ୍କୁ ଚିହ୍ନଟ କରାଯିବ। ଏହି ଦୁର୍ଘଟଣାର ସୂଚନା ପାଇବା ପରେ ଦମକଳ ବାହିନୀ, ୯ଟି ଥାନାର ପୁଲିସ ଏବଂ ଏସ୍‌ଡିଆରଏଫ ଯବାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ୬ ଘଣ୍ଟା ପରିଶ୍ରମ କରିବା ପରେ ଉଦ୍ଧାର ଅଭିଯାନ ଶେଷ ହୋଇଥିଲା। ଦୁର୍ଘଟଣା ଯୋଗୁଁ ୩ କିମି ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ଲାଗି ରହିଥିଲା। ପ୍ରଶାସନ ଏହି ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି।

### ଧରାଛୁଆଁ ବାହାରେ...

ଘଟଣାରେ ନିଜର କ୍ଷୋଭ ରୋକି ପାରିନାହାନ୍ତି। ୧୩ ବର୍ଷ ତଳେ ଘଟିଥିବା ଦିଲ୍ଲୀର ନିର୍ଭୟା ଗଣଦୁଷ୍କର୍ମକୁ ଏହି ଘଟଣା ମନେ ପକାଇ ଦେଇଛି ଓ ଏବେବି କିଛି ପରିବର୍ତ୍ତନ ହୋଇ ନାହିଁ ବୋଲି ମହିଳା ଆଇଏଏସ୍ ଆବୋଲି ଏସ୍ ନରୱାଣେ କହିଛନ୍ତି।

ଧଉଳି ଲଜ୍ଜାକୁ ନେଇ ସାରା ରାଜ୍ୟ ସ୍ତବ୍ଧ। ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ହେଲେ ଏହି ଘଟଣାରେ ମାଷ୍ଟରମାଇଣ୍ଡ ଏବଂ ତାଙ୍କର ଅନ୍ୟ ଜଣେ ସହଯୋଗୀକୁ ଧରିବାରେ ପୁଲିସ ସକ୍ଷମ ହୋଇନାହିଁ। ଗଣଦୁଷ୍କର୍ମର ମାଷ୍ଟର ମାଇଣ୍ଡ ଶିଶୁପାଳଗଡ଼ ଅଞ୍ଚଳର ଜୋକର ହାପି ୬ଦିନ ଧରି ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଛି। ପୂର୍ବରୁ ଅନେକ ମାମଲାରେ ଜୋକର ହାପି ଜେଲ ଯାଇଛି। ତଣ୍ଟିକଟା ଠାରୁ ଆରମ୍ଭ କରି, ଲୁଟ୍, ଛିନ୍‌ତାଇ, ଜମି କବଜ୍ଜା, ଘରେ ପଶି ଆକ୍ରମଣ କରିବା ଭଳି ୨୦ଟି ମାମଲା ସଙ୍ଗିନ ମାମଲା ଧଉଳି ଏବଂ ଲିଙ୍ଗରାଜ ଥାନାରେ ତା ନାମରେ ରୁଜୁ ହୋଇଛି। କିଛିଦିନ ତଳେ ସେ ଜେଲରୁ ମୁକୁଳିଥିଲା ଓ ଏହାପରେ ଏହି ଘଟଣା ଘଟାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ କମିସନରେଟ୍ ପୁଲିସ ମୌନବ୍ରତ ଅବଲମ୍ବନ କରିଛି। ପୁଲିସ କମିଶନର, ଡିସିପିଙ୍କ ଠାରୁ ଆରମ୍ଭ କରି ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ମୁହଁ ଖୋଲୁ ନାହାନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ଗିରଫଦାରି ସମ୍ପର୍କରେ ତ ନିରବତା ଅବଲମ୍ବନ କରୁଛନ୍ତି, ଅନ୍ୟପକ୍ଷରେ ଗିରଫ ଦୁଇ ଅଭିଯୁକ୍ତଙ୍କ ନାଆଁ ମୁହଁରେ ଧରୁନାହାନ୍ତି। ପୂର୍ବରୁ ଏଭଳି ଅନେକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କ ନାଆଁ ସହ ପ୍ରେସ୍ ବିବୃତି ଜାରି କରିଛି। ମାତ୍ର ଏହି ଘଟଣାକୁ ନେଇ ଗତକାଲି ପ୍ରେସ ବିଜ୍ଞପ୍ତିରେ ଗିରଫ ହୋଇଥବା ଦୁଇ ଅଭିଯୁକ୍ତଙ୍କ ନାମ ଲେଖିନାହିଁ ପୁଲିସ। ଅଭିଯୁକ୍ତଙ୍କ ନାମ ସାମ୍ନାକୁ ନ ଆସୁ ବୋଲି ପୁଲିସକୁ କୌଣସି ଆଡୁ ଚାପ ପଡୁଛି ବୋଲି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଆଜି ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ଧଉଳି ଥାନା ଏବଂ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏନେଇ ତଦନ୍ତକାରୀ ଅଧିକାରୀଙ୍କ ସହ ମାମଲାର ସମ୍ବେଦନଶୀଳତାକୁ ନେଇ ସେ ଆଲୋଚନା କରିଛନ୍ତି। ଏହା ସହ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢାଇବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

### ସୀମା ଟପୁଛି...

ସରକାର ବିଶ୍ୱସନୀୟତା ହରାଉଛି। ଆଇନଶୃଙ୍ଖଳା କେତେ ଆଉ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ? ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା ସାଧାରଣ ଜନତାଙ୍କୁ ଭୟଭୀତ କରୁଛି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରି ନ ପାରିବା ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି ବୋଲି ନବୀନ କହିଛନ୍ତି। ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

**AFFIDAVIT**

I SUCHITRA PANDA, W/o - PANCHANANA DASH, resident of At - Dash Lane, Power House Colony, Po/Ps - Jeypore, Dist- Koraput, Pin - 76400, Odisha declare by this Affidavit No. 5174 Dated - 15/12/2025, that now onwards I shall be known as **SUCHITRA DASH** For all future purpose.

**AFFIDAVIT**

I JAMI SWATHI, W/o - JAMI SRINIVASA RAO, resident of At - Main Road, Po/Ps/Dist - Malkangiri, Pin - 764045, Odisha declare by this Affidavit No.5221, Dated -16/12/2025, that now onwards I shall be known as **JAMI SWATHI RAO** for all future purposes.

**FOR SALE**

1 Number of TRACTOR - MAHINDRA 575 DI YOVO, Registration No.- OD-22-X-0365, Model- 2023, ENGINE NO - ZPB5GKF7408, CHASSIS NO - MBNSFALBPPZB01787, For Details, contact –8895995989, 9437355692, Second floor, Plot No-353/2585, Building No-723/1793, At- Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO- 06784-250703"

**AFFIDAVIT**

I,Roshan Ara Begum, W/o-Mirza Shamim Ali Baig, permanent resident of Jagannath Sahi,Idgha Basti near Masjid, PO - Chandini chouk,Dist- Cuttack, Pin - 753002,Odisha, declare by this affidavit No -12012, dated -10.12.2025, that now onwards I shall be known as **ROUSHAN ARA BEGUM** for all future purposes.

**FOR SALE**

We have 2 nos repossessed Mahindra Tractor for sale : (1). MAHINDRA 405 YUVO TECH + ( OD-15Z-6560), (2). MAHINDRA 585 YUVO TECH + ( Un-Registered) in it's as is where is condition. Contact: Sundaram Finance Limited, Sambalpur Branch, Mob no : 9437059593, 9437355617 within 3 days .

**LOST**

ATTENTION ! ATTENTION ! ATTENTION

LOSS OF HOUSE ALLOTMENT LETTER

I, Puneet Chhillar, residing at NCC directorate Odisha, Chandrasekharpur. My Home allotment letter cum possession letter for C-702 RKCGHS, Sector-23, Dwarka, Delhi has been lost. If anyone finds, please contact on: 7756976335

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus: 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**NOTICE**

By virtue of an affidavit sworn before Executive Magistrate, Baripada, Mayurbhanj, dated 12/12/2025, I SK SURAJ , S/o Sekh Azijulla At- Paredpadia Ward No.16, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SEC SURAJ to SK SURAJ. Henceforth, I shall be known as SK SURAJ for all purposes.

Sd/- SK SURAJ

**AFFIDAVIT**

By virtue of an affidavit sworn before notary public Bhubaneswar, dated 09th December – 2025, I Labana Banra residing at-Astakuanr, Po- Astakuanr, Ps-Jashipur, Dist-Mayurbhanja, Odisha, Pin-757034 declare that I have change my name from Masuri Banra Henceforth, I shall be known as **Labana Banra** for all purposes.

Labana Banra

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/93, ତା.12.12.2025ରିଖ

(1) ଟେଣ୍ଡର ସଂ. etenderhqkur-310-2025, ତା.03.12.2025ରିଖ

ବିବରଣୀ : ପୁରୀରେ ନୀଳାଚଳ ରେଷ୍ଟ ହାଉସ୍ ଏବଂ କୋଣାର୍କ ରେଷ୍ଟ ହାଉସ୍‌ର ପ୍ରସ୍ତାବିତ ମରାମତି, ଯେପରିକି ଟାଇଲ୍ ଲଗେଇବା, କବାଟ ଓ ଝରକାଗୁଡ଼ିକୁ ବଦଳାଇବା, ୱାଲ୍ ପ୍ୟାନେଲିଙ୍ଗ୍, ଜିପ୍‌ସମ ବୋର୍ଡ ଲଗେଇବା, ପ୍ଲାଷ୍ଟରିଙ୍ଗ୍ ଇତ୍ୟାଦି।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 295.53 ଲକ୍ଷ, EMD : ₹ 2,97,800/-

(2) ଟେଣ୍ଡର ସଂ. etenderEastkur-314-2025, ତା.04.12.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ /I/ କଟକ ପରିସୀମା ଅଧିନସ୍ଥ ପଥ ପାର୍ଶ୍ୱ (Way Side) ଷ୍ଟେସନ ଷ୍ଟାଫ କ୍ୱାର୍ଟର ଏବଂ ସେବା ଭବନଗୁଡ଼ିକର ବିବିଧ କାର୍ଯ୍ୟର ପ୍ରସ୍ତାବିତ ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 250.58 ଲକ୍ଷ, EMD : ₹ 2,75,300/-

(3) ଟେଣ୍ଡର ସଂ. etenderhqkur-304-2025, ତା.03.12.2025ରିଖ

ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ ଖୋର୍ଦ୍ଧା ରୋଡ଼ ପରିସୀମା ଅଧିନସ୍ଥ ପୁରୀ ସ୍ଥିତ ସ୍କାଉଟ୍ ଏବଂ ଗାଇଡ୍ ବିଲ୍ଡିଙ୍ଗକୁ ବ୍ୟବହାର ଯୋଗ୍ୟ / ବାସୋପଯୋଗୀ ଅବସ୍ଥାକୁ ଆଣିବା ପାଇଁ ତାହାର ମରାମତି ଏବଂ ନବୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 121.99 ଲକ୍ଷ, EMD : ₹ 2,11,000/-

ଶେଷ ହେବା ଅବଧି : 6 (ଛଅ) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 2 ପାଇଁ)

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.12.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-908/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide No.124, date-13/10/2025. I, **Mrs. Sabita Das**, Address: At-Lokipur, Salapadiha, Nachuni, Banapur, Gangadharpursasan, Odisha, PIN-752034, declare that I have changed my minor daughter's name from **Ruji Das to Rojalin Das.** Henceforth, she shall be known as **Rojalin Das** for all purposes.

**Sabita Das**

**AFFIDAVIT**

By virtue of an affidavit sworn before Executive Magistrate, Kanas, No-4475, dated-12/12/2025 I, **Smt. Bharati Nayak**, resident of At-Alipada, Po-Adal, Block-Kanas, Ps-Gadisagoda, Dist-Puri, Odisha, Pin-752019 declare that I have changed the name of my son's from **Chandrakanti Nayak to Chandrakanta Nayak.** Henceforth, he shall be known as **Chandrakanta Nayak** for all purposes.

**Bharati Nayak**

**Form No. NCLT 3A**
**Advertisement Detailing Petition**
**[See Rule 35]**
**Company Petition No. 69/CB/2025**
**Notice of Petition/Application**

A petition/application under Section 131 of the Companies Act, 2013, for revision of financial statements of **SURENDRA ESTCON PRIVATE LIMITED (Petitioner)** for the financial year ended 31st March 2024 was presented by the Petitioner on **19th November 2025,** and the said petition is fixed for hearing before Cuttack Bench of the Hon'ble National Company Law Tribunal on **09th January 2026.**

Any person desirous of supporting or opposing the said petition/application should send to the Petitioner's counsel, notice of his intention, signed by him or his advocate, with his name and address, so as to reach the Petitioner's counsel not later than 2 (Two) days before the date fixed for the hearing of the petition/application. Where he seeks to oppose the petition/application, the grounds of opposition or a copy of his affidavit shall be furnished with such notice.

A copy of the petition/application will be furnished by the undersigned to any person requiring the same on payment of the prescribed charges for the same.

Place: Bhubaneswar
Date: 17.12.2025

Sd/-FCS Gopinath Nayak
Practicing Company Secretary
(Counsel for the Petitioner)
Plot No.-186, First Floor, District Center, Chandrasekharpur
Bhubaneswar-751016, Odisha

**ଆସେଟ୍ସ କେୟାର୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ ଲିମିଟେଡ୍.**

ACRE MAKING ASSETS WORK

ୟୁନିଟ୍ ନଂ -୫୦୨, ସି ୱିଙ୍ଗ, ୱାନ୍ ବିକେସି, ରେଡିଅସ୍ ଡିଭେଲପର୍ସ, ପ୍ଲଟ୍ ନମ୍ବର ସି-୬୬, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ - ୪୦୦୦୫୧

**ସିକ୍ୟୁରିଟାଇଜେସନ୍ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ସରଫେଶୀ ଅଧିନିୟମର ଧାରା ୫ ର ପ୍ରାବଧାନ ଅନୁଯାୟୀ, ACRE-ARC 'ହସ୍ତାନ୍ତରକାରୀ' ଙ୍କଠାରୁ ଋଣଗ୍ରହିତାଙ୍କ ସମସ୍ତ ଆର୍ଥିକ ସମ୍ପତ୍ତି ଏବଂ ଏହା ସହିତ ଜଡ଼ିତ ପ୍ରତିଭୂତିଗୁଡ଼ିକୁ ଅଧିଗ୍ରହଣ କରିଛି। ଉକ୍ତ ଋଣ ଅଧିଗ୍ରହଣ ବଳରେ, ଆର୍ଥିକ ଦଲିଲ ଏବଂ ପ୍ରତିଭୂତିଗୁଡ଼ିକର ହସ୍ତାନ୍ତର ମାଧ୍ୟମରେ, ACRE-ARC ଜଣେ ଟ୍ରଷ୍ଟି ଭାବରେ କାର୍ଯ୍ୟ କରି ଋଣଗ୍ରହିତାଙ୍କ ବକେୟା ଋଣର ସମସ୍ତ ଅଧିକାର, ସତ୍ତ୍ୱ ଏବଂ ସ୍ୱାର୍ଥ ହାସଲ କରିଛି। ACRE-ARC ବର୍ତ୍ତମାନ ହସ୍ତାନ୍ତରକାରୀଙ୍କ ସ୍ଥାନ ନେଇ ଋଣଗ୍ରହିତାଙ୍କ ପାଇଁ ଏକ 'ସୁରକ୍ଷିତ ପାଉଣାଦାର' ସାଜିଛି ଏବଂ ଋଣ ସୁବିଧା ବାବଦରେ ବକେୟା ଅର୍ଥ ଆଦାୟ କରିବା ସହ ଏଥିପାଇଁ ଥିବା ସୁରକ୍ଷା ସ୍ୱାର୍ଥକୁ କାର୍ଯ୍ୟକାରୀ କରିବା ପାଇଁ ହକଦାର ଅଟେ।

| ଋଣ ଆକାଉଣ୍ଟ ନଂ. | ଏକର ଟ୍ରଷ୍ଟ | ପୋର୍ଟଫୋଲିଓ | ACRE ହସ୍ତାନ୍ତର ତାରିଖ | ଋଣଗ୍ରହୀତା / ସହ ଋଣଗ୍ରହୀତାଙ୍କ ନାମ | ଡିମାଣ୍ଡ ନୋଟିସ୍ ତାରିଖ ଓ ପରିମାଣ ଧାରା ୧୩(୨) ଅନୁଯାୟୀ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|---|---|
| 5900001743 & 5900001407 | Trust 174 | ପିରାମଲ | ୨୮.୦୩.୨୦୨୫ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ (ଋଣଗ୍ରହୀତା), ଦୁଃଶାସନ ପ୍ରଧାନ (ସହ ଋଣଗ୍ରହୀତା) | ୦୪ ନଭେମ୍ବର ୨୦୨୫ ଏବଂ ୦୪ ନଭେମ୍ବର ୨୦୨୫ ସୁଦ୍ଧା ଟ. ୨୧,୯୪,୯୧୦ | ଜିଲ୍ଲା-ପୁରୀ, ତହସିଲ-ଗୋପ , ଗୋପ ରେଜିଷ୍ଟ୍ରେସନ ଅଫିସ ଏବଂ ଥାନା-ଗୋପ(ଥାନା ନଂ. ୧୨୭), ମୌଜା-ତରାହଣା, ସ୍ଥିତିବାନ, ଖାତା ନଂ. ୨୫୪, ପ୍ଲଟ ନଂ. ୧୭୨ ଏବଂ ମୋଟ କ୍ଷେତ୍ର ଏକର ୦.୧୬୦ ଡିସିମିଲି, କିସମ 'ଘରବାରି', ଏହାର ଚତୁଃପାର୍ଶ୍ୱସୀମା : ଉତ୍ତର- ବୁଲା ପ୍ରଧାନ, ଦକ୍ଷିଣ- ସୁକାନ୍ତ ପ୍ରଧାନ, ପଶ୍ଚିମ- ଗ୍ରାମ୍ୟ ରାସ୍ତା, ପୂର୍ବ- ସୁକାନ୍ତ ପ୍ରଧାନ ଓ ଟହଲି ପ୍ରଧାନ |

ନୋଟିସ୍‌ର 'ବିକଳ୍ପ ସେବା' (Substituted service) ବା ବିକଳ୍ପ ଜାରି ପାଇଁ ପଦକ୍ଷେପ ନିଆଯାଉଛି। ଉପରୋକ୍ତ ଋଣଗ୍ରହିତା, ସହ-ଋଣଗ୍ରହିତା ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟରମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଅର୍ଥ ପୈଠ କରିବାକୁ ପରାମର୍ଶ ଦିଆଯାଉଛି। ଏଥିରେ ବିଫଳ ହେଲେ, 'ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ ଆକ୍ଟ, ୨୦୦୨' (SARFAESI Act) ର ପ୍ରାବଧାନ ଅନୁଯାୟୀ ଏହି ନୋଟିସ୍‌ର ୬୦ ଦିନ ଅତିକ୍ରମ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଆପଣଙ୍କୁ ଅବଗତ କରାଯାଉଛି କି, ଉକ୍ତ ନୋଟିସ୍ଟି ଧାରା ୧୩(୧୩) ଅନ୍ତର୍ଗତ ମଧ୍ୟ ଅଟେ, ଯାହା ମାଧ୍ୟମରେ ଋଣଗ୍ରହିତା/ଗ୍ୟାରେଣ୍ଟର/ବନ୍ଧକକାରୀଙ୍କୁ ସୂଚନା ଦିଆଯାଉଛି ଯେ, ଉକ୍ତ ବନ୍ଧକ ରଖାଯାଇଥିବା ସମ୍ପତ୍ତିକୁ ବିକ୍ରୟ, ଲିଜ୍ (ପଟ୍ଟା) କିମ୍ବା ହସ୍ତାନ୍ତର କରାଯାଇପାରିବ ନାହିଁ।

ତାରିଖ: ୧୭.୧୨.୨୦୨୫
ସ୍ଥାନ: ପୁରୀ

କ୍ଷମତାପ୍ରାପ୍ତ ଅଧିକାରୀ
ଆସେଟ୍ସ କେୟାର୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲି.

**GANJAM CLUB LTD.**

BERHAMPUR - 760004, Ph.: 0680 - 2203377

**TENDER CALL / BID NOTICE**

The Secretary, Ganjam Club Limited, Berhampur invites proposals for technical bid and Financial Bid separately in sealed covers from prospective bidders for Lease-cum/Development /Up gradation, Operation and Maintenance of Ganjam Club Limited, Berhampur for Accommodation of Ganjam Club / and Construction of other properties and advised to carefully study the RFP document.

Before submitting the proposal, in response to the RFP time schedule visit the properties offered in this RFP. Submission of proposal in response to this RFP shall be deemed to have been done after careful study and examination of this document and visiting of the property as per the time schedule given in RFP conditions. The Club- authorities reserve the right to accept or reject any bid without assigning any reason thereof.

The REF document will be available at a Non-Refundable amount of Rs. 10,000/- (Rupees Ten Thousand) only from 20.12.2025 to 27.12.2025.

The bids are to be submitted to the undersigned by Speed Post only on or before 31 .12.2025.

Secretary Ganjam Club Ltd.
Berhampur

## ଉଦଳା ପୌରାଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

# ରାସ୍ତା କଡ଼ରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା



ଉଦଳା, ୧୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ଉଦଳା ସହର ପୌରପାଳିକା ମାନ୍ୟତା ପାଇଁ ଅଣ୍ଟା ଭିଡୁଥିବାବେଳେ ରାସ୍ତା କଡ଼ରେ ପକା ହେଉଛି ଅଳିଆ ଆବର୍ଜନା। ସ୍ୱଚ୍ଛ ଓ ସୁସ୍ଥ ପରିମଳ ବ୍ୟବସ୍ଥା ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳର ମୌଳିକ ଦାୟିତ୍ୱ। ଏ କ୍ଷେତ୍ରରେ ଉଦଳା ବିଜ୍ଞାପିତ ଅଞ୍ଚଳର ଅବହେଳା ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳୁଛି। ଅପରପକ୍ଷ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଏହି ଆଭିମୁଖ୍ୟ ପାଇଁ ସହରର ପରିବେଶ ଓ ବାୟୁ ପ୍ରଦୂଷିତ ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି।

ଉଦଳା ବିଜ୍ଞାପିତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାବେଳେ ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ଯେମିତି ଦିଗହରା ହୋଇଯାଉଛି। ପରିଚ୍ଛନ୍ନତା ନାଁରେ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା। ଏପରି ଅଳିଆ ପଡୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି ଉଦଳା ଅଠଣଗାଁ ସଂଯୋଗ କରୁଥିବା ରାସ୍ତା ବସ୍‌ଷ୍ଟାଣ୍ଡ ନିକଟରେ। ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଭିନ୍ନ ଦୋକାନ ପାଇଁ କୌଣସି ଆବର୍ଜନା କୁଣ୍ଡ ନ ଥିବା ଭଳି ଦୃଶ୍ୟମାନ ହେଉଛି। ରାସ୍ତା କଡ଼ ହୋଟେଲର ଅଇଁଠା ଖଲିପତ୍ର ପଡୁଥିବା କାରଣରୁ ଯାତାୟତରେ ଅସୁବିଧା ହେଉଛି। ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିୟୋଜିତ ସଫେଇ ଠିକା ସଂସ୍ଥାର ଅବହେଳା ନା ବିଜ୍ଞାପିତ ଅଞ୍ଚଳ ପରିଷଦର ତଦାରଖର ଅବହେଳା ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ କେବେ ସୁଧୁରିବ ବିଜ୍ଞାପିତ ଅଞ୍ଚଳର ପରିବେଶ ଦେଖିବାକୁ ବାକି ରହିଲା।

## ହାତୀ ଆକ୍ରମଣରୁ ବର୍ତ୍ତିଲେ ଯୁବକ

ଉଦଳା, ୧୬।୧୨(ସମିସ): ଘର ଓଳିରେ ପଶି ଧାନ ଖାଉଥିଲା ହାତୀ। ହାତୀକୁ ଦେଖି ଘଉଡ଼ାଇବା ପାଇଁ ପାଟି କରିବାରୁ ହାତୀ ଆକ୍ରମଣ କଲା। ତଳେ ପଡ଼ିଯିବାରୁ ଯୁବକଙ୍କ ହାତ ଉପରେ ଚଢ଼ିଗଲା ହାତୀ। ଏଭଳି ଘଟଣା କପ୍ତିପଦା ବନାଞ୍ଚଳ ଗଣ୍ଡୀଦର ଗ୍ରାମରେ ଘଟିଛି। ଗ୍ରାମର ନୀଳକଣ୍ଠ ପାଣିଆଳିଆ ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଶବ୍ଦ ଶୁଣିବାକୁ ପାଇଥିଲେ। ବାଡ଼ିକୁ ଯାଇ ଦେଖିବାରୁ ହାତୀ ଧାନ ଖାଉଥିଲା। ହାତୀ କବଳରୁ ଧାନକୁ ବଞ୍ଚାଇବା ପାଇଁ ଘଉଡ଼ାଇବାରୁ ହାତୀ ନୀଳକଣ୍ଠଙ୍କୁ ଆକ୍ରମଣ କରିଥିଲା। ନୀଳକଣ୍ଠକୁ ହାତୀ ଗୋଡ଼ାଇବାରୁ ସେ ତଳେ ପଡ଼ିଯାଇଥିଲେ। ହାତୀଟି ନୀଳକଣ୍ଠଙ୍କ ହାତ ଉପରେ ଚଢ଼ି ଦଳି ଦେଇଥିବାବେଳେ ଅଳ୍ପକେ ଜୀବନ ରକ୍ଷା କରିପାରିଥିଲେ। ନୀଳକଣ୍ଠଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଏବେ ସୁଦ୍ଧା ବନ ବିଭାଗ ତାଙ୍କ ନିକଟରେ ପହଞ୍ଚିନାହିଁ।

## ସରସ୍ୱତୀ ଶିଶୁମନ୍ଦିରରେ ପୁରସ୍କାର ବିତରଣ ଉତ୍ସବ



କୁଆମରା, ୧୬।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିବରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ରମେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଗୋପବନ୍ଧୁନଗର ପ୍ରେସ କ୍ଲବ୍ ସଭାପତି ନିମାଇଁ ଦାଶ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ପରିଡ଼ା, ସମ୍ପାଦକ ମନମୋହନ ମହାପାତ୍ର, ପୂର୍ବତନ ସମ୍ପାଦକ କୁଳମଣି ବେହେରା, ଉଜ୍ୱଳ ସେନ, ଅରୁଣ ମଡୁଆଳ, ଦୀନବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇ ୨୪୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା




କୁଆମରା, ୧୬ ।୧୨(ସମିସ): ଗୋପବନ୍ଧୁନଗର ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା ଖୁଣ୍ଟା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ, କନିଷ୍ଠ ଓ ସର୍ବକନିଷ୍ଠ ବିଭାଗରେ ବିଭକ୍ତ କରାଯାଇଥିଲା। ପୁରସ୍କାର ବିବରଣୀ ସଭାରେ ଅତିଥି ଭାବେ ବିଆରସିସି କୁଳମଣି ନାଏକ, ସାନଖୁଣ୍ଟା ସରପଞ୍ଚ ସୁମି ହାଁସଦା, ଖୁଣ୍ଟା ବିଦ୍ୟାଳୟର ଭାରପ୍ରାପ୍ତପ୍ରଧାନଶିକ୍ଷୟିତ୍ରୀ ସବିତା ପାତ୍ର, ସିଆରସିସି ଯତୀନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ବିଭାଗର ଆଦିତ୍ୟ ଜେନା, କନିଷ୍ଠ ବିଭାଗର ପୂଜାସ୍ମିତା ମହାପାତ୍ର ଓ ସର୍ବକନିଷ୍ଠ ବିଭାଗର ଦୀପାଞ୍ଜଳି ସେଠୀ ପ୍ରଥମ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ବଙ୍କିମ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ସଞ୍ଜିତ ଦେ, ଚିତ୍ତରଞ୍ଜନ ପୁଆଳ, ଦୋଳଗୋବିନ୍ଦ ନାୟକ, କୃଷ୍ଣଚନ୍ଦ୍ର ଦଳେଇଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆରସିସି ସହଯୋଗ କରିଥିଲେ।

## ରାଣୀପୋଖରୀ ବିଦ୍ୟାଳୟରେ ଶିକ୍ଷାସଭା

ଶରତ, ୧୬।୧୨(ସମିସ): 'ଆସ ସ୍କୁଲ ଯିବା' ଅଭିଯାନ ଆନୁକୂଲ୍ୟରେ ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ରାଣୀପୋଖରୀ ବିଦ୍ୟାଳୟରେ ଶିକ୍ଷାସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ଗତ ମଇ ମାସରେ ହୋଇଥିବା ସର୍ଭେରେ ଚିହ୍ନଟ ହୋଇଥିବା ୬ରୁ୧୮ ବର୍ଷ ବୟସର ପିଲାଙ୍କୁ ବୟସ ଅନୁଯାୟୀ ଶ୍ରେଣୀରେ ନାମ ଲେଖାଇ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମରେ ସେମାନଙ୍କ ନାମଲେଖାକୁ ସୁନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ରାଣୀପୋଖରୀ ସରପଞ୍ଚ ଭଞ୍ଜ ସିଂ ବଦ୍ରା, ବିଭିନ୍ନ ୱାର୍ଡର ୱାର୍ଡମେମ୍ବର, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଫୁଲମଣି ନାୟକ, ରାଣୀପୋଖରୀ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କୁନ୍ତଳା ମହାନ୍ତ ସଭାକୁ ପରିଚାଳନା କରିବା ସହ ସିଆରସିସି ରତନ ମାରାଣ୍ଡି ସଭାର ଆଭିମୁଖ୍ୟ ରଖିଥିଲେ। ଶିକ୍ଷକ ରଘୁନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ପିସି ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବେତନଟୀ, ୧୬।୧୨(ସମିସ): ସ୍ଥାନୀୟ ଏମ୍‌ପିସି ହାଇସ୍କୁଲର ୨୦୦୧ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବେତନଟୀ ନିକଟସ୍ଥ ପାଉଁଶିଆବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଏକଜୁଟ ହୋଇଥିଲେ। ଆସନ୍ତା ନୂତନ ବର୍ଷରେ ସମସ୍ତ ସଦସ୍ୟଙ୍କୁ ନେଇ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ୨୫ ବର୍ଷ ପରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଅନୁଷ୍ଠିତ ହୋଇଯାଇଥିବାବେଳେ ପ୍ରତିବର୍ଷ ଏହା ବଜାୟ ରଖିବାକୁ ଆଲୋଚନା ହୋଇଥିଲା।

## ଏଆଇଡିଏସଓ ପକ୍ଷରୁ ସେଭ୍ କ୍ୟାମ୍ପସ ଡେମୋକ୍ରାସି ଡେ' ପାଳିତ




ବାରିପଦା, ୧୬।୧୨(ସମିସ): ଆସାମର ତେଜପୁର ବିଶ୍ୱବିଦ୍ୟାଳୟର ଦୁର୍ନୀତିଗ୍ରସ୍ତ କୁଳପତିଙ୍କୁ ବହିଷ୍କାର ତଥା ଅନ୍ୟାନ୍ୟ ଶିକ୍ଷାଗତ ସମସ୍ୟା ସମାଧାନ ଦାବିରେ ୮୫ ଦିନ ଧରି ଚଳାଇ ରଖିଥିବା ଛାତ୍ର, ଶିକ୍ଷକ, ଶିକ୍ଷା-କର୍ମଚାରୀଙ୍କ ଐକ୍ୟବଦ୍ଧ ଗଣତାନ୍ତ୍ରିକ ଆନ୍ଦୋଳନ ସମର୍ଥନରେ ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସଓ କେନ୍ଦ୍ରୀୟ ପରିଷଦ ପକ୍ଷରୁ ଦେଶ ବ୍ୟାପୀ ସେଭ୍ କ୍ୟାମ୍ପସ ଡେମୋକ୍ରାସି ଡେ ପାଳନ କରିବାକୁ ଆହ୍ୱାନ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ମୟୂରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ କମ୍ରେଡ ଫୁଲଚାନ୍ଦ ଲୋହାର, ଜିଲ୍ଲା କମିଟି ସଦସ୍ୟ ଅମରେନ୍ଦ୍ର ମହାନ୍ତ, ବାପୁନ ବାନରା ଓ ଗୋବିନ୍ଦ ମୁଣ୍ଡାରୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜିଲ୍ଲା ବରିଷ୍ଠ ନାଗରିକ ସମିତିର ବାର୍ଷିକ ସମ୍ମିଳନୀ

ସାରସକଣା/ଝାରପୋଖରିଆ, ୧୬ ।୧୨(ସମିସ):ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସମିତିର ପଞ୍ଚମ ବାର୍ଷିକ ସମ୍ମିଳନୀ ଝାରପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ବରିଷ୍ଠ ନାଗରିକ ସମିତି କାର୍ଯ୍ୟକୁ ପ୍ରଶଂସା କରି ଝାରପୋଖରୀଆ ସ୍ଥାୟୀ ଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ସୀମାନ୍ତ ମହାବିଦ୍ୟାଳୟର ସଭାପତି ଇଞ୍ଜିନିୟର ଅଶୋକ ବସା, ବିଶେଷ ଅତିଥି ମନୁମେଣ୍ଟ ଅଥରିଟି ଅଫ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କିଶୋର ବସା, ସମ୍ମାନିତ ଅତିଥି ସାହିତ୍ୟିକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ଅନ୍ୟତମ ଅତିଥି ପୂର୍ବତନ ବିଧାୟକ ଡାକ୍ତର ବୁଦାନ ମୁର୍ମୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠଙ୍କ ସହ ଭାବ ବିନିମୟ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ଏ ଅବସରରେ ମୁଖପତ୍ର ଭଞ୍ଜବରିଷ୍ଠ ଓ ସମିତି ଲୋଗୋ ଉନ୍ମୋଚିତ ହୋଇଥିଲା। ବିଚ୍ଛିନ୍ନାଞ୍ଚଳ ସାହିତ୍ୟ ପରିଷଦର ଲକ୍ଷ୍ମଣ ଗିରିଙ୍କ ରଚିତ ଅଭୁଲା ସ୍ମୃତି ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ସାରସକଣା ଅଞ୍ଚଳର ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ବିବରଣୀ ପାଠ ସହିତ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଅଭ୍ୟର୍ଥନା କମିଟି ସଭାପତି ଜୟହରି ଘୋଷ ଉପସ୍ଥିତ ଥିଲେ। ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘ ଗଠନ



ରାଇରଙ୍ଗପୁର, ୧୬।୧୨(ସମିସ): ବାମନଘାଟୀ ଓ ପଞ୍ଚପୀଢ ଉପଖଣ୍ଡର ଠିକାଦାରଙ୍କୁ ନେଇ ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘ ଗଠିତ ହୋଇଛି। ଏ ନେଇ ସୋମବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ବୈଠକରେ ଠିକାଦାରଙ୍କ ଦୁରବସ୍ଥା ଓ ବର୍ତ୍ତମାନର ଟେଣ୍ଡର ପ୍ରଣାଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବିଶେଷକରି ୧୪.୯୯ ପ୍ରତିଶତ କମ୍‌ରେ କାମ କରାଯିବା ପ୍ରଣାଳୀକୁ ସମସ୍ତ ଠିକାଦାର ସର୍ବସମ୍ମତି କ୍ରମେ ବିରୋଧ କରିଥିଲେ। ସମସ୍ତ ନିର୍ମାଣ କାମରେ ମାନରକ୍ଷା କରାଯିବା ସହ ଆଗାମୀ ଦିନରେ ୧୪.୯୯ ପ୍ରତିଶତ କମ୍‌ରେ କାମ ବର୍ଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ନିର୍ଦ୍ଧାରିତ ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ଭରିବା ଓ ସ୍ଥାନୀୟ ଅଞ୍ଚଳର ଠିକାଦାରଙ୍କ ବ୍ୟତୀତ ଅନ୍ୟ ଅଞ୍ଚଳର ଠିକାଦାରଙ୍କୁ ନିମ୍ନମାନର କାମ ଓ ଟେଣ୍ଡର ଭରିବାକୁ ବିରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଯଦି କେହି ବାହାର ଲୋକ କାମ କରିବେ, ସ୍ଥାନୀୟ ସଂଘ ସହ ଆଲୋଚନା କରି କାମ କରିବେ ବୋଲି କୁହାଯାଇଛି। ଯଦି କେହି ଏହାକୁ ଅବମାନନା କରନ୍ତି, ତେବେ ସଂଘ ତରଫରୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ସଂଘ ତରଫରୁ ଦୁର୍ନୀତି ନିବାରଣ ବିଭାଗକୁ ଅଭିଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ବିଭିନ୍ନ ବିଭାଗର ଯେଉଁସବୁ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ହେବ, ସେଥିରେ କେହି ମଧ୍ୟ ୧୪.୯୯ ପ୍ରତିଶତ କମ୍‌ରେ ଟେଣ୍ଡର ନ ପକାଇବାକୁ ସଂଘ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛି। ବିଶେଷତଃ ସ୍ପେଶାଲ ଶ୍ରେଣୀଭୁକ୍ତ ଏ, ବି, ସି ଓ ଡି ଠିକାଦାର ସରକାରଙ୍କ ନିର୍ଦ୍ଧାରିତ ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ପକାଇବେ ବୋଲି ନିଷ୍ପତ୍ତି ହୋଇଛି। ପରେ ସର୍ବସମ୍ମତି କ୍ରମେ ଉକ୍ତ ବୈଠକରେ ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘର ସଭାପତି ପଦ ପାଇଁ ପ୍ରସନ୍ନ ସାହୁ, ଉପସଭାପତି ପଦ ପାଇଁ ଯଜ୍ଞେଶ୍ୱର ମହାନ୍ତ ଓ ବସନ୍ତ କୈବର୍ତ୍ତ, ସମ୍ପାଦକ ବିଜୟ ମଣ୍ଡଳ, ସୁଜିତ ବିଶୋଇ, ମନୋରଞ୍ଜନ ପୃଷ୍ଟି, ହୋରଗୋବିନ୍ଦ ସାହୁ, କୋଷାଧ୍ୟକ୍ଷ ସଚିନ ଅଗ୍ରୱାଲ ଓ ମିଡ଼ିଆ ସେଲ୍‌ଫ ପାଇଁ କିଶୋର ରଜକ ଓ ପରାମର୍ଶଦାତା ଭାବେ ପ୍ରଫୁଲ୍ଲ ସାହୁ, ସୁବାଷ ମଣ୍ଡଳ, ମନୋଜ ମହାନ୍ତି, ରାଜେନ୍ଦ୍ର ମହାକୁଡ଼, ହରିହର ଗିରି, ମନୋଜ ଦାସ, ବିପ୍ଳବ ଗିରିଙ୍କୁ ମନୋନୀତ କରାଯାଇଛି।

## ବାରିପଦା ବ୍ଲକ୍‌ସ୍ତରୀୟ ମାସିକ ସମୀକ୍ଷା ବୈଠକ




ବାରିପଦା, ୧୬ ।୧୨(ସମିସ): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାରିପଦା ବ୍ଲକସ୍ତରୀୟ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ବୈଠକରେ ଡାଏଟ୍, ମୟୂରଭଞ୍ଜର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଓ ଏଫଏଲଏନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଯୋଗେଶ୍ୱର ଘୋଷ ମହାପାତ୍ର ଯୋଗଦେଇ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୌଳିକ ସଂଖ୍ୟା ଓ ଭାଷା ଜ୍ଞାନ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ବିଆରସିସି ତପସ୍ୱିନୀ ଦାଶ ଛାତ୍ରଛାତ୍ରୀଙ୍କ ନିରନ୍ତର ଶୈକ୍ଷିକ ସ୍ତରର ମୂଲ୍ୟାୟନ, ଲାଇବ୍ରେରୀ ପୁସ୍ତକ ପଠନ, ସ୍କୁଲରେ ନାମ ଲେଖାଇ ନ ଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରଜମୋହନ ମୁର୍ମୁ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟରେ ନିୟମିତ ଉପସ୍ଥାନ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ବୈଠକରେ ବାରିପଦା ବ୍ଲକର ସମସ୍ତ ସିଆରସିସି, ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ତା'ର ସମାଧାନ ଉପରେ ନିଜର ମତ ରଖିଥିଲେ।

## ହେରିଟେଜ ସ୍କୁଲରେ ଆଉଟରିଚ୍ ଡେ, ସ୍କିଲ୍ ଡେମୋ ଓ ସଚେତନତା



ମହୁଲଡିହା, ୧୬।୧୨(ସମିସ): ଡନ ବସ୍କୋ ଟେକ୍ ଠାକୁରମୁଣ୍ଡା ସେଣ୍ଟର ପକ୍ଷରୁ ହେରିଟେଜ ଇଂଲିଶ ମିଡିୟମ ସ୍କୁଲରେ କମ୍ୟୁନିଟି ଆଉଟରିଚ୍ ଡେ, ସ୍କିଲ୍ ଡେମୋ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡି.ବି. ଟେକ୍ ୨୦ ବର୍ଷ ପାଳନର ଏକ ଅଂଶ ଭାବେ ଆୟୋଜିତ ହୋଇଥିଲା। ସେଣ୍ଟର ମୁଖ୍ୟ ଶରତ ତ୍ରିପାଠୀ, ସହ କର୍ମଚାରୀ ରଶ୍ମିତା ବେହେରା ଓ ଗୋଲାପ ବେହେରା ନେତୃତ୍ୱ ଦେଇଥିଲେ। ଇଲେକ୍ଟ୍ରିସିଆନ୍ ଡୋମେଷ୍ଟିକ୍ ସୋଲ୍ୟୁସନ୍ସ (ଇଡିଏସ) ଟ୍ରେନିଂ ଛାତ୍ରଛାତ୍ରୀଙ୍କୁ ପ୍ରାୟୋଗିକ କାର୍ଯ୍ୟଦକ୍ଷତା ଦେଖାଇ ସଚେତନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀ ସ୍ୱଚ୍ଛ ହାତରେ ସ୍ୱିଚ୍ ସ୍ପର୍ଶ କରିବା ସମସ୍ୟା, ସକେଟ୍ ଓଭରଲୋଡ୍ ନ କରିବା, ଚାର୍ଜର ଓ ଅନ୍ୟାନ୍ୟ ବିଦ୍ୟୁତ ଉପକରଣର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ ହୋଇଥିଲେ। ୩୦ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟୁତ ସୁରକ୍ଷା ସଚେତନତା ବଢ଼ାଇବାରେ ସଫଳ ହୋଇଥିଲା।

## ମିସ୍ ଉଦଳା ବିଜେତାଙ୍କୁ ସମ୍ବର୍ଦ୍ଧନା



ଉଦଳା, ୧୬।୧୨(ସମିସ): ଉଦଳା ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା କପ୍ତିପଦା ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ମିସ୍ ଉଦଳା ଫେସନ୍ ସୋ'ରେ ଅଂଶଗ୍ରହଣ କରି ବିଜେତା ହୋଇଛନ୍ତି ନନ୍ଦିନୀ ଗୁପ୍ତା। ସେ ଏବେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ +୩ର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ସେ ଧୁମୁସା ମଞ୍ଚରେ ମିସ୍ ଉଦଳା କ୍ରାଉନ୍ ପିନ୍ଧିବା ସହ ୫ ହଜାର ଅର୍ଥରାଶି ସହ ମାନପତ୍ର ହାସଲ କରିଥିଲେ। ସେ ବିଜେତା ହେବା ପରେ ଏବେ ସବୁ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଏ ଅବସରରେ ନିଜ କଲେଜକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଏହି ମହାବିଦ୍ୟାଳୟରୁ ଫେସନ୍ ସୋ'ରେ ଭାଗ ନେଇ ଦ୍ୱିତୀୟ ରନର୍ସଅପ୍ ହୋଇଥିବା ମାନସୀ ପୃଷ୍ଟିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀ, ଗିରିଜା ଶଙ୍କର ପାତ୍ର ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଚିତ୍ତରଞ୍ଜନ ବେହେରା ପଶ୍ଚିମ ମୟୂରଭଞ୍ଜ ଏସି ସେଲ ଅଧ୍ୟକ୍ଷ

ରାଇରଙ୍ଗପୁର, ୧୬।୧୨(ସମିସ): କଂଗ୍ରେସ ପକ୍ଷରୁ ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲାର ଅନୁସୂଚିତ ଜାତି ଅଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ବେହେରାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ଓ ଜିଲ୍ଲା ନେତୃତ୍ୱଙ୍କ ଅନୁମୋଦନକ୍ରମେ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ବିଜ୍ଞପ୍ତି ଜରିଆରେ ନାମ ଘୋଷଣା କରିଛନ୍ତି। ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ନୂତନ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି। ନୂତନ ଦାୟିତ୍ୱ ପ୍ରଦାନ ନେଇ ରାଜ୍ୟ ସଭାପତି ଭକ୍ତଚରଣ ଦାସ, ରାଜ୍ୟ ଏସି ସେଲ ସଭାପତି ମାନସ ମଲ୍ଲିକ, ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ଓ ପଶ୍ଚିମ ମୟୁରଭଞ୍ଜ ଜିଲ୍ଲା ସଭାପତିଙ୍କ ସମେତ ଅନ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଆସେକା କର୍ମକର୍ତ୍ତା

# ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା

ରାଇରଙ୍ଗପୁର, ୧୬।୧୨(ସମିସ): ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ (ଆସେକା)ର ୫ଟି ରାଜ୍ୟର ମୁଖ୍ୟ କାର୍ଯ୍ୟାଳୟ କର୍ମକର୍ତ୍ତା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶା ମୁଖ୍ୟ କାର୍ଯ୍ୟାଳୟ କାର୍ଯ୍ୟକର୍ତ୍ତାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଆସାମ ଓ ଝାଡ଼ଖଣ୍ଡ ଆସେକାର ମୁଖ୍ୟ କାର୍ଯ୍ୟକର୍ତ୍ତା ନୂଆଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ଆଦିବାସୀଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବାବଦରେ ଆଲୋଚନା କରିଛନ୍ତି। ସାମାଜିକ, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ କିପରି ଉନ୍ନତି ଓ ବିକାଶ ସାଧିତ ହୋଇପାରିବ, ସେ ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଦିବାସୀଙ୍କ ସମସ୍ୟା ସମାଧାନ ଦିଗରେ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି।



ଆଲୋଚନା ସମୟରେ ସଭାପତି ମନୋରଞ୍ଜନ ମୁର୍ମୁ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଥ ହାଁସଦା, ସାମାଜିକ ଅଧ୍ୟକ୍ଷ ସୂର୍ଯ୍ୟ ହେମ୍ବ୍ରମ, ସାଂସ୍କୃତିକ ଅଧ୍ୟକ୍ଷ ରବୀନ୍ଦ୍ର ହେମ୍ବ୍ରମ, ସାଂସ୍କୃତିକ ସମ୍ପାଦକ ଶଙ୍ଖ ହେମ୍ବ୍ରମ, ଆଜୀବନ ସଭ୍ୟ ରାମଚନ୍ଦ୍ର ହେମ୍ବ୍ରମ, ଆଜୀବନ ସଭ୍ୟ ତଥା ପୂର୍ବତନ ଶିକ୍ଷା ସମ୍ପାଦକ ନିମାଇଁ ହାଁସଦା, ଆଜୀବନ ସଭ୍ୟ ତଥା ଡାଳିମା ପୀଢ ପାର୍ଗାନା ଲକ୍ଷ୍ମଣ ମାଣ୍ଡି, ତିରିଂ ପୀଢ଼ ପାର୍ଗାନା ଛୋଟରାୟ ହେମ୍ବ୍ରମ, ଝାଡ଼ଖଣ୍ଡ ରାଜ୍ୟ ଆସେକ ସଭାପତି ସୁବାସ ଚନ୍ଦ୍ର ମାର୍ଣ୍ଡି, ଆସେକା କୃଷି ଓ କ୍ରୀଡ଼ା ସମ୍ପାଦକ କାହ୍ନାଇ ଲାଲ ହେମ୍ବ୍ରମ, ପଶ୍ଚିମବଙ୍ଗ ରାଜ୍ୟ ଆସେକା ସାଧାରଣ ସମ୍ପାଦକ ଡା ସୁବୋଧ ହାଁସଦା, ସମ୍ପାଦକ ସୁଶାନ୍ତ ହାଁସଦା, ବିହାର ରାଜ୍ୟ ଆସେକା ସାଧାରଣ ସମ୍ପାଦକ ରାଜେଶ କୁମାର, ସମ୍ପାଦକ ରାଜ ମାଣ୍ଡି, ଆସାମ ରାଜ୍ୟ କାର୍ଯ୍ୟକାରୀ ସଭାପତି ଗଣେଶ ମୁର୍ମୁ, ଉପସଭାପତି ଡମ୍ବରୁଧର ସୋରେନ, ଡାନିଏଲ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ଭତ୍ତା ବାଣ୍ଟୁଛନ୍ତି ପିଇଓଙ୍କ ପୁଅ





ତୁରୁମୁଙ୍ଗା, ୧୬।୧୨(ସମିସ):

କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତରେ ବ୍ୟାପକ ଅନିୟମିତତା ସହ ଅବ୍ୟବସ୍ଥା ଦେଖାଦେଇଛି। ପଞ୍ଚାୟତର ପିଇଓ ଗଣେଶ୍ୱର ପ୍ରଧାନ ଏବଂ ଏଡିଓ ଗଗନ ପଲେଇ ଠିକ୍ ସମୟରେ ଆସୁନଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ସରକାରୀ ଅର୍ଥ ପିଇଓଙ୍କ ପୁଅ ହାତରେ ରହୁଛି। ମଙ୍ଗଳବାର ପ୍ରଧାନଙ୍କ ବଦଳରେ ତାଙ୍କ ପୁଅ ପଞ୍ଚାୟତ କାର୍ଯ୍ୟାଳୟରେ ବାପାଙ୍କ ଚେୟାର ବସି

## ଜଜପଶି ପଞ୍ଚାୟତରେ ଅବ୍ୟବସ୍ଥା

ବାର୍ଦ୍ଧକ୍ୟ, ବିଧବା ଭିନ୍ନକ୍ଷମଙ୍କ ଭତ୍ତା ବଣ୍ଟନ କରାଯାଉଥିବା ବେଳେ ଏନେଇ ଉତ୍ତେଜନା ଦେଖାଦେଇଥିଲା। ପିଇଓ ଗଣେଶ୍ୱର ଲୋକଙ୍କୁ ଭତ୍ତା ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଲୋକଙ୍କ ସହ ବୃଦ୍ଧବୃଦ୍ଧା ବିରୋଧ କରିବାରୁ ଭତ୍ତା ବାଣ୍ଟୁଥିବା ପିଇଓଙ୍କ ପୁଅ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ମୁଁ ଭତ୍ତା ବାଣ୍ଟିବାକୁ କାହିଁକି ବିରୋଧ କରୁଛ କହି ବୃଦ୍ଧବୃଦ୍ଧାଙ୍କୁ ଘଣ୍ଟା ଘଣ୍ଟା ଭତ୍ତା ନଦେଇ ବସାଇ ଦେଇଥିଲେ। ପିଇଓଙ୍କ ପୁଅ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବାଣ୍ଟୁଥିବା ଫଟୋ-ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ ଚମ୍ପୁଆ ବିଡ଼ିଓ ସ୍ମୃତିରଞ୍ଜନ ସାହୁ କହିଛନ୍ତି, ସରକାରୀ ଟଙ୍କା ସରକାରୀ କର୍ମଚାରୀ ବଣ୍ଟନ କରିବା ନିୟମ ରହିଥିବା ବେଳେ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ପିଇଓ ଗଣେଶ୍ୱର ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ, ପିଇଓ ଗଣେଶ୍ୱର ପ୍ରଧାନ ଏବଂ ଏଡିଓ ଗଗନ ପଲେଇଙ୍କୁ ଅନ୍ୟତ୍ର ବଦଳି ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ଶୀତରେ ବାସହରା ହେଉଛନ୍ତି ଗରିବ ଅଧିବାସୀ

# ଗୋଠଛଡ଼ା ହାତୀର ଉତ୍ପାତ; ଭାଙ୍ଗିଲା ୨ ଘର

ବାଲିବନ୍ଧ, ୧୬।୧୨ (ସମିସ): ଚମ୍ପୁଆ ରେଞ୍ଜ ବାଲବନ୍ଧ ଫରେଷ୍ଟ ସେକ୍ସନ ଅଧୀନ ଅର୍ଶଳା ଗ୍ରାମର ଶେରେଙ୍ଗ ସାହି ଏବଂ ଚକଲା ସାହିରେ ଗୋଟିକିଆ ହାତୀ ପଶି ଦୁଇଟି ଘର ଭାଙ୍ଗିବା ସହ ଧାନ, କନ୍ତା ମାଝୀଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଯାଇଥିଲା। ଲୋକମାନେ ପୁଣି ପାଟିତୁଣ୍ଡ କରିବାରୁ ହାତୀ ବଳରାମପୁର ଜଙ୍ଗଲ ଅଭିମୁଖେ ଚାଲିଯାଇଛି। ପ୍ରକାଶ ଥାଉ କି, ଗ୍ରାମାଞ୍ଚଳରେ ବର୍ତ୍ତମାନ ପ୍ରବଳ

## ଖାଇଗଲା ଧାନ-ଚାଉଳ

ଚାଉଳ ଖାଇଦେଇଛି। ଶେରେଙ୍ଗ ସାହିର ପାରଦାନ ମୁଣ୍ଡା ଏବଂ ଚକଲାସାହିର କନ୍ତା ମାଝୀଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବା ସହ ଧାନ, ଚାଉଳ ଖାଇଯାଇଛି। ସୋମବାର ବିଳମ୍ବିତ ରାତିରେ ସଦର ରେଞ୍ଜ ଶୁଣ୍ଠିଆପଶି ଜଙ୍ଗଲରୁ ବାଲିବନ୍ଧ ଫରେଷ୍ଟ ସେକ୍ସନ ଦୁର୍ଗାପୁର ଜଙ୍ଗଲରେ ପହଞ୍ଚିଥିଲା। ସେଠାରୁ ଅର୍ଶଳା ଶେରେଙ୍ଗସାହିରେ ପଶି ପାରଦାନ ମୁଣ୍ଡାଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଯାଇଥିଲା। ଲୋକେ ପାଟିତୁଣ୍ଡ କରିବାରୁ ମାଟିଆଳସାହି ଜଙ୍ଗଲକୁ ଚାଲିଯାଇଥିଲା। ପରେ ପରେ ଅର୍ଶଳା ଚକଲାସାହି ଭିତରକୁ ପଶିଯାଇ ଶୀତର ଲହରି ଚାଲିଥିବାରୁ ଲୋକେ ଆଉଟପାଉଟ ହେଉଛନ୍ତି। ଏହି ସ୍ଥିତିରେ ହାତୀ ଉପଦ୍ରବ ଲାଗି ରହିଛି। ଲୋକଙ୍କ ଘରଦ୍ୱାର ଭାଙ୍ଗିଯିବା ସହ ହାତୀଙ୍କ ଯୋଗୁଁ ଖାଦ୍ୟ ସାମଗ୍ରୀ ନଷ୍ଟ ହେଉଛି। ବିଭିନ୍ନ ଗାଁରେ ଗରିବ ଶ୍ରେଣୀ ଲୋକମାନେ ପ୍ରବଳ ଥଣ୍ଡା ପରିପ୍ରେକ୍ଷୀରେ କୁଆଡ଼େ ମୁଣ୍ଡ ଗୁଞ୍ଜିବେ ତାହା ଚିନ୍ତାର ବିଷୟ ହୋଇଛି। ପ୍ରଶାସନ ଏ ଦିଗରେ ମିଳିତ ଭାବେ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର ଜେନାଙ୍କୁ ପଚରାଯିବାରୁ କହିଛନ୍ତି ଯେ ବଳରାମପୁର ଜଙ୍ଗଲରେ ଉକ୍ତ ହାତୀଟି ହାତୀପଲ ସହ



ମିଶିଯାଇଛି। ଅନ୍ୟପକ୍ଷରେ, କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି। ତେବେ, ତୁରନ୍ତ ହାତୀପଲକୁ ଅଞ୍ଚଳରୁ ଘଉଡ଼ାଇବା ପାଇଁ ଠୋସ୍ ପଦକ୍ଷେପ ପାଇଁ ଗ୍ରାମବାସୀ ଦାବି କରିବା ସହ ହାତୀ ଦାଉରୁ ରକ୍ଷା ପାଇଁ ସ୍ଥାୟୀ ସୁରକ୍ଷା ଦାବି କରିଛନ୍ତି।

# ଝୁମ୍ପୁରାରେ ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ବାଲିବନ୍ଧ,୧୬।୧୨(ସମିସ): ଝୁମ୍ପୁରା ବ୍ଲକ ପରିସରରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ କୁଶଳକର ନିତିନ, ଅତିରିକ୍ତ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଶୁଭଦର୍ଶୀ ଜୋଷୀ, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିନୋଦ ବିହାରୀ ମିଶ୍ର, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବିଡିଓ ହୃଦାନନ୍ଦ ଅଡା ପ୍ରମୁଖ ୨୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୦୧ଟି ଅଭିଯୋଗର ଶୁଣାଣି କରିଥିଲେ। ଝୁମ୍ପୁରା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତରଫରୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମହାଯାତ୍ରା ଯାନ ଯୋଗାଇ ଦେବା ସହ ଝୁମ୍ପୁରା ବସଷ୍ଟାଣ୍ଡ ପାଖରେ ଝୁଲି ପଡ଼ିଥିବା ବିଦ୍ୟୁତ୍ ତାରକୁ ଉଚ୍ଚା କରିବା ପାଇଁ ଦାବି କରିଛନ୍ତି। ସେହିପରି ଖେଣ୍ଡେରା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ତାଙ୍କ ଗ୍ରାମରେ ଲାଗି ରହିଥିବା ପିଇବା ପାଣି ସମସ୍ୟା ରହିଛି। ସେହିପରି ଅର୍ଶଳା ଖଣ୍ଡୁଆଳ ସାହିକୁ ପିଇବା ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ପୂର୍ବତନ ସରପଞ୍ଚ ପ୍ରଶ୍ନ ନାଏକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଖେଣ୍ଡେରାଠାରୁ ନହବେଡ଼ା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି ଯାହା ଫଳରେ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତ କରିପାରୁ ନାହାନ୍ତି ବୋଲି ପିଲାଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅର୍ଶଳା ସ୍କୁଲରେ ଗୋଟାଏ ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ନିଯୁକ୍ତି କରାଯାଉଥିବାରୁ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଛାତ୍ରଛାତ୍ରୀଙ୍କ ଅଭିଭାବିକାମାନେ ଅଭିଯୋଗ କରିଛନ୍ତି। ଭତ୍ତା, ରାସନ କାର୍ଡ, ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ, ଆବାସ ଯୋଜନା, ସମ୍ପର୍କରେ ଅଭିଯୋଗ ହୋଇଥିଲା ବେଳେ ୬ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ଖଣିଜ ପାଣ୍ଠି ଅର୍ଥରୁ ବ୍ୟାଟେରୀ ଚାଳିତ ସାଇକଲ ଯୋଗାଇ ଦିଆଯାଇଛି। ଅଭିଯୋଗ ଶୁଣାଣିରେ ଜିଲ୍ଲା ତଥା ଉପଖଣ୍ଡର ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୧୬।୧୨(ସମିସ): ଦୁର୍ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସିଲାନି। ଦୁର୍ଘଟଣାରେ ଆହତ ପଦନପୁର ଗ୍ରାମର ସୁବ୍ରତ କୁମାର ସା ଆନନ୍ଦପୁର ଡାକ୍ତରଖାନାରେ ଠିକଣା ସମୟରେ ପହଞ୍ଚି ନପାରିବାରୁ ଚାଲିଗଲା ଜୀବନ। ଏହାକୁ କେନ୍ଦ୍ରକରି ଡାକ୍ତରଖାନା ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆମ୍ବୁଲାନ୍ସ ନଆସିବାରୁ ସୁବ୍ରତଙ୍କ ମୃତ୍ୟୁ ହୋଇଛି ବୋଲି ବୋଲି ଗୁରୁତର ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ପଦନପୁର ଗ୍ରାମରେ ଏଭଳି ଦୁର୍ଘଟଣା ନେଇ ସ୍ଥାନୀୟ ବାସିନ୍ଦା ଓ ସମ୍ପର୍କୀୟ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସି ନଥିଲା।

# ହତ୍ୟା ଅଭିଯୋଗରେ ଟ୍ରାକ୍ଟର ଚାଳକ ଗିରଫ

କେନ୍ଦୁଝର, ୧୬।୧୨(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନେଲୁଙ୍ଗ-ଶଙ୍କରପୁର ରାସ୍ତାରେ ପୁଲିସ ଜବତ କରିଥିବା ମୃତଦେହ ଘଟଣାରେ ଏକ ଭିନ୍ନମୋଡ଼ ନେଇଛି। ଟ୍ରାକ୍ଟର ଗାଡ଼ିରୁ ପଡ଼ି ଆହତ ଶ୍ରମିକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ପରିବର୍ତ୍ତେ ରାସ୍ତାକଡ଼ରେ ଫିଙ୍ଗି ଦେଇଥିବା ନେଇ ପୁଲିସ ଜାଣିବା ପରେ ଅଭିଯୁକ୍ତ ଡ୍ରାଇଭର ପାପୁନ ମୁଣ୍ଡା(୨୫)କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ଓଡି୦୯-ଏଇ-୨୭୮୩ ନମ୍ବର ବିଶିଷ୍ଟ ଟ୍ରାକ୍ଟରକୁ ନେଇ ପାପୁନ ମୁଣ୍ଡା କେନ୍ଦୁଝର ସହର ଜାମୁହତା ନିକଟରେ ଇଟା ଫାକ୍ଟ୍ରି ଆସୁଥିଲା। ବେଲଦା କଲେଜ ନିକଟରେ ସକାଳ ୮ଟା ୩୦ ସମୟରେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଟ୍ରାକ୍ଟର ଡାଲାରେ ବସିଥିବା ହେଲପର ମନୋଜ ନାଏକ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଟ୍ରାକ୍ଟର ଚାଳକ ଗାଡ଼ି ଡାଲାରେ ପକାଇ କେନ୍ଦୁଝର ଆଣିଥିଲା। ତେବେ ମେଡିକାଲ ନେବା ପରିବର୍ତ୍ତେ ତାଙ୍କୁ ଜାମୁହତା ନିକଟ ଭିଜିଲାନ୍ସ କ୍ୱାର୍ଟର ନିକଟରେ ରାସ୍ତାକଡ଼ରେ ପକାଇ ଇଟା ଦେବାକୁ ପଳାଇଥିଲେ। ସେଠାରୁ କିଛି ସମୟ ପରେ ଫେରିବା ପରେ ମନୋଜଙ୍କ ଚେତା ଫେରି ନଥିବା ଦେଖି ସେଠାରୁ ପୁଣି ଗାଡ଼ିରେ ଲୋଡ କରି ଶଙ୍କରପୁର-ନେଲୁଙ୍ଗ ଯିବା ରାସ୍ତାରେ ଏକ ପୋଲ ନିକଟରେ ପକାଇ ଦେଇ ପଳାଇଥିଲା। ପରେ ସ୍ଥାନୀୟ ଲୋକ ପୁଲିସକୁ ଜଣାଇଥିଲେ। ମଙ୍ଗଳବାର ଘଟଣାର ଅଧିକ ତଦନ୍ତ କରିବା ସମୟରେ ପୁଲିସ ଟ୍ରାକ୍ଟରକୁ ଠାବ କରି ଡ୍ରାଇଭରକୁ କୋର୍ଟ ଚାଲାଣ କରିଛି। ଗାଡ଼ିକୁ ଜବତ କରିଥିବାବେଳେ ଅଧିକ ତଦନ୍ତ ଚାଲିଛି ବୋଲି ସଦର ଥାନାଧିକାରୀ ଅମିତ ଭୂୟାଁ ପ୍ରକାଶ କରିଛନ୍ତି। ଯାଞ୍ଚ ବେଳେ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନଥିବା ଜଣାପଡ଼ିଛି।

# ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନ୍‌ର ସଫେଇ କାର୍ଯ୍ୟକ୍ରମ




କେନ୍ଦୁଝର,୧୬।୧୨(ସମିସ):

ବାଂଶପାଳ ବ୍ଲକ୍ ଅନ୍ତର୍ଗତ ପଦାକସଡ଼ାରେ ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନ ତରଫରୁ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଦାକସଡ଼ା ଗ୍ରାମରେ ସମସ୍ତ ଗ୍ରାମବାସୀ ଓ ଯୁବକଯୁବତୀଙ୍କୁ ନେଇ ଗ୍ରାମର ସମସ୍ତ ନଳକୂଅ, ଡ୍ରେନ୍, ଟ୍ୟାପ୍, ଗାଁ ମଣ୍ଡପର ଚତୁଃପାର୍ଶ୍ୱ ପରିମଳ ସଫା କରାଯାଇଥିଲା। ଏଥିରେ ଆଶା, ଅଙ୍ଗନବାଡ଼ି କର୍ମୀ, ୱାର୍ଡମେମ୍ବର ସହଯୋଗ କରିଥିଲେ। ଅଙ୍ଗନବାଡ଼ି କର୍ମୀ ଆମ ଚତୁଃପାର୍ଶ୍ୱ ପରିବେଶ କିପରି ସଫା ରଖିବା ଓ ନଳକୂଅ ପାଖରେ ବାସନ ନ ଧୋଇ ତାକୁ ଯଦି ଆମେ ନିଜ ବାଡ଼ିରେ ଧୋଇଲେ, ନଳକୂଅ ଚତୁଃପାର୍ଶ୍ୱ ସଫା ରହିବା ସହ ସେହି ପାଣିରେ ଆମେ କିଛି ପନିପରିବା ମଧ ଲଗେଇ ପାରିବା ଏହାଦ୍ୱାରା ତଟକା ପନିପରିବା ମିଳିପାରିବ, ଯଦ୍ୱାରା ମାଆମାନଙ୍କ ଭିତରେ ଦେଖାଯାଉଥିବା ରକ୍ତହୀନତା ରୋଗରୁ ବଞ୍ଚିତ ହେବେ। ଏହାଦ୍ୱାରା ଆମେ ସୁସ୍ଥ ରହିବା ସହିତ ସୁସ୍ଥ ସମାଜ ମଧ ଗଢ଼ି ପାରିବା ବୋଲି ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ସମାଜସେବୀ ବୁଧରାମ ମୁଣ୍ଡା, ଚିରଞ୍ଜିତ୍ ପାତ୍ର, ନିର୍ମଳ ଦେହୁରୀ, ନିତ୍ୟାନନ୍ଦ ଗିରି, କଇଁଫୁଲ ସାଉନ୍ତ, ଆଶାରାଣୀ ସାହୁ, ପଙ୍କଜିନୀ ଦେହୁରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନର ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର ଅକ୍ଷୟ କୁମାର ମୁଗ୍ରୀଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ଏପରି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

# ପରୀକ୍ଷା ଫଳକୁ ନେଇ ଅସନ୍ତୋଷ

ଚମ୍ପୁଆ, ୧୬।୧୨(ସମିସ): ନୈରାଶ୍ୟଜନକ ପରୀକ୍ଷା ଫଳକୁ ନେଇ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଯୁକ୍ତ ୩ ବର୍ଷର ଛାତ୍ରଛାତ୍ରୀ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେମାନେ ଏକ ଘଣ୍ଟା ଧରି ରାଜରାସ୍ତା ଉପରେ ଧାରଣା ଦେଇଥିଲେ। ଡିଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପ୍ରଥମ ସେମିଷ୍ଟାର ପରୀକ୍ଷା ଫଳ ନୈରାଶ୍ୟଜନକ

## ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ରାସ୍ତା ଅବରୋଧ



ହୋଇଥିବା ବେଳେ ପ୍ରାୟ ୮୦ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ବିଫଳ ହୋଇଛନ୍ତି। ଫଳରେ ସଠିକ ମୂଲ୍ୟାଙ୍କନ ଦାବିକରି ଛାତ୍ରଛାତ୍ରୀମାନେ ଏହି ଧାରଣାରେ ସାମିଲ ହୋଇଥିଲେ। ଉଭୟ ପଟୁ ଯାନବାହନ ଚଳାଚଳ ଠପ ହୋଇଯାଇଥିଲା। ଛାତ୍ରଛାତ୍ରୀମାନେ ନୂତନ ଶିକ୍ଷାନୀତିକୁ ଦାୟୀ କରିବା ସହିତ ରାସ୍ତା ଉପରେ ବସି ରହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ ବି ଛାତ୍ରଛାତ୍ରୀମାନେ ନିଜ ଜିଦରେ ଅଟଳ ରହିଥିଲେ। ପରେ ପୁଲିସ ପ୍ରଶାସନ, ଚମ୍ପୁଆ ତହସିଲଦାର ସଜତ ମାର୍କେ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ଅଧ୍ୟାପକ ଓ ଅଧ୍ୟକ୍ଷ ବୁଝାସୁଝା କରିବା ପରେ ଛାତ୍ରଛାତ୍ରୀମାନେ ଧାରଣାରୁ ଉଠିଥିଲେ। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କର କହିଛନ୍ତି ଯେ ନୈରାଶ୍ୟଜନକ ପରୀକ୍ଷା ଫଳକୁ ନେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୁନଃ ମୂଲ୍ୟାୟନ ପାଇଁ ଦାବି କରାଯାଉଥିବା ବେଳେ ଅଧ୍ୟକ୍ଷଙ୍କ ପ୍ରତିନିଧିତ୍ୱରେ ଏକ କମିଟି ଡିଡି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟିବ।

# ଖଣି ଅଞ୍ଚଳରେ ଥମୁନି ଚୋରି; ଅତିରିକ୍ତ ଫୋର୍ସ ଲୋଡ଼ିଲେ ଡିଡିଏମ୍

ଯୋଡ଼ା,୧୬।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଙ୍ଗ ନିକଟରେ ପଡିଥିବା ଏକ ଲୁହାପଥର ଗୁଣ୍ଡ ଗଦାରୁ ଖଣିଜ ଚୋରି କାରବାର ପୁଣି ଆରମ୍ଭ ହୋଇଯାଇଛି। ସୋମବାର ବିଳମ୍ବିତ ରାତିରେ ମେସିନ ସାହାଯ୍ୟରେ ୩ଟି ଗାଡ଼ିରେ ଏହି ପରିତ୍ୟକ୍ତ ଗଦାରୁ ଲୁହାପଥର ଚୋରାରେ ପରିବହନ କରି ନିଆଯାଇଛି। ଏକ ସପ୍ତାହ ପୂର୍ବରୁ ବାମେବାରି ଥାନାଧିକାରୀ ଯଶକେତନ ଭୋଇ ପିଡ଼ପୋଖରୀ ଅଞ୍ଚଳରୁ ଲୁହାପଥର ଚୋରା ଚାଲାଣ ବେଳେ ଚଢ଼ଉ କରି ଏକାଧିକ ଟ୍ରକ୍ ଓ ଗୋଟିଏ ମେସିନ ଜବତ କରିଥିଲେ। ମଙ୍ଗଳବାର ସକାଳୁ ସଂପୃକ୍ତ ନୟାଗଡ଼ ଅଞ୍ଚଳରେ ପଡ଼ି ରହିଥିବା ପରିତ୍ୟକ୍ତ ଖଣିଜ ଗଦାରୁ ଖଣିଜ ଚୋରି ହୋଇଛି। ଏ ସଂକ୍ରାନ୍ତରେ ଯୋଡା ଖଣି ଉପନିର୍ଦ୍ଦେଶକ ବିଶ୍ୱରଂଜନ ସେଠୀ କହିଛନ୍ତି ଯେ ବାମେବାରି ଥାନାରେ ଏନେଇ ଲିଖିତ ଅଭିଯୋଗ କରାଯିବ। ଖଣି ଅଞ୍ଚଳରେ ଖଣିଜ ଚୋରିକୁ ରୋକିବା ପାଇଁ ସେ ଖଣି ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି। ଅତିରିକ୍ତ ଫୋର୍ସ ପାଇଁ ସେ ସହଯୋଗ ଲୋଡ଼ିଛନ୍ତି। ମାସରେ ୧୫ ଦିନ ଫୋର୍ସ ଦ୍ୱାରା ସ୍ୱତନ୍ତ୍ର ପାଟ୍ରୋଲିଙ୍ଗ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ହାଟଡ଼ିହୀ,୧୬।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ସୋମବାର ୧୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଥିଲା ବେଳେ ଆଜି ଏହାର ଉଦଯାପନୀ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଉଦୟନାଥ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥ୍ୟ ଭାବେ ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ପଳତା, ଗୋପବନ୍ଧୁ ସୁଆର, ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ପ୍ରମୁଖ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ପାର୍ଥସାରଥୀ ଜେନା ଖେଳ ପରିଚାଳନା କରିଥିବା ବେଳେ ଏଥିରେ ବିଦ୍ୟାଳୟର କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ପିଲାମାନେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ କ୍ରୀଡ଼ା ପତାକା ଅବତରଣ କରି ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁଙ୍କୁ ହସ୍ତାନ୍ତର କରାଯାଇଥିଲା। ଉଦଯାପନୀ ଅବସରରେ ବିଦ୍ୟାଳୟର ସଭାପତି ଉଦୟନାଥ କରଙ୍କ ଜନ୍ମଦିନରେ କେକ୍ କାଟିବା ସହ ବିଦ୍ୟାଳୟର ଅଧ୍ୟୟନରତ ପଞ୍ଚମ ଶ୍ରେଣୀ ଛାତ୍ର ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ଜନ୍ମଦିନ ସମସ୍ତଙ୍କ ଗହଣରେ ପାଳନ କରାଯାଇଥିଲା। ଶିକ୍ଷୟିତ୍ରୀ ତନୁଶ୍ରୀ ତନୟା ପହି, ଶୁଭଶ୍ରୀ ପଣ୍ଡା, ଉର୍ମି ମହାନ୍ତି, ବିଷ୍ଣୁପ୍ରିୟା ଦାସ, ଭାଗ୍ୟଶ୍ରୀ ସାହୁ, ପ୍ରୀତିନନ୍ଦ ମଲ୍ଲିକ, ବିଶ୍ୱ ଭାରତୀ ମିଶ୍ର, ଚିନ୍ମୟୀ ସାହୁ, ସସ୍ମିତା କର, ତନୁଶ୍ରୀ ଓଝା, ମୋନାଲିସା ବାରିକ, ଏସ.ବି.ସାଇମଗ୍ନା ସାଇକ୍ରିଷ୍ଣା ଯେନା, ଇପ୍ସିତା ମିଶ୍ରଙ୍କ ସହ ଶିକ୍ଷକ ଦେବେନ୍ଦ୍ରନାଥ ପାଢ଼ୀ, ଦୟାନିଧି ଚିନରା, ପ୍ରଶାନ୍ତ ଦାସ, ହିମାଂଶୁ ରଞ୍ଜନ ବାରିକ, ବିଜୟ କୁମାର ପହି, ଦେବାଶିଷ ରାଉତ, ସଂଗ୍ରାମ କେଶରୀ ପଟ୍ଟନାୟକ, ସୁଦୀପ୍ତ ଦାସ, ବ୍ରହ୍ମାନନ୍ଦ ମଲ୍ଲିକ ସହଯୋଗ କରିଥିଲେ।

# କେନାଲ କାର୍ଯ୍ୟକୁ ବିରୋଧ; କ୍ଷତିପୂରଣ ଦାବି



ଚମ୍ପୁଆ, ୧୬।୧୨(ସମିସ): କାନପୁର ନଦୀବନ୍ଧରୁ କେନାଲ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଇବା ନମନ୍ତେ କେନାଲ ଡିଭିଜନ ପକ୍ଷରୁ କାର୍ଯ୍ୟ ଚାଲୁ ରହିଥିବା ବେଳେ ଚମ୍ପୁଆ ବ୍ଲକ ଇନ୍ଦ୍ରପ୍ରସ୍ଥଠାରେ ବନସୁରକ୍ଷା ସମିତି ସମିତି ସହ ଆଲୋଚନା ନକରି ଏହା ଚାଲିଥିବାରୁ ଗଛ କଟାକୁ ବିରୋଧ କରାଯାଇଛି। ଏଥିରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଦୀର୍ଘଦିନ ଧରି କେନାଲ କାମକୁ ବନ୍ଦ କରି ଆସୁଥିଲେ। ଗ୍ରାମବାସୀଙ୍କ କହିବାନୁସାରେ, ଆଇମା ଅମଳରୁ ଠେଙ୍ଗା ପାଳିଆ ଓ ନିଜସ୍ୱ ଦରମାରେ ଜଙ୍ଗଲ ଜଗୁଆଳି ରଖି ଜଙ୍ଗଲର ସୁରକ୍ଷା ଦେଇଆସୁଥିଲା ବେଳେ ଓଏଫଡିସି ପକ୍ଷରୁ କୌଣସି ସୂଚନା ନଦେଇ କେନାଲ

## ବନସୁରକ୍ଷା ସମିତି ସହ ପ୍ରଶାସନର ଆଲୋଚନା

ଡିଭିଜନର ପ୍ରରୋଚନାରେ ହାରାହାରି ୫୦୦ରୁ ଅଧିକ ଗଛ କାଟିଦେଇଥିଲେ। ଫଳରେ ଜଙ୍ଗଲକୁ ସୁରକ୍ଷା ଦେଇଆସୁଥିବା ଇନ୍ଦ୍ରପ୍ରସ୍ଥ ମାହାନ୍ତ ସାହୀ ଜଙ୍ଗଲ ସୁରକ୍ଷା ସମିତି କ୍ଷତିପୁରଣ ଦାବି କରିବା ସହିତ କେନାଲ କାର୍ଯ୍ୟକୁ ବିରୋଧ କରୁଥିଲେ ବୋଲି ସୁରକ୍ଷା ସମିତି ସଭାପତି ଶରତ ମହାନ୍ତ ସୂଚନା ଦେଇଛନ୍ତି। ଗତ ସୋମବାର ଅପରାହ୍ନରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଗ୍ରାମବାସୀ ଓ ବନସୁରକ୍ଷା କମିଟି ସହ ଏନେଇ ଆଲୋଚନା କରିଥିବା ବେଳେ ଖୁବଶୀଘ୍ର ତଥା ଏକ ମାସ ମଧ୍ୟରେ କ୍ଷତିପୂରଣ ବାବଦକୁ ୪ଲକ୍ଷ ୧୧ହଜାର ଟଙ୍କା ଏକାଉଣ୍ଟକୁ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ପରେ କେନାଲ କାର୍ଯ୍ୟ ଆରମ୍ଭ କରିବାକୁ ବନସୁରକ୍ଷା ସମିତି ରାଜି ହୋଇଥିବା ଜଣାଯାଇଛି। ଏହି ଆଲୋଚନାରେ ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ତହସିଲଦାର ସଜତ ମାର୍କେ, ଓଏଫଡିସିର ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହାଉସିଂବୋର୍ଡ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର; ତଦନ୍ତ ଦାବି



ତେଲକୋଇ, ୧୬।୧୨(ସମିସ): ପୁଲିସ ହାଉସିଂବୋର୍ଡ କାର୍ଯ୍ୟରେ ଠିକାଦାର ମାଲାମାଲ। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ। ସୂଚନା ଅନୁଯାୟୀ, ତେଲକୋଇ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ପୁଲିସ ହାଉସିଂବୋର୍ଡ ବିଭାଗ ପକ୍ଷରୁ ବ୍ୟୟ ଅଟକଳ କରାଯାଇ ଗୃହ ନିର୍ମାଣ କରାଯାଉଛି। ତେବେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିବାବେଳେ ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଉଚ୍ଚ ମାନର ସିମେଣ୍ଟ ବ୍ୟବହାର କରା ନଯାଇ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି। ତା'ସହ ଭଲ ବାଲି ମଧ ବ୍ୟବହାର ନ କରି ମାଟିବାଲି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ, କାର୍ଯ୍ୟରେ ଲଗାଯାଉଥିବା ଲୁହା ରଡଗୁଡ଼ିକ ମଧ ଭଲ କମ୍ପାନୀର ହୋଇ ନଥିବା ବେଳେ ୧୨ ଏମ୍‌ଏମ୍‌ର ରଡ୍ ଦେଇ କଲମ ଛିଡ଼ା କରାଯାଉଛି। ଯାହାକୁ ନେଇ ଗୃହ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ଆଶଙ୍କା ଦେଖାଦେଇଛି। ସମସ୍ତ ସରକାରୀ କନଷ୍ଟ୍ରକସନ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ କାର୍ଯ୍ୟସ୍ଥଳରେ ସୂଚନାଫଳକ ଲଗାଯିବା ପାଇଁ ନିୟମ ରହିଥିବା ବେଳେ ଏଠାରେ ତାର ଉଲ୍ଲଂଘନ କରାଯାଉଛି। ସୂଚନା ଫଳକ ଲେଖାଯାଇନାହିଁ। ଲୋକେ ଜାଣି ପାରୁନାହାନ୍ତି କେତେ ଟଙ୍କାର କାର୍ଯ୍ୟ ଠିକାଦାରଙ୍କୁ ଦିଆଯାଇଛି। ଅନ୍ୟପକ୍ଷରେ ପୁଲିସ ହାଉସିଂବୋର୍ଡର କୌଣସି ଯନ୍ତ୍ରୀ କିମ୍ବା କର୍ମଚାରୀ କାର୍ଯ୍ୟ ତଦାରଖ ପାଇଁ ଆସୁନଥିବା ଦେଖିବାକୁ ମିଳିଛି। ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରି ଚାଲିଥିବା ଅଭିଯୋଗ ହୋଇଛି। ଯାହାଫଳରେ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ଠିକାଦାର ଓ ପୁଲିସ ହାଉସିଂବୋର୍ଡର କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାର୍ଯ୍ୟ ନିମ୍ନମାନର ହେବାସହ ସରକାରୀଅର୍ଥ ପାଣିରେ ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ ଦେବାପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାର ଆବଶ୍ୟକ ରହିଛି ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ପଞ୍ଚୁପଲ୍ଲୀ ଓ ଶୈଳଙ୍ଗ ଶୀତବସ୍ତ୍ର ସହାୟତା

ଆନନ୍ଦପୁର, ୧୬।୧୨ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତ ଓ ପୌରାଞ୍ଚଳର ଶୈଳଙ୍ଗରେ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରାଯାଇଛି। ଯୁବ ବିଜେପି ନେତା ତଥା ଆଦର୍ଶ ସେବା ସଂଘ ସଭାପତି ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଆଜି ପଞ୍ଚୁପଲ୍ଲୀରେ ୭୦ ଜଣ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧବୃଦ୍ଧା ଏବଂ ଶୈଳଙ୍ଗରେ ୮୭ ଜଣଙ୍କୁ ଏହି ସହଯୋଗ କରାଯାଇଛି।



ଶୈଳଙ୍ଗଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ସତ୍ୟନାରାୟଣ ସାହୁ, ରଞ୍ଜନ ପୁହାଣ, ଯଜ୍ଞଦତ୍ତ ପଣ୍ଡା, ଜଗନ୍ନାଥ ଦାସ, ପ୍ରଦୀପ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚୁପଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବିଜେପି ନେତା ହିମାଂଶୁ ଶେଖର ଜେନା, ରବୀନ୍ଦ୍ର ରାଉତ, ପାକୁ ଜେନା, କେଶବ ଦେହୁରୀ, ଅନାଦି ଖଟୁଆ, ଶ୍ୟାମସୁନ୍ଦର ମହାନ୍ତି, ରୋଗା ସାମଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯଜ୍ଞପ୍ରସାଦ ସାହୁଙ୍କ ଏଭଳି ସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ୩ ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ

**ଗହଣା ଦୋକାନୀ ଘରେ ସଶସ୍ତ୍ର ଡକାୟତି**

ଘଟଗାଁ, ୧୬।୧୨ (ସମିସ): କେନ୍ଦୁଝର ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡ଼ା ଥାନାଠାରୁ ଅଳ୍ପ ଦୂରରେ ଥିବା ସଞ୍ଜୟ ଜ୍ୱେଲେରୀ ମାଲିକ ଘରେ ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ତିନି ଜଣ ମୁହଁରେ ମୁଖା ପିନ୍ଧି ବନ୍ଧୁକ ଓ ଭୁଜାଲି ମାଡ଼ କରି ମାତ୍ର ୧୫ ମିନିଟ ମଧ୍ୟରେ ଲୁଟ୍ କରି ପଳାଇଛନ୍ତି। ଉକ୍ତ ଗହଣା ଦୋକାନର ମାଲିକ ସଞ୍ଜୟ ରଣା ଗତକାଲି ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସଉଦା କିଣିବାକୁ ଯାଇଥିବା ସମୟରେ ଏକ ଚାରିଚକିଆ ଗାଡ଼ିରେ ୩ ଜଣ ଦୁର୍ବୃତ୍ତ ଏହି ଲୁଟ୍ କରିଥିବା ଜଣାପଡ଼ିଛି। ବାପା ରଣଜିତ ରଣା ଓ ମାଆ ଦିରବତୀଙ୍କୁ ମାଡ଼ ମାରି ଗୋଟିଏ ଘରେ ପୁରାଇ ବାହାରୁ ଶିକୁଳି ଦେଇଥିଲେ। ସଞ୍ଜୟ ଫେରି ଦେଖିଲା ପରେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପାଣ୍ଡପଡା ଥାନାଧିକାରୀ ଲକ୍ଷ୍ମୀଧର ପ୍ରଧାନ ସଦଳବଳେ ପହଞ୍ଚି ତନାଘନା କରିଥିଲେ। ପୁଲିସ ବିଭିନ୍ନ ରାସ୍ତା ଓ ଟୋଲଗେଟ୍‌ଗୁଡ଼ିକର ଯାଞ୍ଚ କଡ଼ାକଡ଼ି କରିଛି। କେନ୍ଦୁଝର ଏଏସପି ପ୍ରତ୍ୟୁଷ ମହାପାତ୍ର ଆଜି ଦିନତମାମ ବିଭିନ୍ନ ସ୍ଥାନକୁ ଯାଇ ସିସିଟିଭି ଯାଞ୍ଚ କରିଛନ୍ତି। ଦୁଇଟି ସାଇଣ୍ଟିଫିକ ଦଳ ଦ୍ୱାରା ତଦନ୍ତ ଜାରି ରହିଛି। ସଂଜୟଙ୍କ ଅଭିଯୋଗ ଅନୁଯାୟୀ, ୨୦୦ ଗ୍ରାମ ସୁନା, ୧୨ କେଜି ରୁପା, ଓ ନଗଦ ୪.୫୦ ହଜାର ଟଙ୍କା ଲୁଟ ହୋଇଛି। ପଣ୍ଡାପଡ଼ା ଦୋକାନରେ ଥିବା ସଞ୍ଜୟଙ୍କ ଜୁଏଲାରୀ ଦୋକାନରେ ଆଗରୁ ଦୁଇ ଦୁଇ ଥର ଡକାୟତ ଉଦ୍ୟମ କରି ବିଫଳ ହୋଇଥିଲେ।

# ଗୋରୁ ବୋଝେଇ ପିକଅପ୍ ଦୁର୍ଘଟଣାଗ୍ରସ୍ତ; ୧ ଗୋରୁ ମୃତ, ୧ ଆହତ

ଶୁଳିଆପଦା,୧୬।୧୨(ସମିସ):ଶୁଳିଆପଦା ବ୍ଲକ୍ କୋଷ୍ଠା କଲେଜ ଛକ (ମହୁଲି ଛକ) ନିକଟରେ ଏକ ବେଆଇନ ଗୋରୁ ବୋଝେଇ ପିକଅପ୍ ରାସ୍ତା କଡ଼ରେ ଥିବା ଏକ ଗଛ ସହିତ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଆହତ ହୋଇଛି। ଗତକାଲି ରାତି ୩ଟା ସମୟରେ ଶୁଳିଆପଦା ଥାନା ଏସଆଇ ରୂପଶ୍ରୀ ସ୍ୱାଇଁ ରାତ୍ର ପାଟ୍ରୋଲିଂରେ ଯାଇଥିବାବେଳେ କୋଷ୍ଠା କଲେଜ ଛକରେ ଦ୍ରୁତ ଗତିରେ ଯାଉଥିବା ପିକଅପ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ଗାଡ଼ି ଚାଳକ ପୁଲିସକୁ ଦେଖି ପିକଅପ୍‌କୁ ପଛ ପଟେ ବୁଲାଇବାକୁ ଚେଷ୍ଟା କରୁଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା। ପିକ୍‌ଅପ୍‌ରେ ୧୦ଟି ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ସେଥିରୁ ଗୋଟିଏ ଗୋରୁ ମରିଯାଇଥିବାବେଳେ ଗୋଟିଏ ଆହତ ହୋଇଛି। ଚାଳକ ଫେରାର ହୋଇଯାଇଥିବାବେଳେ ସହଯୋଗୀ ବଡସାହି ବ୍ଲକ୍ ଅଧୀନ ବାଲିଜୁଡା ଅଞ୍ଚଳର ଗୋପାଳ ସିଂଙ୍କ ପୁଅ ରୁହିୟା ସିଂ ଥାନାରେ ଅଟକ ରହିଛି।

# ବଳରାମପୁରରେ ସାଂସଦ ଖେଳ ମହୋତ୍ସବ




ଆନନ୍ଦପୁର,୧୬।୧୨(ସମିସ): ଘସିପୁରା ବ୍ଲକ ବଳରାମପୁରରେ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ବିଜେପି ନେତା ଡ ଶମ୍ଭୁନାଥ ରାଉତଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ରୂପେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ବଳରାମପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଅନିଲ ନାୟକ ଓ ଖେଳ ଶିକ୍ଷକ ବିଜୟ କୁମାର ସାହୁ, ପ୍ରକାଶଚନ୍ଦ୍ର ବିଶ୍ୱାଳ, ଭଞ୍ଜ ସୋରେନ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୨୫୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।

# ପଦ୍ମନାଭପୁର ଟୋଲ କର୍ମଚାରୀଙ୍କ ଆକ୍ରମଣରେ ଟ୍ରକ୍ ଚାଳକ ଆହତ



ବୈଶିଙ୍ଗା,୧୬ ।୧୨(ସମିସ): ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟରେ ଟୋଲ କର୍ମଚାରୀ ଜଣେ ଟ୍ରକ ଚାଳକଙ୍କୁ ଅଧିକ ଟଙ୍କା ଦାବିକରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରି ୩ ହଜାର ଟଙ୍କା ଛଡାଇନେବା ଘଟଣାରେ ଟ୍ରକ ଚାଳକଙ୍କ ଏତଲା କ୍ରମେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବୈଶିଙ୍ଗା ପୁଲିସ। ଏତଲାକାରୀ ଉତ୍ତରପ୍ରଦେଶ ମୋରାଦାବାଦ ଜିଲ୍ଲା ରୂପପୁର ଅଞ୍ଚଳର ସାଇବାନ ବାବୁଙ୍କ ଅଭିଯୋଗ ମୁତାବକ ସେ କଣ୍ଟେନରରେ ମାଲ ଲୋଡ୍ କରି ଯାଉଥିବାବେଳେ ପଦ୍ମନାଭପୁର ଟୋଲଗେଟରେ ଟୋଲ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ଓଭରଲୋଡ୍ ଅଛି କହି ଅଧିକ ଟଙ୍କା ମାଗିଥିଲେ। ମନା କରିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଅଭିଯୋଗ ପାଇ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ବିପଦସଙ୍କୁଳ ପୋଲର ମରାମତି ଦାବି

ରାଇରଙ୍ଗପୁର,୧୬।୧୨(ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ପଞ୍ଚାୟତର ଯୋଡ଼ାପୋଖରୀ କେନାଲ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ମଙ୍ଗଳବାର ଖବର ପ୍ରକାଶ ପାଇବା ପରେ ମରାମତି କାର୍ଯ୍ୟ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ପୋଲ ବହୁତ ପୁରୁଣା ହୋଇଥିବାବେଳେ ମରାମତି କରାଯାଉ ନ ଥିବାରୁ ଏହା ବିପଦସଙ୍କୁଳ ଅବସ୍ଥାରେ ପଡ଼ିଛି। ଏହି ପୋଲ ଦେଇ କୌଣସି ଭାରୀଯାନ ଗଲେ ଏହା ଜୋରରେ ହଲୁଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ରହିଛି। ପୋଲ ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ପ୍ରତିଦିନ ଶତାଧିକ ଭାରୀଯାନ ଏହି ପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ ମଧ୍ୟ ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ନେତା, ସରକାରୀ ବାବୁ ଯିବାଆସିବା କରୁଥିଲେ ମଧ୍ୟ ପୋଲ ଅବସ୍ଥା ଉପରେ କାହାର ନଜର ପଡୁନାହିଁ। ଏହାର ମରାମତି ନିମନ୍ତେ ମାସା ସଂଗଠନ ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମରାମତି ନେଇ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ



ରାଇରଙ୍ଗପୁର,୧୬।୧୨(ସମିସ): ଯଶିପୁର ବ୍ଲକସ୍ଥ ସୁଆଁପାଳ ଆଶ୍ରମ ବିଦ୍ୟାଳୟକୁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଳି ପରିଦର୍ଶନ କରିଛନ୍ତି। ଆଶ୍ରମ ବିଦ୍ୟାଳୟ ପରିସର ଉଭୟ ବୁଲି ଦେଖିଥିଲେ। ଏ ଗସ୍ତ ଅବସରରେ ବିଦ୍ୟାଳୟ ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରଦାନ ହେଉଥିବା କମ୍ବଳ ଓ ମଶାରୀ ଅନୁଧ୍ୟାନ କରିଥିଲେ। ଶିକ୍ଷାଦାନ ବ୍ୟବସ୍ଥା ନେଇ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିଲାଙ୍କ ସହ ଆଲୋଚନା କରିଥିଲେ। ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥା ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ କରଞ୍ଜିଆ ଉପଜିଲ୍ଲାପାଳ, ଯଶିପୁର ବିଡିଓ ଓ ଅନ୍ୟାନ୍ୟ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ସୋଲଗଡିଆ ପ୍ରକଳ୍ପ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

କପ୍ତିପଦା,୧୬।୧୨(ସମିସ): କପ୍ତିପଦା ବ୍ଲକ ଅଧୀନ ସୋଲଗଡିଆ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୨୭୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ କପ୍ତିପଦା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କ୍ରୀଡ଼ା ଶାରୀରିକ ଓ ମାନସିକ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ସଭାପତି କହିଥିଲେ।



ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷିତୀଶ ନାୟକ ବିଶିଷ୍ଟ ଅତିଥି, ସିଆରସିସି ଦଶରଥ ମୁର୍ମୁ ମୁଖ୍ୟବକ୍ତା, ଶିକ୍ଷକ ସଂଗ୍ରାମ କେଶରୀ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ବାବୁରାମ ସେଠୀ, ଶିକ୍ଷୟିତ୍ରୀ ତୁଳସୀ ସାମଲ, କମଳାମଣି ଦାସ, ସିପ୍ରା ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ପ୍ରଧାନଶିକ୍ଷକ ରାଜକିଶୋର ବେହରାଙ୍କ ସଭାପତିତ୍ୱରେ ଏହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବାବୁରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

# ଦ୍ୱିତୀୟ ପର୍ଯ୍ୟାୟରେ ଯିବେ ରମେଶ୍ୱରମ-ମଦୁରାଇ

ବାରିପଦା, ୧୬ ।୧୨(ସମିସ):ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷକରି ଯେଉଁମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥଯାତ୍ରାରୁ ବଞ୍ଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ଏହି ମନୋନୀତ ବରିଷ୍ଠ ନାଗରିକ ଆସନ୍ତା ବର୍ଷ ଜାନୁଆରୀ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ତୀର୍ଥଯାତ୍ରାରେ ରାମେଶ୍ୱରମ-ମଦୁରାଇ ଯିବାକୁ ଥିବାବେଳେ ୬ ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ ବ୍ଲକରୁ ମନୋନୀତ ହୋଇଥିବା ବରିଷ୍ଠ ନାଗରିକଙ୍କୁ ଆଣି ସକାଳ ୮ ଘଟିକା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ପରେ ସକାଳ ୯ ଘଟିକା ସମୟରେ ଡାକ୍ତରୀ ପରୀକ୍ଷା କରାଯିବ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯାତ୍ରା କରିବା ପାଇଁ ଯେଉଁମାନେ ଶାରୀରିକ ଭାବେ ସୁସ୍ଥ ବିବେଚିତ ହେବେ ସେମାନଙ୍କୁ ତୀର୍ଥ ଯାତ୍ରା ପାଇଁ ଅନୁମତି ଦିଆଯିବ। ଅପରାହ୍ନ ୩ଘଟିକା ସମୟରେ ବାଲେଶ୍ୱର ଅଭିମୁଖେ ବସରେ ଯାତ୍ରା କରିବେ। ବାଲେଶ୍ୱରରେ ରାତ୍ର ରହଣୀ ପରେ ପରଦିନ ୭ ତାରିଖ ବାଲେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ରମେଶ୍ୱରମ-ମଦୁରାଇ ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ। ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନର କିଛି ଅଧିକାରୀ ସେମାନଙ୍କ ସହିତ ଯିବାର ବ୍ୟବସ୍ଥା ହୋଇଛି। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୧୨ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀଣୀ ସତ୍ୟଭାମା ବେହେରା ସୂଚନା ଦେଇଛନ୍ତି।

# ଏମ୍‌ସିଏମ୍‌ର ଆନ୍ତଃମହାବିଦ୍ୟାଳୟ କ୍ରିକେଟ କୋଚିଂ ଶିବିର



ବାରିପଦା,୧୬ ।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳନା କରାଯାଇଥିଲା। ମହାବିଦ୍ୟାଳୟରେ ନିକଟ ଅତୀତରେ ଏକ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ୨୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଦୁଇଦିନ ଧରି ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ରାଇରଙ୍ଗପୁର ମହାବିଦ୍ୟାଳୟ, ଉଦଳା ଡିଗ୍ରୀ କଲେଜ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରପୋଷି, ପିଏସ କଲେଜ, ଶୁଳିଆପଦା, ସୀମାନ୍ତ କଲେଜ, ଝାରପୋଖରିଆ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ଓ ୟୁଏନ କଲେଜ, ନଳଗଜାର ଛାତ୍ର ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଖେଳ ଅଧିକାରୀ ସମ୍ବିତ ମିଶ୍ର ଓ ବାସ୍ତବ ମହାନ୍ତ ଏହାର ପରିଚାଳନା ଦାୟିତ୍ୱରେ ଥିଲେ। ଏହି ଶିବିରରୁ ୧୬ ଜଣ ପିଲାଙ୍କୁ ଚୟନ କରଯାଇ ସେମାନେ ଆଗାମୀ ଜୋନ୍‌ସ୍ତରୀୟ ମ୍ୟାଚରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିବିରକୁ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସିର ଅଧକ୍ଷ ପ୍ରଦୀପ ନାୟକ, ବିଶ୍ୱବିଦ୍ୟାଳୟ ଖେଳ ଅଧିକାରୀ ପ୍ରଦୀପ୍ତ ଦାସ, ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ସଦସ୍ୟ ତଥା ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁନୀଲ ଜେନା, ମୟୂରଭଞ୍ଜ ଜିଲ୍ଲାର ପୁରୁଖା ଖେଳାଳି ରଂଜିତ ନାୟକ ଉଦଘାଟନ କରିଥିଲେ।

**ଅବକାରୀ ବିଭାଗର ଚଢ଼ଉ**

# ମହୁଲ ପୋଚ ନଷ୍ଟ, ଦେଶୀ ମଦ ଜବତ



ବେତନଟୀ, ୧୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବଡ଼ସାହି ଥାନା ଅଧୀନ ଚହଲାପଦା ଓ ବର୍ଡ଼ନାଠାରେ ଚଢ଼ଉ କରାଯାଇ ସେଠାରୁ ବେଆଇନ ଦେଶୀ ମଦ ଓ ମହୁଲ ପୋଚ, ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ ବେହେରା ଓ ଉଦଳା ଅବକାରୀ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ସେଠୀ, ବାରିପଦା ମୋବାଇଲ ଟିମ ମିଳିତ ଭାବେ ଦୁଇଟି ପୃଥକ ପୃଥକ ସ୍ଥାନ ଚହଲାପଦା ଓ ବର୍ଡ଼ନା ଜଙ୍ଗଲରେ ଚଢ଼ଉ କରିଥିଲେ। ଗୋଟିଏ ସ୍ଥାନରେ ୧୨, ୨୦୦ ଓ ଅନ୍ୟ ସ୍ଥାନରେ ୨, ୭୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବାବେଳେ ଦୁଇଟି ସ୍ଥାନରୁ ୭୮୦ ଓ ୨୪୦ ଲିଟର ଲେଖାଏଁ ବେଆଇନ ଦେଶୀ ମଦ ଜବତ କରିବା ସହ ସେଠାରୁ ବାହାରିଥିବା ବିଭିନ୍ନ ପ୍ରକାର ମଦ ତିଆରି ସାମଗ୍ରୀକୁ ନଷ୍ଟ କରାଯାଇଛି। ଚଢ଼ଉ ବେଳେ ବେତନଟୀ ଥାନା ଛଚିନାପଦା ଗ୍ରାମର ଛତିଶ ଚନ୍ଦ୍ର ମହାନ୍ତଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ନିକଟରୁ ୧୪ ଲିଟର ଦେଶୀ ମଦ ମିଳିଥିବା ସୂଚନା ମିଳିଛି।

# କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସାର ତୃତୀୟ ସନ୍ଧ୍ୟା



ଉଦଳା,୧୬।୧୨(ସମିସ): ସ୍ଥାନୀୟ ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ମହୋତ୍ସବ ପଡ଼ିଆରେ ଚାଲିଥିବା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସା-୨୦୨୫ର ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଖୁଣ୍ଟା ବ୍ଲକ୍ ଅଧକ୍ଷ ସୁଧନ୍ୟା ନାଏକ, ଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟଜିତ ରାଉତ ପ୍ରମୁଖ ଯୋଗଦେଇ କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଐତିହ୍ୟ, ପରମ୍ପରା, ଭାଷା, କଳା ଓ ସଂସ୍କୃତିର ନିଦର୍ଶନ ସାଜିଛି ବୋଲି ପ୍ରକାଶ କରିଥିଲେ। ଉପଖଣ୍ଡର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ଏହି ମହୋତ୍ସବ। ତୃତୀୟ ସନ୍ଧ୍ୟାର ଆୟୋଜକ ଦାୟିତ୍ୱ ତୁଲାଇଥିଲେ ଖୁଣ୍ଟା ପଞ୍ଚାୟତ ସମିତି। ମୁଖ୍ୟ ଆକର୍ଷଣ ଥିଲା ସିନେ ତାରକା ସ୍ୱରାଜ ବାରିକ ଓ ମନିସାଙ୍କ କାର୍ଯ୍ୟକ୍ରମ। ସେହିପରି ସ୍ୱର ଓଡ଼ିଶାର କଳିଙ୍ଗ ଷ୍ଟାର ଗାୟକ ତାପସ ବିନ୍ଧାଣୀ ଓ ଗାୟିକା ଲିପିଙ୍କ ଗୀତରେ ଝୁମିଥିଲେ ଦର୍ଶକ। ସ୍ୱତନ୍ତ୍ର ଆକର୍ଷଣ ଥିଲା ସାନ୍ତାଳୀ ଗାୟିକା ପୋରାୟନି ସରେନ ଓ ଗାୟକ ଗୋପୀଙ୍କ ସଙ୍ଗୀତ ପରିବେଷଣ।

# ବିଦ୍ୟାଳୟ ଓ ଗଣଶିକ୍ଷା ଉପନିର୍ଦ୍ଦେଶକଙ୍କ ପରିଦର୍ଶନ

ତୁରୁମୁଙ୍ଗା, ୧୬।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଫୁଲକଅଁଳେଇ ଉଚ୍ଚବିଦ୍ୟାଳୟ ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ରେଟିଂ ପ୍ରକ୍ରିୟାରେ ଚଳିତବର୍ଷ ପଞ୍ଚତାରକା ପ୍ରମାଣପତ୍ର ପାଇଥିବାରୁ ମଙ୍ଗଳବାର ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଜେନା ଗସ୍ତ କରି ଭିନ୍ନ ଭିନ୍ନ କ୍ଷେତ୍ର ଯାଞ୍ଚ କରିଥିଲେ। ବିଦ୍ୟାଳୟର ଶୌଚାଳୟ, ପାନୀୟଜଳ, ବର୍ଷାଜଳ ଅମଳ ପ୍ରକଳ୍ପ, ସୌର ବିଦ୍ୟୁତ ପ୍ରକଳ୍ପ, ଶିଶୁ ଉଦ୍ୟାନ, ପରିବା ବଗିଚା, ଔଷଧୀୟ ବଗିଚା, ଶ୍ରେଣୀଗୃହ ପାଠାଗାର, ଜଳଛତ୍ର, ପରିମଳ ଜଳ ପରିଚାଳନା ଜୈବସାର ପ୍ରସ୍ତୁତି ଆଦି ପ୍ରକଳ୍ପ ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଯତ୍ନଶୀଳ ହେବା ପାଇଁ ଉପଦେଶ ଦେଇଥିଲେ। ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଜେନାଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତା ତ୍ରିପାଠୀ, ବୈଷୟିକ ସହାୟକ ସୂର୍ଯ୍ୟକାନ୍ତ ସୁତାର, ଜିଲ୍ଲା ସଂଯୋଜକ ରଶ୍ମିରଞ୍ଜନ ସାହୁ ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଜୀବନ କିଶୋର ମହାନ୍ତଙ୍କ ସହ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବେଲବାହାଳିରେ ଜବରଦଖଲ ଉଚ୍ଛେଦ

ଆନନ୍ଦପୁର, ୧୬।୧୨ (ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବେଲବାହାଳିରେ ଜବରଦଖଲ ଉଚ୍ଛେଦ ହୋଇଛି। ବିରୋଧ ସତ୍ତ୍ୱେ ଦୀର୍ଘ ଦିନରୁ ଲାଗିରହିଥିବା ବିବାଦର ସମାଧାନ ଏବେ ଅନ୍ତିମ ପର୍ଯ୍ୟାୟରେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅନ୍ତର୍ଭୁକ୍ତ ବେଲବାହାଳି ଗ୍ରାମର କାଳୀ ମନ୍ଦିର ଉଚ୍ଛେଦ ପ୍ରକ୍ରିୟା ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଜାରି ହୋଇଛି। ବେଲବାହାଳି ଗ୍ରାମର ଆମୋଦ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ସମ୍ମୁଖରେ ସେହି ଗ୍ରାମର ମୋହନ ଚରଣ ସାହୁ ସରକାରୀ ଜାଗା ଜବରଦଖଲ କରି ସେଠାରେ ମନ୍ଦିର ଓ ପାଚେରି ନିର୍ମାଣ କରିଛନ୍ତି। ଏହାକୁ ଆମୋଦ ବିରୋଧ କରି ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଛି। ଦୀର୍ଘବର୍ଷର ଭାବାବେଗ ଦୃଷ୍ଟିରୁ ଗ୍ରାମବାସୀ କାଳୀ ମନ୍ଦିର ଉଚ୍ଛେଦକୁ ବିରୋଧ କରି ଦୀପ ଜାଳି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଗ୍ରାମବାସୀ ଓ ଘର ମାଲିକଙ୍କ ସହଭାଗିତାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ପ୍ରଶାସନ ପକ୍ଷରୁ ଆମୋଦ ବିଶ୍ୱାଳଙ୍କ ଘରକୁ ଅବରୋଧ କରୁଥିବା ପାଚେରି ଉଚ୍ଛେଦ କରାଯାଇଛି।

# ଜମୁଛି ଆନନ୍ଦପୁର ବାଣିଜ୍ୟ ମହୋତ୍ସବ



ଆନନ୍ଦପୁର,୧୬।୧୨ (ସମିସ): ଆନନ୍ଦପୁର ଷ୍ଟାଡିୟମରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଛି। ମନୋହରୀ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ତହସିଲଦାର ପଲ୍ଲବୀ ପ୍ରିୟ ଦର୍ଶନୀ ହାଟଡିହି ବିଡ଼ିଓ ରଶ୍ମିରଞ୍ଜନ ପରିଡା ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗାଗୁରୁ ଅନ୍ନଦା ଶଙ୍କର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ସରଗମ ନୃତ୍ୟାନୁଷ୍ଠାନ, ଢେଙ୍କାନାଳ ଓ ସାଇକଳା ନୃତ୍ୟାନୁଷ୍ଠାନ, ଯାଜପୁରରୋଡର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବ୍ ସଦସ୍ୟ ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସ୍ୱିପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ସୁଶାନ୍ତ କୁମାର ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ବାରିପଦା, ୧୬ ।୧୨(ସମିସ): ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦଘାଟିତ ହୋଇଛି। ସାଧାରଣ ସମ୍ପାଦକ ବିଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ କ୍ରୀଡା ଶାରୀରିକ ତଥା ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ ବେହେରା, ବକ୍ସିଂ ସମ୍ପାଦକ ରବୀନ୍ଦ୍ର ମହାନ୍ତି, ଆଥଲେଟିକ ସମ୍ପାଦକ ଅମ୍ବିକା ରାଉତ, ଫୁଟବଲ ସମ୍ପାଦକ ଅମର ସେଠୀ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ବରିଷ୍ଠ କ୍ରୀଡ଼ାବିତ ମଣ୍ଟୁ ଦା, ଭାନୁପ୍ରତାପ ଭଞ୍ଜଦେଓ ଓ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ୩୦ ଜଣ କ୍ରୀଡା ପ୍ରଶିକ୍ଷକ ଖେଳ ପରିଚାଳନା କରୁଛନ୍ତି। ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ ବାଳକ/ବାଳିକା ଓ ପୁରୁଷ/ମହିଳା ବିଭାଗରେ ଦୌଡ଼, ଲମ୍ବଡିଆଁ, ଡିସ୍କସ, ସଟପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରାଇରଙ୍ଗପୁର ଓ କରଞ୍ଜିଆ ସବଡିଭିଜନରୁ ପୂର୍ବତନ ଜାତୀୟ କ୍ରୀଡ଼ାବିତ ଦିଗେଶ୍ୱର ମହାନ୍ତ ଓ ତ୍ରିଲୋଚନ ମହାନ୍ତ ଖେଳାଳିଙ୍କ ସହ ଯୋଗଦେଇଥିଲେ।

# ଶବ ହୋଇ ଫେରିଲେ ଦାଦନ ଶ୍ରମିକ

ଠାକୁରମୁଣ୍ଡା,୧୬।୧୨ (ସମିସ): ଦିଗଧର ପଞ୍ଚାୟତ ଅନ୍ତର୍ଗତ ସୁନିନ୍ଦା ଗ୍ରାମର ଅକ୍ଷୟ ନାୟକ ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରୁଥିଲେ। ଅସୁସ୍ଥ ହେବାରୁ ତାଙ୍କୁ କୋଲାର ଜିଲ୍ଲା ନରସିଂହରାଜ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଶବକୁ ଗ୍ରାମକୁ ଆଣିବାକୁ ତାଙ୍କ ସ୍ତ୍ରୀ ସକ୍ଷମ ନ ଥିଲେ। ଏ ନେଇ ଠାକୁରମୁଣ୍ଡା ସୁନିନ୍ଦା ଗ୍ରାମରେ ଥିବା ତାଙ୍କ ପରିବାରର ସଦସ୍ୟ ସାଂସଦ ଅନନ୍ତ ନାୟକଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ସାଂସଦଙ୍କ ହସ୍ତକ୍ଷେପ ପରେ ତାଙ୍କ ଶବ ଗ୍ରାମକୁ ଅଣାଯାଇଥିବା ଜଣାପଡ଼ିଛି।

**ପୃଥକ ଦୁର୍ଘଟଣା**

# ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ସହ ୨ ମୃତ



ଯୋଡ଼ା/ଆନନ୍ଦପୁର, ୧୬।୧୨(ସମିସ): ଦୁଇ ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କର ପ୍ରାଣହାନି ହୋଇଛି। କେନ୍ଦୁଝର ଜିଲ୍ଲା ୫୨୦ ନମ୍ବର ଜାତୀୟ ରାଜପଥ କଣ୍ଡରା କାରଣସାହି ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକ କିଶୋର କୁମାର ନାଏକଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ପୁଲିସ ମୃତଦେହକୁ ନିକଟ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ୨୦ ନମ୍ବର ଜାତୀୟ ରାଜପଥର ଅଧାଗଡ଼ା ରାସ୍ତାରେ ଘଟିଥିବା ଅନ୍ୟ ଏକ ଦୁର୍ଘଟଣାରେ ଜଣେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଆନନ୍ଦପୁର ବ୍ଲକ୍ ଟୁକୁଣା ଗାଁର ପଣ୍ଡିତ ରାମଚନ୍ଦ୍ର ମିଶ୍ର (୮୪)ଙ୍କ ମୃତ୍ୟୁ ହୋଇଛି। ଦିନ ସାଢେ ଗୋଟାଏବେଳେ ଶ୍ରୀ ମିଶ୍ର ବଡ଼ପୁଅ ଶିକ୍ଷକ କାଳୀପଦ ମିଶ୍ରଙ୍କ ସହ ବାଇକ୍‌ରେ ଯାଉଥିବାବେଳେ ଶାଳପଡ଼ା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଶ୍ରୀ ମିଶ୍ରଙ୍କୁ ସଙ୍ଗେସଙ୍ଗେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାପରେ କିଛିସମୟପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ଘସିପୁରା ପୁଲିସ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ୍ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପୈତୃକ ଗ୍ରାମ ଟୁକୁଣାକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର କାଳୀପଦଙ୍କ ସମେତ ମଧ୍ୟମ ପୁଅ ସାମ୍ବାଦିକ ଦିଲ୍ଲୀପ ମିଶ୍ର, ସାନପୁଅ ଅଶୋକ ମିଶ୍ର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରଲୋକ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୈତରଣୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ମିଶ୍ର ଦୀର୍ଘବର୍ଷ ଧରି ଆନନ୍ଦପୁର ବିଏନ୍ ହାଇସ୍କୁଲରେ ସଂସ୍କୃତ ଶିକ୍ଷକଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ବିଏନ୍ ହାଇସ୍କୁଲ ପୁରାତନ ଛାତ୍ରଙ୍କ ପକ୍ଷରୁ ଶୋକ ପ୍ରକାଶ ପାଇଛି।

ସକାଳ THE SAKALA
www.sakalaepaper.com
ସମ୍ପୂର୍ଣ୍ଣା
ବୁଧବାର, ୧୭ ଡିସେମ୍ବର, ୨୦୨୫


## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରଯାତ୍ରାକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ଦୂରଯାତ୍ରାକୁ ଯିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

## ଆଜିର ଇତିହାସ

- ୧୬୪୫- ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ପତ୍ନୀ ନୂରଜହାଁଙ୍କ ଦେହାନ୍ତ।
- ୧୯୦୨- ମାର୍କୋନି ପ୍ରଥମ ଥର ରେଡିଓ ଷ୍ଟେସନ୍ ନିର୍ମାଣ କଲେ।
- ୧୯୭୧- ଭାରତ-ପାକ୍ ଯୁଦ୍ଧ ସମାପ୍ତ।
- ୧୯୯୬- ନ୍ୟାସନାଲ୍ ଫୁଟବଲ ଲିଗ୍‌ର ଶୁଭାରମ୍ଭ।
- ୨୦୦୨- ତୁର୍କୀ କାଶ୍ମୀର ପ୍ରସଙ୍ଗରେ ଭାରତର ସମର୍ଥନ କଲା।
- ୨୦୦୮ - ଶୀଲା ଦୀକ୍ଷିତ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।

## ଆଜି ଆସିଥିଲେ

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୮୭୦ ମସିହା ଆଜିର ଦିନରେ ମୟୂରଭଞ୍ଜ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଭଞ୍ଜ। ୧୮୯୨ ଅଗଷ୍ଟରେ ସେ ରାଜସିଂହାସନ ଆରୋହଣ କରିଥିଲେ ଏବଂ କ୍ରମେ ଜଣେ ପ୍ରଜାବତ୍ସଳ ରାଜା ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଜନ୍ମମାଟି ମୟୂରଭଞ୍ଜ ଓ ଉତ୍କଳମାତାର ସର୍ବାଙ୍ଗୀନ ଉନ୍ନତି ହିଁ ଥିଲା ତାଙ୍କ ଜୀବନର ମହାମନ୍ତ୍ର। ଶ୍ରୀରାମଚନ୍ଦ୍ର ଜଣେ ସରଳ, ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ ଶିକ୍ଷା, କୃଷି, ଶାସନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିଥିଲେ। ତାଙ୍କର ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା। ମୟୂରଭଞ୍ଜରୁ ଶ୍ରୀରାମଚନ୍ଦ୍ର ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ତାଙ୍କୁ ମାତ୍ର ୯ ବର୍ଷ ହୋଇଥିବାବେଳେ ତାଙ୍କ ପିତା ପ୍ରାଣ ହରାଇଥିଲେ। ପିତାଙ୍କ ମୃତ୍ୟୁ ପରେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଛୋଟ ଲାଟସାହେବଙ୍କ ସହାୟତାରେ ସେ ବିଦ୍ୟା ଅଧ୍ୟୟନ କରିଥିଲେ। ଏହାପରେ ସେ କଟକ ରେଭେନ୍ସା କଲେଜ୍‌ରେ ଜଣେ ସାହେବଙ୍କ ପାଖରେ ରହି ୧୨ ବର୍ଷ ଶିକ୍ଷାଲାଭ କରିବା ପରେ ୧୮୮୮ ମସିହାରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ବି.ଏ. ପଢୁଥିବା ସମୟରେ ସେ ସାବାଳକ ହୋଇ ରାଜଗାଦିରେ ବସିବାରୁ ପରୀକ୍ଷା ଦେଇ ପାରି ନ ଥିଲେ। ୧୮୯୬ରେ ସେ ଲକ୍ଷ୍ମୀ କୁମାରୀଙ୍କୁ ବିବାହ କରିଥିଲେ। ତାଙ୍କ ଶାସନ କାଳରେ ମୟୂରଭଞ୍ଜର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୟୂରଭଞ୍ଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜର ଶ୍ରମ, ସମୟ ଓ ଅଜସ୍ର ଅର୍ଥରାଶିକୁ ବିନିଯୋଗ କରିଥିଲେ। ଏହି ସମୟରେ ରାଜ୍ୟର ପ୍ରଥମ ରେଳରାସ୍ତା ରୁପ୍‌ସାଠାରୁ ତାଳବନ୍ଧ ପର୍ଯ୍ୟନ୍ତ ନିର୍ମାଣ, ହଳଦିଆ ଓ ହଳଦିହାଠାରେ ଦୁଇଟି ଜଳଭଣ୍ଡାର ନିର୍ମାଣ, ସ୍ୱଚ୍ଛ ଶାସନ ପାଇଁ ମୟୂରଭଞ୍ଜ ଷ୍ଟେଟ୍ କାଉନସିଲ୍ ଗଠନ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ପଦକ୍ଷେପ ସହ ପୋଲିସ୍ ବିଭାଗ ସୃଷ୍ଟି ତା'ର ଜ୍ୱଳନ୍ତ ଉଦାହରଣ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ କଟକର ଇଦ୍‌ଗା ମୈଦାନରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ରାଜକୋଷର ଅର୍ଥକୁ ସେ ନିଜର ବୋଲି ଭାବୁ ନ ଥିଲେ। ପିତା ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରି କଟକ ମେଡିକାଲ ସ୍କୁଲ ଓ ରେଭେନ୍ସା କଲେଜକୁ ସୁଙ୍ଗ ସମ୍ପୂର୍ଣ୍ଣ କରିବା ପାଇଁ ସେ ବିପୁଳ ଅର୍ଥ ରାଶି ଦାନ କରିଥିଲେ। ଶ୍ରୀରାମଚନ୍ଦ୍ରଙ୍କ ଦାନରେ ହିଁ କଟକରେ ପ୍ରଥମ ମେଡିକାଲ ସ୍କୁଲ ସ୍ଥାପିତ ହୋଇଥିଲା। ଯାହା ଏବେ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିଣତ ହୋଇଛି। କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସହିତ ତାଙ୍କର ଭଲ ବନ୍ଧୁତା ଥିଲା। ତାଙ୍କ ପୃଷ୍ଠପୋଷକତାରୁ ବାରିପଦାରୁ 'ଉତ୍କଳପ୍ରଭା' ନାମକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ରେଭେନ୍ସା କଲେଜରେ ବିଜ୍ଞାନ ବିଭାଗ ଖୋଲିବାରେ ସେ ସାହାଯ୍ୟ କରିଥିଲେ। ମହାରାଜାଙ୍କ ଶାସନକାଳ ୧୮୯୨ରୁ ୧୯୧୨ ଥିଲା ଭଞ୍ଜବଂଶ ଶାସନର ସୁବର୍ଣ୍ଣଯୁଗ। ଶାସନ ବ୍ୟବସ୍ଥା ପାଇଁ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ। ୧୯୧୨ ମସିହା ଫେବ୍ରୁଆରୀ ୨୨ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଭଳି ଜଣେ ଜନହିତୈଷୀ ରାଜା ଇତିହାସରେ ବିରଳ। ବାସ୍ତବିକ ସେ ଥିଲେ ମାନବିକତା, ପ୍ରଜାବତ୍ସଳତା, ଉଦାରତା ସର୍ବୋପରି ଆଦର୍ଶ ଓ ପାଣ୍ଡିତ୍ୟର ଅନନ୍ୟ ଉଦାହରଣ।

# ଫେସ୍‌ମାସ୍କରେ ଅଫିସ୍ ଉପସ୍ଥିତି



ଟେକ୍ନୋଲୋଜି କ୍ଷେତ୍ରରେ ଚୀନ୍ ସର୍ବଦା ଆଗରେ ରହିଥାଏ। ଚୀନ୍‌ରେ ପ୍ରତିଦିନ ନୂଆ ନୂଆ କଥା ଦେଖିବାକୁ ମିଳିଥାଏ। ଚୀନ୍‌ରେ ୱେନ୍‌ଝୋଉରେ ଥିବା ଏକ ସମିତିରେ କାମ କରୁଥିବା ଜଣେ କର୍ମଚାରୀ ଅଫିସ୍‌ରେ ଅନୁପସ୍ଥିତ ଥିବା ସହକର୍ମୀଙ୍କ ଚେହେରାର ରଙ୍ଗୀନ ପ୍ରିଣ୍ଟ କାଢ଼ି ତାକୁ ମାସ୍କ ଭଳି ବ୍ୟବହାର କରି 'ଫେସ୍ ରିକଗିନିସନ୍' ପଦ୍ଧତିକୁ ଚକ୍‌ମା ଦେଉଥିବା କଥା ସାମ୍ନାକୁ ଆସିବା ପରେ ଏହା ସମସ୍ତଙ୍କୁ ଚକିତ କରିଛି। କେବଳ ସେତିକି ନୁହେଁ, ଏଭଳି ମାସ୍କ ପିନ୍ଧି ଅନୁପସ୍ଥିତ ଥିବା କର୍ମଚାରୀ ଜଣକ ଅଫିସ୍‌ରେ ଉପସ୍ଥିତ ଥିବା ଦର୍ଶାଯାଉଥିଲା। ତେବେ ଲି ନାମକ ଜଣେ ବ୍ୟକ୍ତି ଏନେଇ ଅଭିଯୋଗ କରିବା ପରେ ଏହି ତମାମ୍ ମାମଲା ଲୋକଲୋଚନକୁ ଆସିଥିଲା। ଏହି ପୂରା ଘଟଣା ଚେକ୍‌ଇନ୍ ମେସିନ୍ ଉପରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଲିଙ୍କ କହିବା କଥା, ସମିତି ସଚିବାଳୟର ଜଣେ ସଦସ୍ୟ ଅନେକ କର୍ମଚାରୀମାନଙ୍କର ଫେସ୍‌ମାସ୍କରେ ଏମିତି ଫର୍ଜି ଉପସ୍ଥିତି ଦର୍ଶାଉଥିଲେ। ଏଥିରେ ସମିତିର ସେକ୍ରେଟାରୀ ମଧ୍ୟ ସାମିଲ ଥିଲେ। ଏହି ସମିତି ଚୀନ୍‌ର ସବୁଠୁ ନିମ୍ନ ସ୍ତରର ଏକ ପ୍ରଶାସନିକ ସଂସ୍ଥା। ଏମାନେ ସରକାରୀ କର୍ମଚାରୀ ଭାବେ ପରିଗଣିତ ହୋଇ ନଥାନ୍ତି। ସେମାନଙ୍କୁ ଦରମା ବଦଳରେ ଭତ୍ତା ମିଳିଥାଏ। ତେବେ ଏହି ମାମଲାରେ କେତେଜଣ କର୍ମଚାରୀ ସାମିଲ ଅଛନ୍ତି ତାହା ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। ଏହି ମାମଲା ସାମ୍ନାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସିକ୍ୟୁରିଟି ଓ ବାୟୋମେଟ୍ରିକ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏନେଇ ଗତ ଅକ୍ଟୋବର ମାସରେ ଅଭିଯୋଗ ହୋଇଥିଲା। ଡିସେମ୍ବର ଶେଷ ସୁଦ୍ଧା ଏନେଇ ବରିଷ୍ଠ ଅଧିକାରୀମାନେ କିଛି ନିଷ୍ପତ୍ତି ନେଇ ପାରନ୍ତି ବୋଲି ଜଣାପଡ଼ିଛି।

## 'ଟକ୍ସିକ୍', 'ଧୁରନ୍ଧର ୨'କୁ ଡରିଲେ ଅଜୟ

# ଘୁଞ୍ଚିଲା 'ଧମାଲ୍ ୪'



୨୦୨୬ ବର୍ଷ ସିନେପ୍ରେମୀଙ୍କ ପାଇଁ ବେଶ୍ ଖାସ୍ ହେବାକୁ ଯାଉଛି। ଆସନ୍ତା ବର୍ଷ ଆରମ୍ଭରେ ଅନେକ ବଡ଼ ତାରକାଙ୍କ ଦୀର୍ଘଦିନରୁ ବନ୍ଦ ହୋଇ ପଡ଼ି ରହିଥିବା ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ମାର୍ଚ୍ଚ ମାସରେ ମହାଲଢ଼େଇ ହେବାକୁ ଯାଉଛି। 'କେଜିଏଫ୍' ଫେମ୍ ଯଶ୍‌ଙ୍କ 'ଟକ୍ସିକ୍' ଇଦ୍ ଅବସରରେ ଆସନ୍ତା ୧୯ ମାର୍ଚ୍ଚରେ ରିଲିଜ୍ ହେବ। ଏହି ଦିନ ରଣବୀର ସିଂହଙ୍କ 'ଧୁରନ୍ଧର ପାର୍ଟ ୨' ମଧ୍ୟ ରିଲିଜ୍ ହେବ। ତେବେ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କରକୁ ଦେଖି ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ତାଙ୍କ କମେଡି ଫିଲ୍ମ 'ଧମାଲ୍ ୪'ର ରିଲିଜ୍‌କୁ ଆଗକୁ ଘୁଞ୍ଚାଇ ଦେଇଛନ୍ତି। ଏହା ମାର୍ଚ୍ଚ ୨୦ରେ ରିଲିଜ୍ ହେବାର ଥିଲା। ଅଜୟ ହିଁ ପ୍ରଥମ ବ୍ୟକ୍ତି ଯିଏ ତାଙ୍କ ଫିଲ୍ମକୁ ଇଦ୍ ଅବସରରେ ଘୋଷଣା କରିଥିଲେ। ଏବେ ଅଜୟ ଓ ତାଙ୍କ ଟିମ୍ ରିଲିଜ୍ ଡେଟ୍‌କୁ ଘୁଞ୍ଚାଇବା ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ମେ ମାସରେ ସେମାନେ ଏହି ଫିଲ୍ମକୁ ରିଲିଜ୍ କରିବା ପାଇଁ ଚିନ୍ତା କରୁଛନ୍ତି। ଏଠାରେ ପ୍ରକାଶ ଥାଉ କି, ଇଦ୍ ଅବସରରେ ଯଶ୍‌ଙ୍କ 'ଟକ୍ସିକ୍', ଅଦିବି ଶେଷଙ୍କ 'ଡକୈତ' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରିଲିଜ୍ ହେବ। ଏଥିରେ ଯଶ୍‌ଙ୍କ ଫିଲ୍ମ ଭଲ ପ୍ରଦର୍ଶନ କରିବ ବୋଲି ଚର୍ଚ୍ଚା ହେଉଛି। କାରଣ ଏହା ହିନ୍ଦୀ, କନ୍ନଡ଼, ମଲାୟାଲମ୍, ତାମିଲ, ତେଲୁଗୁ ଭାଷାରେ ରିଲିଜ୍ ହେବ।

## ଆଜି ଚତୁର୍ଥ ଟି-୨୦

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ସୂର୍ଯ୍ୟ ସେନା

ଲକ୍ଷ୍ନୌ, ୧୬।୧୨ (ଏଜେନ୍ସି)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମୁକାବିଲା ବୁଧବାର ଖେଳାଯିବ। ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ରହିଥିବା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏଠାରେ ବିଜୟୀ ହୋଇ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କିନ୍ତୁ ଏହି ମୁକାବିଲାକୁ ଜିତି ସିରିଜକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିବ। ପୂର୍ବରୁ ଟି-୨୦ ସିରିଜର ପ୍ରଥମ ଓ ୩ୟ ମ୍ୟାଚକୁ ଭାରତ ଯଥାକ୍ରମେ ୧୦୧ ରନ ଓ ୭ ୱିକେଟ୍‌ରେ ଜିତିଥିଲା। ଦ୍ୱିତୀୟ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୫୧ ରନରେ ବିଜୟୀ ହୋଇଥିଲା।

### ସଞ୍ଜୁଙ୍କ ମିଳିପାରେ ସୁଯୋଗ



ଘରୋଇ ଭାରତୀୟ ଦଳ ୨-୧ରେ ସିରିଜ ଅଗ୍ରଣୀ ରହିଥିଲେ ମଧ୍ୟ ଅଧିନାୟକ ସୂର୍ଯ୍ୟକୁମାର ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠୁ ଚିନ୍ତାର କାରଣ ରହିଛି। ଗିଲ୍ ୩ଟି ଯାକ ମ୍ୟାଚରେ ଯଥାକ୍ରମେ ୪, ୦, ୨୮ ରନ କରିଛନ୍ତି। ସେହିଭଳି ସୂର୍ଯ୍ୟକୁମାର କଟକରେ ୧୨, ଚଣ୍ଡିଗଡ଼ରେ ୫ ଓ ତୃତୀୟ ଟି-୨୦ରେ ୧୨ ରନ କରିଥିଲେ। ତେଣୁ ଚତୁର୍ଥ ମୁକାବିଲାରେ ଗିଲ୍‌ଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ଯଦି ଗିଲ୍‌ଙ୍କୁ ବିଶ୍ରାମ ଦିଆଯାଏ ତେବେ ଇନଫର୍ମ ୱିକେଟ୍‌କିପର ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ। ସଞ୍ଜୁ ଗତବର୍ଷ ଟି-୨୦ରେ ୩ଟି ଶତକ ମାରିଥିଲେ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

■ ଜାତୀୟ ସିନିଅର ହ୍ୟାଣ୍ଡବଲ୍

## ଓଡ଼ିଶା ଦଳର ବିଜୟ ଅଭିଯାନ

ଭୁବନେଶ୍ୱର, ୧୬।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିଅର ପୁରୁଷ ପ୍ରତିଯୋଗିତା ପଶ୍ଚିମବଙ୍ଗରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚରେ ମଙ୍ଗଳବାର ୨୮-୨୦ ସ୍କୋରରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଓଡ଼ିଶା ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଜାତୀୟସ୍ତରର ପ୍ରତିଯୋଗିତା ଲାଗି ଆଲୋକ କୁମାର ଭୋଇ ୧୮ ଜଣିଆ ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି।

### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

## ସମ୍ବଲପୁରକୁ ହରାଇ ଫାଇନାଲ୍‌ରେ ସାଇ ଇଲେଭେନ





ଭାପୁର ତା୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଭୁବନେଶ୍ୱରର ସାଇ ଇଲେଭେନ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସାଇ ଇଲେଭେନ ୫୮ ରନରେ ଏମଏମସିସି ସମ୍ବଲପୁର ଦଳକୁ ହରାଇଥିଲା। ଟସ ଜିତି ସାଇ ଇଲେଭେନ ୨୦ ଓଭରରେ ୬ ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଆଦିତ୍ୟ ରାଉତ ୧୦୨ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ୫୫ ବଲର ଏହି ପାଳିରେ ସେ ୮ଟି ଛକା ଓ ୯ଟି ଚୌକା ମାରିଥିଲେ। ଜବାବରେ ୨୩୦ ରନର ଲକ୍ଷ୍ୟକୁ ପିଛା କରିଥିବା ସମ୍ବଲପୁର ଦଳ ୧୭୧ ରନରେ ସୀମିତ ରହିଥିଲା। ଆଦିତ୍ୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜି ଖେଳିରେ ଦୁଇ ଆଇପିଏଲ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସର ଦୀପକ ପୁନିଆ ଓ ଓଡ଼ିଶା ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଦର୍ଶକ ମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲେ। ଅଧ୍ୟାପକ ପ୍ରସନ୍ନ ମହାରଣା ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଗ୍ରୁପ-ବି'ର ପ୍ରଥମ କ୍ୱାର୍ଟର କଳାହାଣ୍ଡି କ୍ରିକେଟ ଏକାଡେମୀ ସହ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

● କୁଚ୍‌ବିହାର ଟ୍ରଫି

## ପ୍ରିୟାଂଶୁଙ୍କ ୭ ୱିକେଟ୍; ହିମାଚଳ ୧୮୧ରେ ସୀମିତ

ଭୁବନେଶ୍ୱର/ବଲାଙ୍ଗିର, ୧୬।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ହିମାଚଳ ପ୍ରଦେଶ ବିପକ୍ଷରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଓଡ଼ିଶା ଭଲସ୍ଥିତିରେ ରହିଛି। ମ୍ୟାଚରେ ଭ୍ରମଣକାରୀ ହିମାଚଳ ପ୍ରଦେଶ ଟସ୍ ଜିତି ବ୍ୟାଟିଂ କରିଥିଲା। ତେବେ



ଘରୋଇ ଦଳର ଦ୍ରୁତ ବୋଲର ପ୍ରିୟାଂଶୁ ମହାନ୍ତିଙ୍କ ବୋଲିଂକୁ ସାମ୍ନା କରି ନ ପାରି ଦଳ ପ୍ରଥମ ପାଳିରେ ୭୨.୩ ଓଭର ଖେଳି ୧୮୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଦିତ୍ୟ କଟରିୟା ସର୍ବାଧିକ ୫୭ ରନ କରିଥିଲେ। ବୋଲିଂରେ ପ୍ରିୟାଂଶୁ ୨୭.୩ ଓଭର ବୋଲିଂ କରି ୨ ମେଡେନ ସହ ୬୦ ରନ ବ୍ୟୟରେ ୭ଟି ୱିକେଟ୍ ନେଇ ହିମାଚଳ ପ୍ରଦେଶର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଷ୍ଟମ୍ପ ସୁଦ୍ଧା ୧୫ ଓଭରରେ କୌଣସି ୱିକେଟ୍ ନ ହରାଇ ୪୪ ରନ ସଂଗ୍ରହ କରିଛି। ସମ୍ବିତ ବେଜ ୨୫ ଓ ଅଭିରୂପ ଦାସ ୧୮ ରନ କରି ଖେଳୁଛନ୍ତି। ଇନିଂସ ଅଗ୍ରଣୀ ଲାଗି ଓଡ଼ିଶା ଆହୁରି ୧୩୮ ରନ ଆବଶ୍ୟକ କରୁଛି।

### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ପଦକ ବିଜେତା କିଟ୍ ଖେଳାଳିଙ୍କୁ ଦିଆଗଲା ପ୍ରୋତ୍ସାହନ





ଭୁବନେଶ୍ୱର, ୧୬।୧୨ (ସମିସ)

ରାଜସ୍ଥାନରେ ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ବିଶ୍ୱବିଦ୍ୟାଳୟ ଦମ୍‌ଦାର ପ୍ରଦର୍ଶନ କରି ୨୧ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୧୦ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଥିଲା। ଭାରତର ୨୨୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଟପ୍-୭ରେ ରହି ପୂର୍ବାଞ୍ଚଳର ଶ୍ରେଷ୍ଠ ପଦକ ବିଜେତା ଭାବେ ଅଭିଯାନ ଶେଷ କରିଥିଲା। ଏହି ଅବସରରେ ମଙ୍ଗଳବାର ପଦକ ବିଜେତା କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ କରାଯାଇଥିଲା। ଏଥିରେ ବ୍ୟକ୍ତିଗତ ଓ ଦଳଗତ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଟଙ୍କା ଓ କାଂସ୍ୟ ପଦକ ବିଜେତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। 'ଏହା କେବଳ କିଟ୍ ଓ କିସ୍ ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଶଶ ପାଇଁ ଗର୍ବ ଓ ଗୌରବର ବିଷୟ। ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଆଗାମୀ ଦିନରେ ଅଲିମ୍ପିକ୍ସରେ ମଧ୍ୟ ପଦକ ହାସଲ କରିବେ' ବୋଲି ଶ୍ରୀ ସାମନ୍ତ ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଫେନ୍‌ସିଙ୍ଗ୍ ପ୍ରଶିକ୍ଷଣ ଶିବିରରେ ୩୦ ଖେଳାଳି



ଭୁବନେଶ୍ୱର,୧୬।୧୨ (ସମିସ): ୩୩ତମ ଜାତୀୟ କନିଷ୍ଠ ଫେନସିଙ୍ଗ ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୫-୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା କଟକ ରେ ଅନୁଷ୍ଠିତ ହେବ ଏନେଇ ଆଜି ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଫେନ୍‌ସିଙ୍ଗ୍ ହଲ୍‌ଠାରେ ଓଡିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୬ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ମୋଟ ୩୦ ଜଣ ଖେଳାଳି ପ୍ରଶିକ୍ଷଣ ଶିବିର ରେ ରହିବେ ଏବଂ ତାଙ୍କୁ ସାତ ଜଣ କୋଚ ତାଲିମ ପ୍ରଦାନ କରିବେ । ଏଥିରୁ କନିଷ୍ଠ ବର୍ଗରୁ ୨୪ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ବଛାଯିବ ବୋଲି ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ବଲାଙ୍ଗିର ଅତିରିକ୍ତ ଏସ. ପି ଶ୍ରୀଯୁକ୍ତ ଗୁଣନିଧି ମଲ୍ଲିକ ,ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଅସିଚାଳନା କୋଚ୍ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର,ସୁକାନ୍ତ ସେଠ, କରିଶ୍ମା ରାଉତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସୁଭଦ୍ରା ବେହେରା, ବୁଦ୍ଧିରାଜ ବିଶ୍ୱାଳ,ସସ୍ମିତା ଗଡତିଆ, ଜିତେନ୍ଦ୍ର ନାଏକ, କରୁଣା କର ନାଏକ, ବିଭୁତି ସ୍ୱାଇଁ ଉପସ୍ଥିତ ଥିଲେ।

## ଆଇପିଏଲ୍-୧୯ ମିନି ନିଲାମୀ: ସବୁଠୁ ଦାମି ବିଦେଶୀ ଖେଳାଳି ରେକର୍ଡ ଭାଙ୍ଗିଲା

# ୨୬ ବର୍ଷୀୟ ଗ୍ରୀନ୍ ୨୫.୨୦ କୋଟିରେ ବିକ୍ରି

ଆବୁଧାବି, ୧୬ ।୧୨ (ଏଜେନ୍ସି)

ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ମିନି ଖେଳାଳି ନିଲାମୀ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆବୁଧାବିରେ ଅନୁଷ୍ଠିତ ହୋଇଥିବା ଏହି ଦିନିକିଆ ଖେଳାଳି କ୍ରୟ ପ୍ରକ୍ରିୟାରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କ୍ରିସ୍ ଗ୍ରୀନ ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗି ସବୁଠୁ ଦାମି ଖେଳାଳି ହେବାର ରେକର୍ଡ କରିଛନ୍ତି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ୨୬ ବର୍ଷୀୟ ଗ୍ରୀନଙ୍କୁ ୨୫.୨୦ କୋଟି ଟଙ୍କାରେ କ୍ରୟ କରିଥିଲା। ନିଲାମୀ ସମୟରେ ଗ୍ରୀନଙ୍କୁ ନେବା ପାଇଁ କୋଲକାତା ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା। ସିଏସ୍‌କେ ୨୫ କୋଟି ପର୍ଯ୍ୟନ୍ତ ବାଜି ଲଗାଇଥିଲା।


କ୍ରିସ୍ ଗ୍ରୀନ


କାର୍ତ୍ତିକ ଶର୍ମା


ପ୍ରଶାନ୍ତ ବୀର

କିନ୍ତୁ ଶେଷରେ କୋଲକାତା ୨୫.୨୦ କୋଟି ସହ ବାଜିମାତ୍ କରିନେଇଥିଲା। ଗ୍ରୀନଙ୍କ ମୂଳ ଦର ୨ କୋଟି ରହିଥିବାବେଳେ ସେ ପାଖାପାଖି ୧୩ ଗୁଣା ମୂଲ୍ୟରେ ବିକ୍ରି ହୋଇଥିଲେ। ଫଳରେ ଆଇପିଏଲ୍ ଇତିହାସରେ ସର୍ବକାଳୀନ ଦାମି ବିଦେଶୀ ଖେଳାଳି ହୋଇଛନ୍ତି ଏହି ଅଷ୍ଟ୍ରେଲୀୟ କ୍ରିକେଟର୍। ପୂର୍ବରୁ ଦାମି ବିଦେଶୀ ଖେଳାଳି ରେକର୍ଡର ଟ୍ୟାଗ୍ ସମାନ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କଠାରେ ଲାଗିଥିଲା। ୨୦୨୪ ଖେଳାଳି ନିଲାମୀରେ କେକେଆର୍ ଫ୍ରାଞ୍ଚାଇଜ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଏଥିସହ ଗ୍ରୀନ ୩ୟ ଅଷ୍ଟ୍ରେଲୀୟ ଭାବେ ଆଇପିଏଲ୍‌ରେ ୨୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଗ୍ରୀନଙ୍କ ପୂର୍ବରୁ ଷ୍ଟାର୍କ ଓ କମିନ୍ସ (୨୦.୫ କୋଟି) ଏହି ୨୦ କୋଟି ଦର ଅତିକ୍ରମ କରିଥିଲେ। ଗ୍ରୀନ ୨୫.୨୦ କୋଟି ଟଙ୍କାରେ କ୍ରୟ ହୋଇଥିଲେ ମଧ୍ୟ ପ୍ରାପ୍ୟ ବାବଦକୁ ସେ ୧୮ କୋଟି ଟଙ୍କା ପାଇବେ। ଆଇପିଏଲ୍‌ର 'ମ୍ୟାକ୍ସିମମ୍ ଫି' ନିୟମ ଅନୁଯାୟୀ ବଳକା ୭.୨୦ କୋଟି ଟଙ୍କା ବିସିସିଆଇ ନିକଟକୁ ଯିବ। ଏଥିପୂର୍ବରୁ ଗ୍ରୀନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ମୋଟ୍ ୨୯ଟି ମ୍ୟାଚ୍ ଖେଳି ୭୦୭ ରନ ସଂଗ୍ରହ କରିଥିଲେ।

### ଦୁଇ ଖେଳାଳିଙ୍କ ପାଇଁ ୪୩.୨୦ କୋଟି

ମଙ୍ଗଳବାର ନିଲାମୀରେ ସବୁଠୁ ମହଙ୍ଗା ଖେଳାଳି ଦ୍ୱୟ ରହିଥିଲେ କାମେରନ ଗ୍ରୀନ ଓ ମଥିଶା ପତିରାଣା। ଏହି ଦୁଇ ଖେଳାଳିଙ୍କୁ କୋଲକାତା ଫ୍ରାଞ୍ଚାଇଜ ଯଥାକ୍ରମେ ୨୫.୨୦ କୋଟି ଓ ୧୮ କୋଟି ଟଙ୍କାରେ କ୍ରୟ କରିଥିଲେ। ଫଳରେ ଏହି ଦୁଇଜଣ ଖେଳାଳିଙ୍କୁ କ୍ରୟ କରିବା ଲାଗି ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ୪୩.୨୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସିଂହଳୀ ଦ୍ରୁତ ବୋଲର ପତିରାଣାଙ୍କୁ ନିଲାମୀରେ କ୍ରୟ କରିବା ଲାଗି ଦିଲ୍ଲୀ କ୍ୟାପିଟାଲ୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ପ୍ରଥମେ ଲଢ଼େଇ ହୋଇଥିଲା। ଏହାପରେ ଲକ୍ଷ୍ନୌ ଓହରିଯିବା ପରେ କେକେଆର ରେସ୍‌ରେ ସାମିଲ ହୋଇ ଶେଷରେ ବାଜିମାତ୍ କରିଥିଲା।

### ଚମକିଲେ ପ୍ରଶାନ୍ତ, କାର୍ତ୍ତିକ

ସେହିଭଳି ଆଜି ନିଲାମୀରେ ସବୁଠୁ ଚର୍ଚ୍ଚାରେ ରହିଥିଲା ସର୍ବାଧିକଥରର ଟାଇଟଲ୍ ବିଜେତା ଚେନ୍ନାଇ ସୁପର କିଙ୍ଗ୍‌ସ। ଚେନ୍ନାଇ ଦୁଇଜଣ ଅପରିଚିତ ଖେଳାଳିଙ୍କୁ କ୍ରୟ କରିବା ଲାଗି ୨୮.୪୦ କୋଟି ଟଙ୍କା ବ୍ୟୟ କରିଥିଲା। ସେହି ଦୁଇଜଣ ଖେଳାଳି ହେଲେ ଉତ୍ତର ପ୍ରଦେଶ ଅଲ୍‌ରାଉଣ୍ଡର ପ୍ରଶାନ୍ତ ବୀର ଓ ରାଜସ୍ଥାନର ବ୍ୟାଟର୍ କାର୍ତ୍ତିକ ଶର୍ମା। ଉଭୟଙ୍କୁ ଚେନ୍ନାଇ ୧୪.୨୦ କୋଟି ଲେଖାଏଁରେ କିଣି ଦଳରେ ସାମିଲ କରିଛି। ଉଭୟଙ୍କ ମୂଳ ଦଳ ୩୦ ଲକ୍ଷ ଟଙ୍କା ରହିଥିଲା। ଅର୍ଥାତ୍ ଏମାନେ ମୂଳଦରରୁ ୪୯ଗୁଣା ଅଧିକ ମୂଲ୍ୟରେ ନିଲାମୀରେ କ୍ରୟ ହୋଇଥିଲେ। ସେହିଭଳି ଆଇପିଏଲ୍ ଇତିହାସରେ ଅନକ୍ୟାପଡ୍ ଅର୍ଥାତ୍ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଉଭୟ ସର୍ବାଧିକ ମୂଲ୍ୟରେ ବିକ୍ରି ହେବାର ନୂଆ ରେକର୍ଡ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଅଭେସ ଖାନଙ୍କ ନାମେ ରହିଥିଲା। ୨୦୨୨ ନିଲାମୀରେ ଲକ୍ଷ୍ନୌ ଅଭେସଙ୍କୁ ୧୦ କୋଟି ଟଙ୍କାରେ ଦଳରେ ସାମିଲ କରିଥିଲା।

### ଚର୍ଚ୍ଚିତ କ୍ରୟ

| ଖେଳାଳି | ଟିମ୍ | ମୂଳଦର | କ୍ରୟମୂଲ୍ୟ (କୋଟି) |
|---|---|---|---|
| କାମେରନ ଗ୍ରୀନ | କୋଲକାତା | ୨ କୋଟି | ୨୫.୨୦ |
| ମଥିଶା ପତିରାଣା | କୋଲକାତା | ୨ କୋଟି | ୧୮.୦୦ |
| ପ୍ରଶାନ୍ତ ବୀର | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| କାର୍ତ୍ତିକ ଶର୍ମା | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| ଲିଆମ ଲିଭିଂଷ୍ଟୋନ | ହାଇଦରାବାଦ୍ | ୨ କୋଟି | ୧୩.୦୦ |
| ମୁସ୍ତାଫିଜୁର ରେହମାନ | କୋଲକାତା | ୨ କୋଟି | ୯.୨୦ |
| ଜୋଶ୍ ଇଂଲିଶ | ଏକ୍ଷ୍ନୌ | ୨ କୋଟି | ୮.୬୦ |
| ଆକିବ ଦାର | ଦିଲ୍ଲୀ | ୩୦ ଲକ୍ଷ | ୮.୪୦ |
| ରବି ବିଷ୍ଣୋଇ | ରାଜସ୍ଥାନ | ୨ କୋଟି | ୭.୨୦ |
| ଜାସନ ହୋଲ୍ଡର | ଗୁଜରାଟ | ୨ କୋଟି | ୭.୦୦ |
| ଭେଙ୍କଟେଶ ଆୟର | ରାଜସ୍ଥାନ | ୨ କୋଟି | ୭.୦୦ |
| ରାହୁଲ ଚହର | ଚେନ୍ନାଇ | ୧ କୋଟି | ୫.୨୦ |
| ମଙ୍ଗେଶ ଯାଦବ | ବେଙ୍ଗାଲୁରୁ | ୩୦ ଲକ୍ଷ | ୫.୨୦ |
| ବେନ୍ ଡାରୱିସ | ପଞ୍ଜାବ | ୧ କୋଟି | ୪.୪୦ |
| ପାଥୁମ ନିଶାଙ୍କ | ଦିଲ୍ଲୀ | ୭୫ ଲକ୍ଷ | ୪ କୋଟି |

### ବେୟାରଷ୍ଟୋ, ପୃଥ୍ୱୀ ଅଲୋଡ଼ା ରହିଲେ

ଏହି ମିନି ନିଲାମୀରେ ଅନେକ ତାରକା ଖେଳାଳି ଅଲୋଡ଼ା ରହିଛନ୍ତି। ଅର୍ଥାତ୍ ସେମାନଙ୍କୁ ନେବାକୁ ଅଂଶଗ୍ରହଣକାରୀ ୧୦ଟି ଯାକ ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ। ଏହି ତାରକା ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ଜନ୍ନୀ ବେୟରଷ୍ଟୋ, ଆଲଜରୀ ଜୋସେଫ୍, ଜେକ ଫ୍ରେଜର-ମ୍ୟାକଗର୍କ, କାଏଲ ଜେମିସନ, ଡାରୀଲ ମିଚେଲ, ସିନ ଆବଟ୍, ମହୀଷ ଥିକସାନା, ଗେରାଲ୍ଡ କୋଏର୍ଜ, ଡେଭନ କନୱେ, ରହମନୁଲ୍ଲା ଗୁରବାଜ୍, ଝେ ରିଚାର୍ଡସନ ଏବଂ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୃଥ୍ୱୀ ଶ', ଦୀପକ ହୁଡା, କେଏସ୍ ଭରତ, ସର୍ଫରାଜ ଖାନ, ଯଶ ଧୁଲ, କରନ ଶର୍ମା, ବିଜୟ ଶଙ୍କର, ତନୁଷ କୋଟିଆନ ପ୍ରମୁଖ ରହିଛନ୍ତି। ସେହିଭଳି ଦୁଇ ଓଡ଼ିଆ ଖେଳାଳି ରାଜେଶ ମହାନ୍ତି ଓ ସ୍ୱସ୍ତିକ ସାମଲଙ୍କୁ କ୍ରୟ କରିବାକୁ କୌଣସି ଫ୍ରାଞ୍ଚାଇଜ ଆଗ୍ରହ ଦେଖାଇ ନ ଥିଲେ।

## ଆସେସ୍ ସିରିଜ୍: ଆଜିଠୁ ୩ୟ ଟେଷ୍ଟ

ଆଡିଲେଡ୍, ୧୬ ।୧୨ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଆସେସ୍ ସିରିଜର ତୃତୀୟ ଟେଷ୍ଟ ମ୍ୟାଚ ବୁଧବାରଠାରୁ ଆଡିଲେଡ୍ ଓଭାଲରେ ଆରମ୍ଭ ହେବାକୁ ଯାଉଛି। ପର୍ଥ ଅନୁଷ୍ଠିତ ସିରିଜର ପ୍ରଥମ ମ୍ୟାଚକୁ ୮ ୱିକେଟରେ ଜିତି ଅଷ୍ଟ୍ରେଲିଆ ଦମ୍‌ଦାର ଭାବେ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଗାବାରେ ଖେଳାଯାଇଥିବା ଦିବା-ରାତ୍ର ପିଙ୍କବଲ୍ ଟେଷ୍ଟରେ ମଧ୍ୟ ଇଂଲଣ୍ଡ ସମାନ ୮ ୱିକେଟରେ ପରାସ୍ତ ହୋଇଥିଲା। ଫଳରେ ପ୍ରଥମ ଦୁଇଟି ମ୍ୟାଚକୁ ଜିତି ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ୨-୦ରେ ସିରିଜ ଅଗ୍ରଣୀ ରହିଛି।.

## ଏକାଠି ବିଶ୍ୱକପ୍ ଖେଳିବେ ୩ ଭାଇ

ନୂଆଦିଲ୍ଲୀ, ୧୬ ।୧୨ (ଏଜେନ୍ସି): କ୍ରିକେଟ୍ ଇତିହାସରେ ଏପରି ଅନେକ ଭାଇ ଯୋଡ଼ି ରହିଛନ୍ତି ଯେଉଁମାନେ ଏକାଠି ନିଜ ଦେଶ ପକ୍ଷରୁ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। କିନ୍ତୁ କ୍ରିକେଟ୍ ବିଶ୍ୱକପ୍ କୌଣସି ଫର୍ମାଟ୍‌ରେ ଓ ବୟସବର୍ଗରେ ତିନି ଭାଇ ଏକାଠି ଖେଳିବା ଏହା ଦ୍ୱିତୀୟ ଘଟଣା। ଆସନ୍ତାବର୍ଷ ଜିମ୍ବାୱେ ଓ ନାମିବ୍ୟାରେ ମିଳିତ ଭାବେ ହେବାକୁ ଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଲାଗି ଜାପାନ ଦଳ ଘୋଷଣା କରାଯାଇଛି। ଜାପାନର ୧୫ ଜଣିଆ ଦଳରେ ୩ ଭାଇ ସ୍ଥାନ ପାଇଛନ୍ତି। ସେମାନେ ହେଲେ ମଣ୍ଟଗୋମେରୀ ହାରା ହେଞ୍ଜ, ଚାର୍ଲ୍ସ ହାରା ହେଞ୍ଜ ଓ ଗ୍ରାବିଏଲ୍ ହାରା ହେଞ୍ଜ। ଏଥିପୂର୍ବରୁ ୧୯୭୬ରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦଳରେ ହାଡଲୀ ବ୍ରଦର୍ସ ରିଚାର୍ଡ, ବାରୀ ଓ ଡେଲୀ ଏକାଠି ଖେଳି ଇତିହାସ ରଚିଥିଲେ।


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଧଜେନ୍ଦ୍ର ବରିଷଲ
ଆବିର୍ଭାବ: ୧୪.୦୩.୧୯୩୯
ତିରୋଧାନ: ୦୭.୧୨.୨୦୨୫

ଧଜେନ୍ଦ୍ର ବରିଷଲ ଥିଲେ ରସୁଲଗଡ ଅଞ୍ଚଳର ଜଣେ ଶତାୟୁ ପୁରୁଷ। ଜଣେ ପରୋପକାରୀ, ମିଷ୍ଟଭାଷୀ ହିସାବରେ ସେ ଅଂଚଳରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ଗ୍ରାମକୁ ଯେଉଁ କେତେଜଣ ପରିଚିତ କରିଛନ୍ତି ସେମାନଙ୍କ ଭିତରେ ସେ ଥିଲେ ଅନ୍ୟତମ। କି ପିଲା କି ବୟସ୍କ ବ୍ୟକ୍ତି ସମସ୍ତଙ୍କ ସହ ମିଶି ପାରୁଥିବା ମଣିଷଟିଏ ଥିଲେ ସେ। ଲୋକଙ୍କୁ ଦେଖିଲେ ଖୁସିରେ ହୃଦୟରୁ କଲ୍ୟାଣ କରୁଥିଲେ। ତାଙ୍କର ସ୍ନେହ, ସତ କର୍ମ ସରଳ ଜୀବନ ପାଇଁ ଆଜି ତାଙ୍କର ଅବର୍ତ୍ତମାନରେ ସମସ୍ତେ ଆଜି ଦୁଃଖିତ, ତାଙ୍କର ଏହି ଦୁଃଖଦଃ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ଜ୍ୟେଷ୍ଠ ପୁତ୍ର ଶ୍ରୀ ପ୍ରମୋଦ ବରିଷଲ, ଶ୍ରୀ ପ୍ରଦୀପ ବରିଷଲ, ପୁତ୍ର ବଧୂ କର୍ପୋରେଟର ଶ୍ରୀମତୀ ସ୍ମୃତିରେଖା ବରିଷଲ ଓ ସମସ୍ତ ଶୋକାକୁଳ ପରିବାରକୁ ଏହି ଅପୂରଣୀୟ କ୍ଷତି ସହିବାର ଧୈର୍ଯ୍ୟ ଓ ସାହସ ଦିଅନ୍ତୁ। ଆଜି ଆମେ ତାଙ୍କର ଏହି ପବିତ୍ର ଅମର ଆତ୍ମାକୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ଉମେଶ ଦାଶ
ବାସୁଦେବ ନଗର ଉନ୍ନୟନ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS